

'ୱାର୍-୨'କୁ ନେଇ
ବାଣୀଙ୍କ ଖୁଲାସା
▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-39 ◆SATURDAY ◆2 AUG 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୯ ◆ଶନିବାର ◆୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ସପ୍ତାହେ ଟଳିଲା ଟ୍ରମ୍ପ ଟାରିଫ୍; ଅଗଷ୍ଟ ୭ରୁ ଲାଗୁ



■ **ନୂଆଦିଲ୍ଲୀ,୧।୮ (ଏଜେନ୍ସି):** ସାମୟିକ ଭାବେ ଟଳିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମା। ଆଜିଠାରୁ ଲାଗୁ ହେବାକୁ ଯାଉଥିବା ଏହି ନୂଆ ଟାରିଫ୍‌ରେ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ମିଳିଛି ଗୋଟିଏ ସପ୍ତାହର ଆଶ୍ୱସ୍ତି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମାରେ ଏହି ଶୁଳ୍କ ଏବେ ୭ ଦିନ ପରେ ଭାରତ, ବାଂଲାଦେଶ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶ ଉପରେ ଲାଗୁ ହେବ। ଏବେ ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରମ୍ପ ବୁଧବାର ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହା ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହେବାର ଥିଲା। ଏବେ ଏହାକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ହେଲେ କୌତୂହଳର ବିଷୟ ହେଉଛି ଯେ, ଟ୍ରମ୍ପ୍ ବାଂଲାଦେଶ ଏବଂ ପାକିସ୍ତାନ ଉପରେ ଘୋଷଣା କରିଥିବା ଟାରିଫ୍‌ରେ ହ୍ରାସ ଘଟାଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଉପରେ ଟ୍ରମ୍ପ୍ ୨୯% ଟାରିଫ୍ ଘୋଷଣା କରିଥିବାବେଳେ ଏବେ ଏହାକୁ ୧୯%କୁ ହ୍ରାସ ଘଟାଇଛନ୍ତି। ସେହିପରି ବାଂଲାଦେଶ ଉପରେ ଲାଗୁ ହେବାକୁ ଥିବା ୩୫% ଟାରିଫ୍‌କୁ ସେ ୨୦%କୁ ହ୍ରାସ କରିଛନ୍ତି।

## ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ନିର୍ବାଚନ



■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରଠାରୁ ଖାଲିଥିବା ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଘୋଷଣା ହୋଇଛି। ସେପ୍ଟେମ୍ବର ୯ ତାରିଖ ସକାଳ ୧୦ଟାରୁ ୫ଟା ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କୁହାଯାଇଛି। ଏହି ଦିନ ହିଁ ଫଳାଫଳ ଘୋଷଣା କରାଯିବ। ଏହି ପଦ ପାଇଁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିହେବ। ଏହାର ଦିନକ ପରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ରାତିରେ ଧନଖଡ଼ ଅଚାନକ ଇସ୍ତଫା ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ବାକି ଥିଲେ ମଧ୍ୟ ଏହାର ଦିନକ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରି ନେଇଥିଲେ। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରକୃତ କାରଣ ନୁହେଁ। ଅସଲ କାରଣ କ'ଣ ତାହା ସାର୍ବଜନୀନ କରାଯାଉ ବୋଲି ବିରୋଧୀ ଦାବି କରିଥିଲେ।

## ସଂସଦରେ ଅପ୍ରୀତିକର ସ୍ଥିତି

# ହଟୁନି ଅଚଳାବସ୍ଥା

### 'ସିନ୍ଦୂର' ବିତର୍କ ପରେ ଆଗଉନି ଗୃହକାର୍ଯ୍ୟ

■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନର ଶୁକ୍ରବାର ଦଶମ ଦିନରେ ବି ଅଚଳାବସ୍ଥା ଜାରି ରହିଛି। ଦୁଇ ଦିନ ଧରି ଉଭୟ ଗୃହରେ 'ଅପରେସନ୍ ସିନ୍ଦୂର' ବିତର୍କ ପରେ ସଂସଦ ଏକ ପ୍ରକାର ଅଚଳ ହୋଇପଡ଼ିଛି। ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ଦାବି ଉପସ୍ଥାପନ କରିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ବିରୋଧୀ ସଦସ୍ୟମାନେ ଆଜି ଉଭୟ ଗୃହରେ ବିହାର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆରକୁ ପ୍ରତ୍ୟାହାର ଦାବି କରି ଏହା ଉପରେ ଚର୍ଚ୍ଚା କରିବାକୁ କହିଥିଲେ। କିନ୍ତୁ ଉଭୟ ଗୃହର ଅଧ୍ୟକ୍ଷ ଏହା ଉପରେ ଚର୍ଚ୍ଚା ପାଇଁ ମନା କରିଦେବା ପରେ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ କୌଣସି ଗୃହକାର୍ଯ୍ୟ କିମ୍ବା ପ୍ରଶ୍ନକାଳ ଆଲୋଚନା ମଧ୍ୟ ହୋଇପାରି ନ ଥିଲା। ଉଭୟ ସଦନକୁ ବାରମ୍ବାର ମୁଲତବୀ କରାଗଲେ ବି ସ୍ଥିତି ସୁଧୁରି ନ ଥିଲା। ଆଜି ରାଜ୍ୟସଭାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ବିରୋଧୀ ସଦସ୍ୟଙ୍କୁ ଅଟକାଇବା ପାଇଁ ମାର୍ଶାଲଙ୍କୁ ଡକା ଯାଇଥିଲା। ଏଭଳି ପଦକ୍ଷେପକୁ ବିରୋଧୀ ସମାଲୋଚନା କରିଥିଲେ। ଏହା ଗଣତନ୍ତ୍ର ▸ପୃଷ୍ଠା-୭



### ମାର୍ଶାଲ୍ ହସ୍ତକ୍ଷେପକୁ ନେଇ ଉପାଧ୍ୟକ୍ଷଙ୍କୁ ଖଡ଼୍‌ଗେଙ୍କ ଚିଠି

### କିଛି ସଦସ୍ୟ ଆକ୍ରାମକ ହେବାରୁ ଅଟକା ଗଲା: ରିଜିଜୁ

## ସଂସଦରେ ଓଡ଼ିଶା ନାରୀ ହିଂସା

■ **ନୂଆଦିଲ୍ଲୀ:** ରାଜ୍ୟସଭାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ଧରି ଉଠିଛି ଓଡ଼ିଶାରେ ନାରୀ ହିଂସା ପ୍ରସଙ୍ଗ। ବିଜେଡିର ସମସ୍ତ ୭ ଜଣ ସାଂସଦ ଓଡ଼ିଶାରେ ମହିଳା ଓ ଶିଶୁମାନଙ୍କ ବିରୋଧରେ କ୍ରମବର୍ଦ୍ଧିଷ୍ଣୁ ଘୃଣ୍ୟ ଅପରାଧ ବୃଦ୍ଧି ପ୍ରସଙ୍ଗରେ ଦେଇଥିବା ମୁଲତବୀ ନୋଟିସକୁ ଉପାଧ୍ୟକ୍ଷ ଖାରଜ ପ୍ରତିବାଦରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛି ବିଜେଡି। ଫଳରେ ଦ୍ୱିତୀୟ ଦିନ ପାଇଁ ରାଜ୍ୟସଭାକୁ କିଛି କାଳ ମୁଲତବୀ ରଖାଯାଇଛି।

ଗତକାଲି ଏ ସଂକ୍ରାନ୍ତରେ ବିଜୁ ଜନତା ଦଳ (ବିଜେଡି)ର ସମସ୍ତ ସାଂସଦଙ୍କ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଖାରଜ କରି ଦେଇଥିଲେ। ଏହାକୁ ନେଇ ଦଳର ସାଂସଦମାନେ ହଟ୍ଟଗୋଳ କରିବା ସହ ପ୍ରତିବାଦ ଜାରି ରଖିଥିଲେ। ଆଜି ପୁନର୍ବାର ରାଜ୍ୟସଭା ନିୟମାବଳୀର ନିୟମ ୨୬୭ ଅନୁଯାୟୀ ବିଜେଡି ସଦସ୍ୟମାନେ ମୁଲତବୀ ନୋଟିସ୍ ଦାଖଲ କରିଥିଲେ, ଯେଉଁଥିରେ ଓଡ଼ିଶାରେ ମହିଳା ଏବଂ ଶିଶୁମାନଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧର ଉଦବେଗଜନକ ବୃଦ୍ଧି ଉପରେ ତୁରନ୍ତ ମୁଲତବୀ ଆଲୋଚନା କରିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ବିଜେଡି ସାଂସଦମାନେ ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ଗୃହ ପରିଚାଳନା ସମ୍ଭବ ହୋଇ ନ ▸ପୃଷ୍ଠା-୭

### ମୁଲତବୀ ନୋଟିସ ଖାରଜ

### ବିଜେଡି ସାଂସଦଙ୍କ ହଟ୍ଟଗୋଳ

### ବିହାର ଭୋଟର ତାଲିକା ସଂଶୋଧନ

## ବାଦ୍ ପଡ଼ିଲେ ୬୫ ଲକ୍ଷ

■ **ପାଟନା, ୧।୮ (ଏଜେନ୍ସି):** ବିହାର ଭୋଟର ତାଲିକା ସଂଶୋଧନ ପରେ ନିର୍ବାଚନ କମିଶନ ଜାରି କରିଛନ୍ତି ନୂତନ ଭୋଟର ତାଲିକା। ମାତ୍ର ଏହା ପ୍ରକାଶିତ ହେବା ପରେ ସାରା ଦେଶରେ ସରଗରମ ହୋଇଛି ରାଜନୀତି। ନୂତନ ଭୋଟର ତାଲିକାରୁ ୬୫, ୦୬, ୩୭୫ ନାମ ବାଦ ଦିଆଯିବାକୁ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଏହାକୁ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଛନ୍ତି ଓ ଏହି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବି କରୁଛନ୍ତି।

ସୂଚନା ଅନୁସାରେ ଗୋଟିଏ ଗୋଟିଏ ଲୋକସଭା କ୍ଷେତ୍ରରୁ ପ୍ରାୟ ୨ ଲକ୍ଷରୁ ଅଢ଼େଇ ଲକ୍ଷ ପର୍ଯ୍ୟନ୍ତ ଭୋଟରଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ସାରନ ଲୋକସଭା କ୍ଷେତ୍ରରେ ଭୋଟର ତାଲିକାରୁ ୨.୭୩ ଲକ୍ଷ ଲୋକଙ୍କ ନାମ କଟିଛି। ଭାଗଲପୁରରେ ୨.୪୪ ଲକ୍ଷ, ପଶ୍ଚିମ ଚମ୍ପାରନରେ ୧.୯୧ ଲକ୍ଷ, କିଶନଗଞ୍ଜରେ ୧.୪୬ ଲକ୍ଷ, ସହରସାରେ ୧.୩୧ ଲକ୍ଷ, ସୁପୋଲରେ ୧.୨୮ ଲକ୍ଷ, ଖଡ଼ଡ଼ିଆରେ ୭୯ରେ ୭୯ ହଜାର, ଶେଖପୁରାରେ ୨୬ ହଜାର ଭୋଟରଙ୍କ ନାମ ନୂଆ ସୂଚୀରେ ନ ଥିବା ଦେଖାଯାଇଛି।

ସେହିପରି ବେଗୁସରାଇ ଜିଲ୍ଲାରେ ମୋଟ ଭୋଟରଙ୍କ ସଂଖ୍ୟା ୨୨.୪୫ ଲକ୍ଷ ଥିବାବେଳେ ନୂଆ ତାଲିକାରେ ଏହା ୨୦.୭୭ ଲକ୍ଷକୁ ହ୍ରାସ ପାଇଛି। ଏଠାରେ ୧.୬୭ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି। ପାଟନାର ୧୪ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫୦.୪୭ ଲକ୍ଷ ମତଦାତାଙ୍କ ସୂଚୀରୁ ୩.୯୫ ଲକ୍ଷ ନାମ କଟାଯାଇଛି। ସମସ୍ତିପୁର ଜିଲ୍ଲାରେ ▸ପୃଷ୍ଠା-୭

### ଜାତୀୟ ଚଳଚ୍ଚିତ୍ର ପୁରସ୍କାର

## 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ

■ **ଭୁବନେଶ୍ୱର, ୧।୮ (ସମିସ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ଏହି ତାଲିକାରେ ସ୍ଥାନ ପାଇଛି ଓଡ଼ିଆ ଫିଲ୍ମ 'ପୁଷ୍କରା'। ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ମିଳିବ। ୨୦୨୩ ମସିହା ଗଣେଶ ପୂଜାରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଓ ନାୟିକା ସୁପ୍ରିୟାଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଁଟିଛି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ "ନାଦବିନ୍ଦୁ' ଉପରେ ଆଧାରିତ 'ପୁଷ୍କରା'ରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତିଙ୍କ ଭଳି ଅନୁଭବୀ ଅଭିନେତା ଅଭିନୟ କରିଛନ୍ତି। ମୃତ୍ୟୁ ପରେ ▸ପୃଷ୍ଠା-୭



### ଶାହାରୁଖ, ମାସି ଶ୍ରେଷ୍ଠ ଅଭିନେତା

### ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ

### ମୋହନ, ନବୀନଙ୍କ ଶୁଭେଚ୍ଛା

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

## ଲିକ୍ ପଛର ବଡ଼ ମୁଣ୍ଡ କିଏ ?

■ **କଟକ, ୧।୮(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଭବାନୀପାଟଣାର ଆଉ ଜଣେ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)ଙ୍କୁ ଗିରଫ କରିଛି। ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୭ ଛୁଇଁଛି। ଏହି ଘଟଣାର ମୂଳଉତ୍ସ କୁହାଯାଉଥିବା କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟର ଜଣେ କର୍ମଚାରୀ (ଡାଟା ଏଣ୍ଟ୍ରି ଅପରେଟର୍)ଙ୍କୁ ଗିରଫ କରାଯାଇଥିଲା। ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରୁ ପ୍ରଶ୍ନପତ୍ର ଲିକ ହୋଇଥିଲା, ସେହି କାର୍ଯ୍ୟାଳୟର ଆଉ କିଏ ବଡ଼ ମୁଣ୍ଡ ତଥା ଅଧିକାରୀ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ନା ନାହିଁ। କିନ୍ତୁ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିରବ ରହିଛି। ଯଦିଓ ଏ ଦିଗରେ ତଦନ୍ତ ଅଗ୍ରଗତି କରିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର। ଏପରିକି, ବୋର୍ଡର କେତେଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ଏହି ଘଟଣାରେ ପଚରାଉଚରା ଚାଲିଛି ବୋଲି କୁହାଯାଇଛି। ▸ପୃଷ୍ଠା-୭

### ପୁଣି ଜଣେ ଶିକ୍ଷକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

### ସନ୍ଦେହଘେରରେ ବୋର୍ଡ କାର୍ଯ୍ୟାଳୟର ଏକାଧିକ ଅଧିକାରୀ ଓ କର୍ମଚାରୀ

### ଅଗଷ୍ଟ ୩୧ରେ ଓଟିଇଟି ପରୀକ୍ଷା

■ **କଟକ, ୧।୮ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଆଜି ସାନି ସମୟ ନିର୍ଘଣ୍ଟ ପ୍ରକାଶ ପାଇଛି। ଗତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ପାଇଁ ସ୍ଥଗିତ ରଖାଯାଇଥିଲା ବେଳେ ବୋର୍ଡ ପକ୍ଷରୁ ସାନି ତାରିଖ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୧ ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢେ଼୧୧ଟା ପର୍ଯ୍ୟନ୍ତ ଓ ପେପର-୨ ▸ପୃଷ୍ଠା-୭

## ୫ ପ୍ରସ୍ତାବକୁ କ୍ୟାବିନେଟ ମୋହର

■ **ଭୁବନେଶ୍ୱର, ୧।୮ (ସମିସ):** ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଉପରେ ବାଜିଛି ମୋହର। ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟ ସଚିବ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଦ୍ରବ୍ୟ ଓ ସେବାର କର ଅଧିନିୟମ ୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସ୍ଥାକୁ ସରଳ କରାଯାଇଛି। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱହାନି ଆଶଙ୍କାକୁ ଏଡ଼ାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ ଟିକସର ୧୦ ପ୍ରତିଶତ ଶାସ୍ତି ରାଶି ଆଦାୟ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ ର ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ିବ ଓ ▸ପୃଷ୍ଠା-୭

### ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ସଂଶୋଧନ

### ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ପାଇଁ ସମ୍ପ୍ରସାରଣ




### 'ଦମନ' ବାଟବଣା

## ରାଜ୍ୟରେ ମ୍ୟାଲେରିଆ ଉପରମୁହାଁ

■ **ଭୁବନେଶ୍ୱର, ୧।୮ (ସମିସ):** ୨୦୨୭ ସୁଦ୍ଧା ଦେଶକୁ ମ୍ୟାଲେରିଆ ମୁକ୍ତ କରାଯିବାକୁ କେନ୍ଦ୍ର ସରକାର କରିଥିବା ଘୋଷଣା ୨୦୩୦କୁ ଘୁଞ୍ଚାଇଛନ୍ତି। ମାତ୍ର ବର୍ତ୍ତମାନ ପୂର୍ବ, ଉତ୍ତରପୂର୍ବ ଓ ଦକ୍ଷିଣଭାରତରେ ମ୍ୟାଲେରିଆର ସ୍ଥିତିକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ କେବେ ପୂରଣ ହେବ ତାହା କହି ହେଉ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶା ପରି ରାଜ୍ୟରେ 'ଦମନ' ଭଳି ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଏବେ ବାଟବଣା ହେବା ଯୋଗୁଁ ଦୀର୍ଘଦିନ ଧରି ନିମ୍ନଗାମୀ ହୋଇ ଚାଲିଥିବା ଗ୍ରାଫ୍ ଏବେ ପୁଣି ଉପରମୁହାଁ ହେବାରେ ଲାଗିଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲ୍ଲା ଗୁଡ଼ିକରେ ମ୍ୟାଲେରିଆ ଚିହ୍ନଟ ପ୍ରତି ବର୍ଷ ରେକର୍ଡ ଭାଙ୍ଗୁଛି। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ ଆଦି ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍‌ଭିବିଡିସିପି) ତଥ୍ୟ ଅନୁସାରେ ଗତ ୩ ବର୍ଷ ହେଲା ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବ ସରକାର କାର୍ଯ୍ୟକାରୀ କରୁଥିବା 'ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ'(ଦମନ) ଯୋଜନା ଏବେ ଆପାତତଃ ମୃତପ୍ରାୟ। ଫଳରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ମ୍ୟାଲେରିଆ ▸ପୃଷ୍ଠା-୭

### ▸▸ ମଶା ଦାଉରେ କଲବଲ ଓଡ଼ିଶା

### ▸▸ ଜନସାଧାରଣଙ୍କ ପାଖରେ ପହଞ୍ଚିପାରୁନି ଔଷଧୀୟ ମଶାରି




## ବିଷ ପିଇ ଜୀବନ ହାରିଲେ ଚାଷୀ

■ **କଣ୍ଟାବାଞ୍ଜି, ୧।୮ (ସମିସ):** ମୁଣ୍ଡ ଉପରେ କରଜ ବୋଝ ସାଙ୍ଗକୁ ଚାଷ କାର୍ଯ୍ୟ ଭଲ ନ ହେବାରୁ ଜଣେ ଚାଷୀ ଆଜି ନିଜ ଜମିରେ ବିଷ ପିଇ ଜୀବନ ହାରିଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ମୁରିବାହାଲ ବ୍ଲକ୍ ଡଙ୍ଗରପଡ଼ା ପଞ୍ଚାୟତର ଦନ୍ଦରା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ଗ୍ରାମର ରାଜ କୁମାର ପାତ୍ର। ସେ ଆଜି ବିଲକୁ ଯାଇଥିବା ବେଳେ ସେଠାରେ ବିଷ ପିଇ ଦେଇଥିଲେ। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଖୋଜାଖୋଜି ▸ପୃଷ୍ଠା-୭

## ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ମାଗିଲା ଆମେରିକା



ୱାଶିଂଟନ, ୧।୮ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପୁରସ୍କାର ନିଶା ଘାରିଛି। ଏହା ପୁଣି ଯାହି ତାହିଆ ପୁରସ୍କାର ନୁହେଁ, ନୋବେଲ ଶାନ୍ତି ପୁରସ୍କାର। ପାକିସ୍ତାନ, ଇସ୍ରାଏଲ ପରେ ଏବେ ଖୋଦ ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ହ୍ୱାଇଟ ହାଉସ ପକ୍ଷରୁ ଟ୍ରମ୍ପଙ୍କୁ ଏହି ପୁରସ୍କାର ଦେବାକୁ ଦାବି କରାଯାଇଛି। ଆମେରିକାରୁ ବିଦେଶୀ ନାଗରିକଙ୍କୁ ଅକଥନୀୟ ନିର୍ଯାତନା ଦେଇ ନିଜ ଦେଶକୁ ପଠାଇଥିବା ଟ୍ରମ୍ପଙ୍କ ସପକ୍ଷରେ ହ୍ୱାଇଟ ହାଉସ ସଚିବ କ୍ୟାରୋଲାଇନ ଲେଭିଟ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପ ୬ ମାସର କାର୍ଯ୍ୟକାଳରେ ବିଶ୍ୱରେ ୬ଟି ସଂଘର୍ଷକୁ ବନ୍ଦ କଲେଣି। ଏହା ମଧ୍ୟରେ ଇସ୍ରାଏଲ-ଇରାନ, ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ରୱାଣ୍ଡା-କଙ୍ଗୋ, ସର୍ବିଆ-କୋସାଭୋ ଏବଂ ଇଜିପ୍ଟ-ଇଥୋପିଆ ସଂଘର୍ଷ ସାମିଲ ରହିଛି। ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ଗତ ମାସରେ ଟ୍ରମ୍ପ ମଧ୍ୟ ନିଜ ପାଇଁ ନୋବେଲ ଶାନ୍ତି ପୁରସ୍କାର ଦାବି କରିଥିଲେ।

## ୪ ବର୍ଷ ପରେ ମ୍ୟାଁମାର୍‌ରୁ ହଟିଲା ଏମର୍ଜେନ୍ସି



ନାପିଡ୍ୟ, ୧।୮ (ଏଜେନ୍ସି): ଦୀର୍ଘ ୪ ବର୍ଷ ପରେ ମ୍ୟାଁମାରର ସାମରିକ ସରକାର ଜୁଣ୍ଟା ଦେଶରୁ ଏମର୍ଜେନ୍ସି (ଜରୁରୀ ସ୍ଥିତି) ହଟାଇ ଦେଇଛନ୍ତି। ଡିସେମ୍ବରରେ ନିର୍ବାଚନ କରାଇବାକୁ ସାମରିକ ଶାସକ ସିନିୟର ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗ ଘୋଷଣା କରିଛନ୍ତି। ଜୁଣ୍ଟା ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଏକ ଟିଭିକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ଆମେ ଗଣତନ୍ତ୍ର ଚାହୁଁଛୁ। କିନ୍ତୁ ଦେଶରେ ଚାଲୁଥିବା ହିଂସା ଏବଂ ବିକ୍ଷୋଭ ଯୋଗୁଁ ଲୋକେ ନିର୍ବାଚନର ନିରପେକ୍ଷତା ଉପରେ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ ହ୍ଲାଇଙ୍ଗ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ପ୍ରାଶାସନିକ ପରିଷଦର ପଦ ଛାଡ଼ି ଦେଇଛନ୍ତି। କିନ୍ତୁ ସେ ନୂଆ ବ୍ୟବସ୍ଥାରେ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ପାଲଟି ଯାଇଛନ୍ତି। ଏହା ଦ୍ୱାରା ତାଙ୍କ କ୍ଷମତା ଅଧିକ ବୃଦ୍ଧି ପାଇଛି। ଏବେ ସବୁ ସରକାରୀ ଦାୟିତ୍ୱ ସେନା ନିୟନ୍ତ୍ରିତ 'ନ୍ୟାସନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି କାଉନସିଲ' ପାଖରେ ରହିଛି। ଏହି ପରିଷଦ 'ରାଜ୍ୟ ସୁରକ୍ଷା ଏବଂ ଶାନ୍ତି କମିଶନ' ଗଠନ କରିଛି। ତେବେ ଏହାର ନେତୃତ୍ୱ ମଧ୍ୟ ହ୍ଲାଇଙ୍ଗ ନେଉଛନ୍ତି।

## ଆପ୍ ମନ୍ତ୍ରୀଙ୍କୁ ବିଦେଶ ଗସ୍ତ ମନା



ଅମୃତସର, ୧।୮ (ଏଜେନ୍ସି): ପଞ୍ଜାବର ଶକ୍ତିମନ୍ତ୍ରୀ ହରଭଜନ ସିଂହ ଇଟିଓଙ୍କୁ ବଡ଼ ଝଟ୍‌କା ଲାଗିଛି। କେନ୍ଦ୍ର ସରକାର ତାଙ୍କୁ ଆମେରିକା ଗସ୍ତ ପାଇଁ ଅନୁମତି ଦେଇନାହାନ୍ତି। ସେ ବୋଷ୍ଟନ ଏବଂ ମାସାଚୁସେଟ୍ସରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାସନାଲ କନଫରେନ୍ସ ଅଫ୍ ଷ୍ଟେଟ ଲେଜିଲେଟର୍ସ (ଏନ୍‌ସିଏସ୍‌ଏଲ) ଲେଜିସଲେଟିଭ ସମିଟ୍ ଲାଗି ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆମେରିକା ଯାଇଥାନ୍ତେ। ଏହା ସାରା ବିଶ୍ୱର ବିଧାନସଭା ନେତା, ନୀତି ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରଣକାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ। ଏ ନେଇ ମନ୍ତ୍ରୀଙ୍କୁ ଅନୁମତି ଦିଆଯାଇ ନ ଥିବା କେନ୍ଦ୍ର ପକ୍ଷରୁ ଗୁରୁବାର ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। କ୍ରମାଗତ ପଞ୍ଚମ ଥର ପାଇଁ ଆମ ଆଦମୀ ପାର୍ଟି ସରକାରର କୌଣସି ନେତା ତଥା ବରିଷ୍ଠ ପଦାଧିକାରୀଙ୍କୁ ବିଦେଶ ଗସ୍ତ ପାଇଁ କେନ୍ଦ୍ର ଅନୁମତି ଦେଇନାହିଁ। ଏହି ଘଟଣା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦକୁ ଅଧିକ ଉଗ୍ର କରିବ ବୋଲି କୁହାଯାଉଛି। ଏନ୍‌ସିଏସ୍‌ଏଲ୍ ଏବଂ ଏହାର ଭାରତୀୟ ଶାଖା ପଞ୍ଜାବ ମନ୍ତ୍ରୀଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିଥିଲା।

## ରାଜନୀତି ଛାଡ଼ିଲେ କମଳା ହ୍ୟାରିସ୍

ୱାଶିଂଟନ୍, ୧।୮ (ଏଜେନ୍ସି): ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି କମଳା ଦେବୀ ହ୍ୟାରିସ୍ ରାଜନୀତି ଛାଡିବାକୁ ଘୋଷଣା କରିଛନ୍ତି। ଏବେ ସେ କୌଣସି ରାଜନୈତିକ ପଦ ପାଇଁ ଆଉ ନିର୍ବାଚନ ଲଢ଼ିବେ ନାହିଁ। ଏପରିକି ସେ କାଲିଫର୍ଣ୍ଣିଆ ଗଭର୍ଣ୍ଣର ପଦ ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେନି ବୋଲି ଏକ ସାକ୍ଷାତକାରରେ କହିଛନ୍ତି। ଆମେରିକାର ରାଜନୈତିକ ପ୍ରଣାଳୀ ଭୁଶୁଡି ପଡ଼ିଛି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା ପାଇଁ ସେତେ ସକ୍ଷମ ନୁହଁ ବୋଲି ସେ କହିଛନ୍ତି।

## ଏକାଠି ଡାକ୍ତରୀ ପଢ଼ିବେ ମା-ଝିଅ

ଚେନ୍ନଇ, ୧।୮ (ଏଜେନ୍ସି): ତାମିଲନାଡୁରେ ଜଣେ ୪୯ ବର୍ଷୀୟ ଫିଜିଓଥେରାପିଷ୍ଟ ମା' ଓ ତାଙ୍କ ଝିଅ ମେଡିକାଲର ରାଷ୍ଟ୍ରୀୟ ପ୍ରବେଶ ପରୀକ୍ଷା ନିଟ୍‌ରେ ପାସ୍ କରି ଇତିହାସ ସୃଷ୍ଟି କରିଛନ୍ତି। ମା' ଅମୁଥାଭାଲ୍ଲି ମଣିଭନନ୍ ପ୍ରଥମଥର ପାଇଁ ଝିଅ ସହ ନିଟ୍ ପରୀକ୍ଷା ଦେଇଥିଲେ। ଅମୁଥାଭାଲ୍ଲି ୩ ଦଶନ୍ଧି ତଳେ ଡାକ୍ତର ହେବାକୁ ଚାହୁଁଥିଲେ। କିନ୍ତୁ ସେତେବେଳେ ତାଙ୍କୁ ଏମ୍‌ବିବିଏସ୍ ସିଟ୍ ମିଳି ନ ଥିଲା। ସେଥିପାଇଁ ସେ ଫିଜିଓଥେରାପିରେ ଡିଗ୍ରୀ ହାସଲ କରିଥିଲେ। ଶେଷରେ ତାଙ୍କର ଏହି ଇଚ୍ଛା ପୂରଣ ହୋଇଛି। ଏବେ ମା ଓ ଝିଅ ସାଥି ହୋଇ ଏମ୍‌ବିବିଏସ୍ ପାଠ ପଢ଼ା ଆରମ୍ଭ କରିବେ। ମା'ଙ୍କୁ ସରକାରୀ ମେଡିକାଲ କଲେଜରେ ଆଡମିସନ ମିଳିବ। ଝିଅ ସମ୍ୟୁକ୍ତା କୃପାଳିନୀଙ୍କୁ ମଧ୍ୟ ସେ ନିଟ୍ ପ୍ରସ୍ତୁତିରେ ସାହାଯ୍ୟ କରୁଥିଲେ। ଝିଅକୁ ଦେଖି ମାଆଙ୍କର ମଧ୍ୟ ପରୀକ୍ଷା ଦେବାକୁ ଇଚ୍ଛା ହୋଇଥିଲା। ସ୍ୱାମୀ ମଧ୍ୟ ତାଙ୍କୁ ଏଥିରେ ବହୁତ ସହାୟତା କରିଥିଲେ।

## ବାଂଲାଦେଶୀ ମଡେଲ ଗିରଫ

କୋଲକାତା, ୧।୮ (ଏଜେନ୍ସି): ବେଆଇନ ଭାବେ କୋଲକାତାର ଯାଦବପୁର ଅଞ୍ଚଳରେ ଭଡ଼ା ଘର ନେଇ ରହୁଥିବା ବାଂଲାଦେଶୀ ମଡେଲ ଶାନ୍ତା ପାଲ୍ (୨୮)ଙ୍କୁ ଗିରଫ କରାଯାଇଛି। ସେ ବାଂଲାଦେଶ ବରିଶାଲର ବାସିନ୍ଦା। ତାଙ୍କ ପାଖରେ ଭିସା ନ ଥିଲା। କିନ୍ତୁ ସେ ଭାରତକୁ ଆସି ଦୁଇଟି ଆଧାର କାର୍ଡ, ଭୋଟର ଆଇଡି, ରାଶନ କାର୍ଡ ବନାଇ ଦେଇଥିଲେ। ସେ କେମିତି ଏହା ହାସଲ କରିଥିଲେ ତାହାର ତଦନ୍ତ ଚାଲିଛି। ଆଣ୍ଟି ରାଓଡି ସ୍କ୍ୱାଡ ତାଙ୍କଠାରୁ ବହୁ କାଗଜପତ୍ର ମଧ୍ୟ ଜବତ କରିଛି। ଶାନ୍ତା ବାଂଲାଦେଶରେ ଜଣେ ଲୋକପ୍ରିୟ ଟିଭି ଉପସ୍ଥାପିକା ଓ ଅଭିନେତ୍ରୀ। ଏବେ ମାମଲାର ତଦନ୍ତ ଜାରି ରହିଛି।

## ଦରମା ୧୫ ହଜାର; ସମ୍ପତ୍ତି ୩୦ କୋଟି

ବେଙ୍ଗାଲୁରୁ, ୧।୮ (ଏଜେନ୍ସି): ମାସକୁ ୧୫ ହଜାର ଦରମା ପାଉଥିବା ଜଣେ ବ୍ୟକ୍ତି ୨୪ଟି ଘର ଓ ୩୦ କୋଟି ଟଙ୍କାର ମାଲିକ। ବିଶ୍ୱାସ ନହେଲେ ବି ଏହା ସତ। ଏହି ବ୍ୟକ୍ତି ଜଣକ ହେଉଛନ୍ତି କଲକାପ୍ପା ନିଦାଗୁଣ୍ଡି। ସେ କର୍ଣ୍ଣାଟକ ଗ୍ରାମୀଣ ଭିତ୍ତିଭୂମି ବିକାଶ ଲିମିଟେଡ (କେଆରଆଇଡିଏଲ)ର ଜଣେ କିରାଣୀ ଭାବେ କର୍ଯ୍ୟ କରନ୍ତି। ଲୋକାୟୁକ୍ତ ଅଧିକାରୀ ତାଙ୍କ ବାସଭବନ ଉପରେ ଚଢାଉ କରିବା ପରେ ଏହି କଥା ଜାଣିବାକୁ ପାଇଛନ୍ତି। ସେ କୋପାଲରେ କାର୍ଯ୍ୟ କରନ୍ତି ଓ ସେ ମାସକୁ ୧୫ ହଜାର ଟଙ୍କା ଦରମା ପାଇଥାନ୍ତି। ୨୪ଟି ଘର ସମେତ ତାଙ୍କର ୪ଟି ପ୍ଲଟ୍, ୪୦ ଏକର ଚାଷଜମି, ୪ଟି ଗାଡି, ୩୫୦ ଗ୍ରାମ୍‌ର ସୁନା, ଦେଢ କେଜି ଓଜନର ରୂପା ରହିଛି ଓ ଏହାକୁ ଜବତ କରାଯାଇଛି। ଏହି ସବୁ ସମ୍ପତ୍ତି ନିଦାଗୁଣ୍ଡି, ତାଙ୍କ ପତ୍ନୀ ଓ ଶଳାଙ୍କ ନାମରେ ରହିଛି। ନିଦାଗୁଣ୍ଡିଙ୍କ ସହ ଜଣେ ପୂର୍ବତନ କେଆରଆଇଡିଏଲ ଯନ୍ତ୍ରୀ ଜେଏମ୍ ଚିନଚୋଲକର ୯୬ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ପାଇଁ ନକଲି କାଗଜପତ୍ର ଦେଇ ୭୨ କୋଟି ଟଙ୍କା ଠକାମି କରିଛନ୍ତି ବୋଲି ଜଣା ପଡ଼ିଛି। ବେଙ୍ଗାଲୁରୁ ସମେତ ୪୧ଟି ଜାଗା ଉପରେ ଚଢାଉ କରାଯାଇଛି ଓ ବିଭିନ୍ନ ବ୍ୟକ୍ତିଙ୍କ ନାମରେ ଥିବା ବିପୁଳ ପରିମାଣର ସମ୍ପତ୍ତି ଜବତ କରାଯାଇଛି।

## 'ତୈଳ ଭଣ୍ଡାର ପାକିସ୍ତାନର ନୁହଁ, ବେଲୁଚିସ୍ତାନର'

କ୍ୱେଟା, ୧।୮ (ଏଜେନ୍ସି): ପାକିସ୍ତାନ ସହ ନୂଆ ବାଣିଜ୍ୟ ଚୁକ୍ତି ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ବେଲୁଚିସ୍ତାନର ଜାତୀୟତାବାଦୀ ନେତା ମୀର ୟାର ବାଲୋଚ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପାକିସ୍ତାନରେ ବିପୁଳ ତୈଳ ଭଣ୍ଡାର ରହିଛି ଓ ଏହାର ବିକାଶ କରାଇବା ଦିଗରେ ଆମେରିକା ଓ ପାକିସ୍ତାନ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏହାକୁ ମୀର ବିରୋଧ କରିଛନ୍ତି। ପାକିସ୍ତାନ ସେନାଧ୍ୟକ୍ଷ ଆସିମ ମୁନୀର ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କୁ ଭ୍ରମିତ କରାଉଛନ୍ତି ବୋଲି ସେ କହିଛନ୍ତି। ଏହି ତୈଳ ଭଣ୍ଡାର ପାକିସ୍ତାନର ପ୍ରାଣକେନ୍ଦ୍ର କୁହାଯାଉଥିବା ପଞ୍ଜାବରେ ନୁହଁ, ବରଂ ବେଲୁଚିସ୍ତାନରେ ରହିଛି ବୋଲି ମୀର କହିଛନ୍ତି। ୧୯୪୮ରେ ପାକିସ୍ତାନ ବେଲୁଚିସ୍ତାନକୁ ଜୋର ଜବରଦସ୍ତି ଅକ୍ତିଆର କରି ରଖିଛି। ତେଣୁ ପାକିସ୍ତାନ ପାଖରେ ଏହି ବିଶାଳ ତୈଳ ଭଣ୍ଡାର ରହିଛି କହିବା ଭୂଲ୍ ତଥା ମିଥ୍ୟା। ଏହା ଦ୍ୱାରା ପାକିସ୍ତାନ ବେଲୁଚିସ୍ତାନର ତୈଳ ଭଣ୍ଡାର ଓ ଖଣିଜ ସମ୍ପଦ ଲୁଟିବାକୁ ଯୋଜନା କରୁଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି।

### ନିର୍ବାଚନ କମିଶନଙ୍କୁ ରାହୁଲ ଗାନ୍ଧୀଙ୍କ ଧମକ

# ଭୋଟ ଚୋରି କରୁଛନ୍ତି ନିର୍ବାଚନ ଅଧିକାରୀ



**ଅବସର ନେଲା ପରେ ବି ଛାଡ଼ିବୁନି**

**ପାଖରେ ପରମାଣୁ ବୋମା ଅଛି; ଫାଟିଲେ ଇସି ବଞ୍ଚିବେନି**

**ଅଧିକାରୀଙ୍କୁ ପରାମର୍ଶ ଦେଲେ ନିର୍ବାଚନ କମିଶନ**

**ଏଭଳି ଧମକକୁ ଧ୍ୟାନ ନ ଦେଇ ନିରପେକ୍ଷ ଭାବେ କାମ କର**

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ୯ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଧମକ ଦେଇଛନ୍ତି। ଶୁକ୍ରବାର ସଂସଦ ବାହାରକୁ ଆସିବା ସମୟରେ ଗଣମାଧ୍ୟମ ସହ ଆଲୋଚନା ବେଳେ କଂଗ୍ରେସ ସାଂସଦ ସଙ୍ଗୀନ ଅଭିଯୋଗ ଲଗାଇଛନ୍ତି। ନିର୍ବାଚନ କମିଶନ ହିଁ ଭୋଟ ଚୋରି କରୁଥିବା କହିଛନ୍ତି। ଆମ ପାଖରେ ପରମାଣୁ ବୋମା ରହିଛି। ଯେତେବେଳେ ଏହା ଫାଟିବ ନିର୍ବାଚନ କମିଶନ ବଞ୍ଚିବେ ନାହିଁ। ଭୋଟ ଚୋରି କରିବାର କାମ କରୁଥିବା ନିର୍ବାଚନ କମିଶନଙ୍କୁ ଆମେ ଛାଡ଼ିବୁ ନାହିଁ। ସେ ଭାରତ ବିରୋଧରେ କାମ କରୁଛନ୍ତି। ଏହା ଦେଶଦ୍ରୋହ। ଯେଉଁଠି ଥିଲେ ବି, ଏମିତିକି ଅବସର ଗ୍ରହଣ କରି ସାରିଥିଲା ପରେ ବି ଆମେ ଖୋଜି ଖୋଜି ତାଙ୍କୁ ବାହାର କରିବୁ ବୋଲି ରାହୁଲ ଧମକ ଦେଇଛନ୍ତି।

ଏହା ପୂର୍ବରୁ ଗତ ୨୪ ତାରିଖରେ ରାହୁଲ କହିଥିଲେ ଯେ ସେ ନିର୍ବାଚନ କମିଶନଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ଯଦି ଏଥିରୁ ନିର୍ବାଚନ କମିଶନ କିମ୍ବା ନିର୍ବାଚନ ଅଧିକାରୀ ବଞ୍ଚିଯିବେ ବୋଲି ଲାଗୁଛି ତେବେ ଏହା ଭୁଲ ଧାରଣା। ଆମେ ବର୍ତ୍ତିଯିବାକୁ ଦେବୁ ନାହିଁ। ଅନ୍ୟପକ୍ଷରେ ଆଜି ନିର୍ବାଚନ କମିଶନ ରାହୁଲଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ ଲଗାଇଥିବା ଗମ୍ଭୀର ଅଭିଯୋଗକୁ ଖାରଜ କରିଦେଇଛନ୍ତି। ରାହୁଲଙ୍କୁ ୫ଟି ଜବାବ ଦେବା ସହିତ ଧମକକୁ ନେଇ ନିଜ ଅଧିକାରୀ ମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ରାହୁଲ ଗାନ୍ଧୀଙ୍କୁ ଚଳିତ ବର୍ଷ ଜୁନ୍ ୧୨ରେ ଏକ ମେଲ୍ ପଠା ଯାଇଥିଲା। ମାତ୍ର ସେ ଏ ପର୍ଯ୍ୟନ୍ତ ଆସୁନାହାନ୍ତି। ସେହି ଦିନ ପୁଣି ଏକ ଚିଠି ଲେଖା ଯାଇଥିଲା, କିନ୍ତୁ ରାହୁଲ ଏହାର ବି ଜବାବ ଦେଇ ନ ଥିଲେ। ସେ କେବେ ବି କୌଣସି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କୌଣସି ଚିଠି ଦେଇ ନାହାନ୍ତି। ରାହୁଲ ବହୁତ ଅଜବ ଲୋକ। ଖାଲି ଆଧାରହୀନ ଅଭିଯୋଗ ଲଗାଉଛନ୍ତି। ଏବେ ନିର୍ବାଚନ କମିଶନ ଏବଂ ଏହାର କର୍ମଚାରୀଙ୍କୁ ଧମକାଇବା ଆରମ୍ଭ କରିଦେଇଛନ୍ତି। ଏଭଳି ଆଧାରହୀନ ଅଭିଯୋଗକୁ ଅଣଦେଖା କରିବାକୁ ଇସି ନିଜ ଅଧିକାରୀଙ୍କୁ କହିଛନ୍ତି। କ୍ରମାଗତ ଦିଆଯାଉଥିବା ଧମକ ସତ୍ତ୍ୱେ ପୂର୍ବ ଭଳି ନିରପେକ୍ଷ ଏବଂ ସଚ୍ଚୋଟତାର ସହ କାମ କରିଚାଲନ୍ତୁ। ଜରୁରୀ ହୋଇ ନ ଥିବା ବୟାନକୁ ଅଣଦେଖା କରନ୍ତୁ।

### ସୁପ୍ରିମକୋର୍ଟଙ୍କ ଚେତାବନୀ

## ନକ୍ସାରୁ ଅଦୃଶ୍ୟ ହୋଇଯିବ ହିମାଚଳ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତର ମାନଚିତ୍ରରୁ ହିମାଚଳ ପ୍ରଦେଶ ଅଦୃଶ୍ୟ ହୋଇଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ହିମାଚଳରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରକୃତି ନୁହଁ, ବରଂ ମନୁଷ୍ୟକୃତ କାର୍ଯ୍ୟକଳାପ ହିଁ ଦାୟୀ। ଅନିୟନ୍ତ୍ରିତ ନିର୍ମାଣ, ସଡକ ପ୍ରଶସ୍ତିକରଣ, ଜଳ ବିଦ୍ୟୁତ ପ୍ରକଳ୍ପ ଓ ଜଙ୍ଗଲ ସଫା କରିବା ପ୍ରକ୍ରିୟା ହିଁ ଏହି ସଂକଟ ସୃଷ୍ଟି କରିଛି। ଯଥାଶୀଘ୍ର ଏ ସବୁ କାର୍ଯ୍ୟକଳାପକୁ ରୋକାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ମାମଲାର ଶୁଣାଣି କରିବା ଅବସରରେ ହିମାଚଳ ପରିବେଶ ସଂକଟକୁ ନେଇ କୋର୍ଟ ଚିନ୍ତା ପ୍ରକଟ କରି ଏହି ଟିପ୍ପଣୀ ଦେଇଛନ୍ତି। ଯଦି ଏହି ରାଜ୍ୟର ପରିବେଶ ପ୍ରତି ଧ୍ୟାନ ଦିଆ ନ ଯାଏ ତେବେ ହିମାଚଳର ବିପର୍ଯ୍ୟୟ ନିଶ୍ଚିତ ବୋଲି କୋର୍ଟ ସତର୍କ କରାଇଦେଇଛନ୍ତି। ଏଥିସହ କୋର୍ଟ ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ଏହି ସଂକଟର ସାମ୍ନା କରିବା ନେଇ ଆକ୍ସନ ପ୍ଲାନ ଅର୍ଥାତ କାର୍ଯ୍ୟ ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଜେବି ପର୍ଦ୍ଦିୱାଲା ଓ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଘରୋଇ କମ୍ପାନୀର ଚ୍ୟାଲେଞ୍ଜକୁ ଖାରଜ କରିବା ଅବସରରେ ଏହି କଥା କହିଛନ୍ତି। ଉଲ୍ଲେଖଥାଉ କି, ଶ୍ରୀ ତାରା ମାତା ହିଲ୍‌କୁ ସବୁଜ କ୍ଷେତ୍ର ଘୋଷିତ କରାଯାଇଥିଲା ଓ ଏଠାରେ ନୂଆ ନିର୍ମାଣ ଉପରେ ରୋକ ଲଗାଯିବା ନେଇ ଅଧିସୂଚନା ଜାରି କରାଯାଇଥିଲା। କିନ୍ତୁ ଏହି ଅଧିସୂଚାନକୁ ପ୍ରିଷ୍ଟିନ ହୋଟେଲ୍ସ ଆଣ୍ଡ ରିସର୍ଟ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ ଚ୍ୟାଲେଞ୍ଜ କରିଥିଲା ଓ ସୁପ୍ରିମ କୋର୍ଟ ଏହାକୁ ଖାରଜ କରିବା ସହ ଏହି ସତର୍କତା ଜାରି କରିଛନ୍ତି। ଏହି ଅଧିସୂଚନାକୁ ହାଇକୋର୍ଟ ବଜାୟ ରଖିବା ସହ କମ୍ପାନୀର ଆବଦନକୁ ଖାରଜ କରିଥିଲେ। ଫଳରେ କମ୍ପାନୀ ସୁପ୍ରିକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲା।

### ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲା

## ଜେଡିଏସ୍ ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନା ଦୋଷୀ



ମହିସୂର, ୧।୮ (ଏଜେନ୍ସି): ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ତଥା ପୂର୍ବତନ ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭନ୍ନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଦୋଷୀ ବୋଲି ଅବିହିତ କରିଛନ୍ତି। ଶନିବାର କୋର୍ଟ ତାଙ୍କୁ ରାୟ ଦେବା ସହ ଦଣ୍ଡବିଧାନ କରିବେ। କୋର୍ଟ ତାଙ୍କ ନିଷ୍ପତ୍ତି ଶୁଣାଇବା ପରେ ୩୪ ବର୍ଷୀୟ ରେଭନ୍ନା ବେଶ୍ ଭାବୁକ ହୋଇଥିଲେ ଓ ବାହାରକୁ ଆସିବା ବେଳେ କାନ୍ଦୁ କାନ୍ଦି ପକାଇଥିଲା।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ କରି ଥାନାରେ ଏତଲା ଦେଇଥିଲେ। ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ନ ହେଲେ ଅଶ୍ଳୀଳ ଭିଡିଓ ଲିକ୍ କରିବାକୁ ଧମକ ଦେଇଥିଲେ। ରେଭନ୍ନାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଜୁଲାଇ ୧୮ରେ ଏହି ମାମଲାରେ କୋର୍ଟ ଶୁଣାଣି ଶେଷ କରିଥିଲେ। ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା। ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି। କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ସେ ଦେଶ ଛାଡି ୩୫ ଦିନ ବିଦେଶରେ ରହିଥିଲେ। ଜେଜେ ତଥା ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା ତାଙ୍କୁ ସ୍ୱଦେଶ ଫେରିବାକୁ ଚେତାବନୀ ଦେଇଥିଲେ। ତାଙ୍କ ବିରୋଧରେ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି। ଦୁଷ୍କର୍ମ ଓ ଯୌନ ଉତ୍ପୀଡ଼ନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ନେଇ ୪ଟି ମାମଲା ରହିଛି। ରେଭନ୍ନାଙ୍କ ଜେଜେ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା, ଦାଦା ଏଚ୍‌ଡି କୁମାରସ୍ୱାମୀ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପିତା ପୂର୍ବତନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।

## ଆମେରିକାଠୁ ଏଫ୍-୩୫ ଲଢୁଆ ବିମାନ କିଣିବନି ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ କୂଟନୈତିକ ସମ୍ପର୍କରେ ଅବନତୀ ପରିଲକ୍ଷିତ ହୋଇଛି। ଫଳରେ ଭାରତ ଆମେରିକାଠାରୁ ଏଫ୍- ୩୫ ଲଢୁଆ ଷ୍ଟେଲ୍‌ଥ ବିମାନ କିଣିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏ ନେଇ ହୋଇଥିବା ଏକ ଚୁକ୍ତିକୁ ଭାରତ ଅକାମୀ କରିଛି। ଆମେରିକାଠୁ ଭାରତ ଏହି ବିମାନ କ୍ରୟ କରିବାକୁ ରୁଚି ରଖୁନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତରେ ଏହି ବିମାନ କ୍ରୟ ପାଇଁ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ। ଭାରତ ଏବେ ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ଯୁଦ୍ଧ ସରଞ୍ଜାମ ନିର୍ମାଣ କରିବା ଲକ୍ଷ୍ୟରେ ରହିଛି।

## ଖରାପ୍ ଇଞ୍ଜିନ୍ ସତ୍ତ୍ୱେ ୧୨୦ କିମି ବିମାନ ଚଳାଇ ୩୦୬ ଜୀବନ ବଞ୍ଚାଇଥିଲେ ପାଇଲଟ୍


ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାରା ବିଶ୍ୱରେ ବିମାନ ଦୁର୍ଘଟଣା ସଂଖ୍ୟା ଓ ଉଦାହରଣ ବହୁତ ରହିଛି। କିନ୍ତୁ ନିଶ୍ଚିତ ଦୁର୍ଘଟଣାରୁ ବିମାନ ଅଳ୍ପକେ ବର୍ତ୍ତିଯାଇଥିବା ଘଟଣା ବହୁତ କମ୍। ୨୦୦୧ରେ ଏଭଳି ଏକ ଘଟଣା ଘଟିଥିଲା। ଦୁଇଟି ଯାକ ଇଞ୍ଜିନ ଖରାପ ଓ ଫୁଏଲ ଲିକ୍ ହେବା ସତ୍ତ୍ୱେ ପାଇଲଟ୍ ସାହସିକତାର ସହ ଉପସ୍ଥିତ ବୁଦ୍ଧି ଖଟାଇ ଅସୀମ ଧୈର୍ଯ୍ୟ ବଳରେ ବିମାନକୁ ୧୨୦ କିମି ଚଳାଇ ସୁରକ୍ଷିତ ଭାବେ ଅବତରଣ କରାଇବା ସହ ୩୦୬ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ।

୨୦୦୧ ଅଗଷ୍ଟ ୨୪ରେ ଏୟାରବସ୍ ଏ୩୩୦ ଏଆର ଟ୍ରାନସାଟ୍ ଫ୍ଲାଇଟ୍ ୨୩୬ ବିମାନ କାନାଡାର ଟରଣ୍ଟୋରୁ ପର୍ତ୍ତୁଗାଲ ରାଜଧାନୀ ଲିସବନ ଯାଉଥିଲା। ଆଟଲାଣ୍ଟିକ୍ ମହାସାଗର ଉପରେ ୩୯, ୦୦୦ ଫୁଟ୍ ଉଚ୍ଚରେ ବିମାନ ଉଡୁଥିବା ବେଳେ ଇନ୍ଧନ ଲିକ୍ ନେଇ ପାଇଲଟ ସୂଚନା ପାଇଥିଲେ। ଫଳରେ ବିମାନର ଦୁଇଟି ଯାକ ଇଞ୍ଜିନ କାମକରିବା ବନ୍ଦ କରିଦେଇଥିଲା। ଟରଣ୍ଟୋରୁ ଲିସବନର ଉଡାଣ ୭ ଘଣ୍ଟାର ହୋଇଥିବା ବେଳେ ୫ ଘଣ୍ଟା ଅତିକ୍ରାନ୍ତ ହୋଇଥିଲା। ଡାହାଣ ପଟ ଇଞ୍ଜିନ୍ ଅଚଳ ହେବାର ୧୩ ମିନିଟ୍ ପରେ ବାମପଟ ଇଞ୍ଜିନ୍ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଫଳରେ ପାଇଲଟ୍ ତଥା ୨୮ ବର୍ଷୀୟ ଫାର୍ଷ୍ଟ ଅଫିସର ଡିର୍କ ଡେଜାଗେର 'ମେଡେ, ମେଡେ, ମେଡେ' କଲ୍ କରିଥିଲେ। ସେତେବେଳେ ବିମାନ ନିକଟସ୍ଥ ଆଜୋରେସ୍ ଦୀପପୁଞ୍ଜ ସ୍ଥିତ ରନୱେଠାରୁ ଆହୁରି ୧୨୦ କିମି ତଥା ପର୍ତ୍ତୁଗାଲ ଉପକୂଳ ଓ ଲିସବନଠାରୁ ଯଥାକ୍ରମେ ୧, ୪୦୦ ଓ ୧, ୫୦୦ କିମି ଦୂରରେ ରହିଥିଲା। ବିମାନରେ ବସିଥିବା ସବୁଯାତ୍ରୀ ଆତଙ୍କିତ ହୋଇଥିଲେ। କିନ୍ତୁ ଏତିକିବେଳେ ଚମତ୍କାର ହୋଇଥିଲା। ପାଇଲଟ ତଥା କ୍ୟାପଟେନ ରବର୍ଟ ପ୍ରାଇସ୍‌ଙ୍କ ବିଚକ୍ଷଣ ଉପସ୍ଥିତ ବୁଦ୍ଧି ଯୋଗୁଁ ବିମାନ ଆଜେରେସ ଦୀପପୁଞ୍ଜର ରନୱେରେ ଅବତରଣ କରିଥିଲା।

## ଭାରତରୁ ୨୨,୮୪୨ କୋଟି ଠକିନେଲେ ସାଇବର ଠକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତରେ ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମସ୍ୟା ମୁଣ୍ଡବିନ୍ଧା ସୃଷ୍ଟି କରିଥିବାବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗତ ବର୍ଷ (୨୦୨୪) ସାଇବର ଅପରାଧି ତଥା ଠକମାନେ ଭାରତୀୟଙ୍କଠାରୁ ୨୨, ୮୪୨ କୋଟି ଟଙ୍କା ଠକି ନେଇଥିଲେ। ଦିଲ୍ଲୀର ମିଡିଆ ଏବଂ ଟେକ୍ କମ୍ପାନୀ ଡାଟାଲିଡ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଭାରତ ସରକାରଙ୍କ ସାଇବରକ୍ରାଇମ କୋଅର୍ଡିନେସନ ସେଣ୍ଟର, ୧୪ସି କରିଥିବା ଆକଳନ ମଧ୍ୟ ଭୟ ବଢ଼ାଇ ଦେଇଛି। ଚଳିତ ବର୍ଷ ସାଇବର ଠକେଇ ଦ୍ୱାରା ଭାରତୀୟମାନେ ୧.୨ ଲକ୍ଷ କୋଟି ଟଙ୍କା ହରାଇ ପାରନ୍ତି ବୋଲି କୁହାଯାଇଛି। ଏହା ପୂର୍ବରୁ ୨୦୨୩ରେ ସାଇବର ଠକ ଦେଶରୁ ୭, ୪୬୫ କୋଟି ଟଙ୍କା ଲୁଟି ନେଇଥିଲେ। ଏହା ୨୦୨୨ ତୁଳନା (୨୩୦୬ କୋଟି)ରେ ୧୦ ଗୁଣା ଥିଲା। ଦେଶରେ ସାଇବର କ୍ରାଇମ ଘୁ ଘୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ପ୍ରାୟ ୨୦ ଲକ୍ଷ ସାଇବର ଆକ୍ରମଣ ହୋଇଥିଲା। ଏହା ୨୦୨୩ରେ ୧୫.୬ ଲକ୍ଷ ଥିଲା। ମାତ୍ର ୨୦୧୯ ତୁଳନାରେ ୨୦୨୩ରେ ଏହି ମାମଲା ୧୦ ଗୁଣ ବୃଦ୍ଧି ପାଇଥିଲା। ଡିଜିଟାଲ ପେମେଣ୍ଟ ଆପ୍ ମାଧ୍ୟମରେ ଲୋକେ ବେଶୀ ଠକେଇର ଶିକାର ହେଉଛନ୍ତି। ଭାରତରେ ୨୯୦ ଲକ୍ଷ ଲୋକ ବେକାର ଥିବାବେଳେ ସାଇବର ଠକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି।

## ୯ମ ବିବାହ ପୂର୍ବରୁ ଧରାପଡ଼ିଲେ ଲୁଟେରି କନ୍ୟା



ନାଗପୁର, ୧।୮ (ଏଜେନ୍ସି): ମହାରାଷ୍ଟ୍ର ନାଗପୁରରୁ ଜଣେ ଲୁଟେରି କନ୍ୟା ଧରା ପଡ଼ିଛନ୍ତି। ସେ ଏକାଧିକ ବିବାହ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିବାର ଏକ ମଜାଦାର ଖବର ସାମ୍ନାକୁ ଆସିଛି। ନବମ ଥର ବିବାହ କରିବାକୁ ଯାଉଥିବାବେଳେ ପୁଲିସ ଏହି ମହିଳାଙ୍କୁ ଗିରଫ କରିଛି। ପୂର୍ବରୁ ସେ ୮ଥର ବିବାହ କରି ଧନୀ ସମ୍ପତ୍ତି ଲୁଟି ଫେରାର ହେଇ ଯାଉଥିଲେ। ସେଥିପାଇଁ ଏହି ମହିଳାଙ୍କୁ 'ଲୁଟେରୀ କନ୍ୟା' କୁହାଯାଉଛି। ଏହି ଧୂର୍ତ୍ତ ମହିଳାଙ୍କ ନାମ ସମୀରା ଫାତିମା। ଗତ ୧୫ ବର୍ଷ ମଧ୍ୟରେ ୮ଜଣଙ୍କୁ ବିବାହ କରି ଠକିବା ପରେ ୯ମ ବିବାହ ପାଇଁ ସେ ଜୋରସୋରରେ ପ୍ରସ୍ତୁତି ଚଳାଇଥିଲେ। ସେ ବିବାହ କରିଥିବା ସ୍ୱାମୀମାନଙ୍କୁ ବ୍ଲାକମେଲ କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲା। ଏ ନେଇ ପୁଲିସ ମାମଲା ରୁଜୁ କରିଛି ଓ ତଦନ୍ତ ମଧ୍ୟ ଆରମ୍ଭ କରିଛି। ସମୀରା ଏକ ଗ୍ୟାଙ୍ଗ୍ ସହ ଜଡ଼ିତ ଥିଲା। ସେ ଉଚ୍ଚ ଶିକ୍ଷିତା। ଶିକ୍ଷୟିତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରୁଥିଲା। ସେ ମୁସଲମାନ ସମ୍ପ୍ରଦାୟର ବିବାହିତ ଧନୀ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସହଜରେ ନିଜର ସ୍ୱାର୍ଥ ସାଧନ କରୁଥିଲା। ସେ ୫୦ ଲକ୍ଷ ଟଙ୍କା ଲୁଟି ଥିବା ଜଣେ ତା'ର କଥା ପୂର୍ବତନ ସ୍ୱାମୀ ଅଭିଯୋଗ କରିଛନ୍ତି। ନଗଦ ଓ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ସେ ଏହି ଟଙ୍କା ଆଦାୟ କରିଥିଲା। ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ସେ ଲୁଟି ଥିଲା। ସମୀରା ବିଭିନ୍ନ ମାଟ୍ରିମୋନିଆଲ ୱେବ୍‌ସାଇଟ୍, ସାମାଜିକ ଗଣମାଧ୍ୟମ ଆୟୁଧ କରି ଧନୀଙ୍କୁ ନିଜର ଭାବନାତ୍ମକ କାହାଣୀ କହି ଲୁଟ୍‌ର ଜାଲ ବିଛାଉ ଥିଲା। ସେ ନିଜକୁ ଜଣେ ଛାଡ଼ପତ୍ର ପାଇଥିବା ମହିଳା ଓ ଏକ ସନ୍ତାନର ଜନନୀ ବୋଲି କହି ବିବାହିତ ବ୍ୟକ୍ତିମାନଙ୍କଠାରୁ ସହାନୁଭୂତି ଓ ଅନୁକମ୍ପା ହାସଲ ପାଇଁ ପ୍ରୟାସ କରୁଥିଲା। ଏପରି କହି ବିଶ୍ୱାସ ଜିତୁଥିଲା। ପରେ ବିବାର କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇ ପଳାଉ ଥିଲା। ପୂର୍ବରୁ ଥରେ ସେ ନିଜକୁ ମିଛରେ ଗର୍ଭବତୀ ବୋଲି ଦର୍ଶାଇ ଗିରଫକୁ ଏଡାଇ ଦେଇଥିଲା। କିନ୍ତୁ ଶେଷରେ ଗତ ୨୯ରେ ଗିରଫ ହେବା ପରେ ତା'ର ସବୁ ଚାଲ୍ ଧରାପଡ଼ିଯାଇଥିଲା।

## ସ୍ତ୍ରୀ ଓ ଶାଶୂଙ୍କୁ ହତ୍ୟା କରି ପୋତିଦେବା ଘଟଣା

# ମା'-ପୁଅ ସମେତ ୪ ଗିରଫ



ବାରିପଦା/କୁଳିଅଣା, ୧।୮(ସମିସ): ସ୍ତ୍ରୀ ଓ ଶାଶୂକୁ ହତ୍ୟା କରି ବାଡ଼ିରେ ପୋତିଦେବା ଘଟଣାର ରହସ୍ୟ ଭେଦିଛି କୁଳିଅଣା ଥାନା ପୁଲିସ୍। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବାଶିଷ ପାତ୍ର (୩୬) ସମେତ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ନେଇ ପୁଲିସ୍ ଯାହା ସନ୍ଦେହ କରୁଥିଲା, ତାହା ସତ ହୋଇଛି। ଦେବାଶିଷ ବ୍ୟତୀତ ଆଉ ୩ ଅଭିଯୁକ୍ତଙ୍କୁ ଆଜି ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଦେବାଶିଷଙ୍କ ମାଆ ଭାରତୀ ପାତ୍ର (୬୦) ଏବଂ ତିତିରି ଗ୍ରାମର ଶମ୍ଭୁନାଥ ନାଏକ (୨୯) ଓ ସିପୁନ ପ୍ରଧାନ(୨୫)। ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି। ମୃତ ସୋନାଲି ନିଜ ମା' ସୁମତିଙ୍କ କଥାରେ ପରିଚାଳିତ ହେବା, ସ୍ୱାମୀ ଦେବାଶିଷଙ୍କ ସହ ଭଲ ସଂପର୍କ ନ ରଖିବା ଏବଂ ପୁଅ ପ୍ରତି ଅବହେଳା ପ୍ରଦର୍ଶନ କରିବା ଏହି ଡବଲ୍ ମର୍ଡର୍‌ର କାରଣ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦେବାଶିଷ ସ୍ଥାନୀୟ ଡାକ୍ତରଖାନାରେ ଆଟେଣ୍ଡାଣ୍ଟ ଭାବେ କାମ କରନ୍ତି। ଦୁଇବର୍ଷ ତଳେ ସେ ସୋନାଲିଙ୍କୁ ଦ୍ୱିତୀୟ ବିବାହ କରିଥିଲା। ବିବାହର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଯାଇଥିଲା। ଫଳରେ ସୋନାଲି ବାରମ୍ବାର ରାଗି ବାପଘର ଆମ୍ବୁଡୁବିକୁ ପଳାଉଥିଲେ। ଇତିମଧ୍ୟରେ ଉଭୟଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତଥାପି ସେମାନଙ୍କ ସଂପର୍କରେ ସୁଧାର ଆସିନଥିଲା। ବାରମ୍ବାର ଏଭଳି ଘଟଣା

ଘଟିବାରୁ ୨୦୨୪ ସେପ୍ଟେମ୍ବର ୮ରେ ସୋନାଲି କୁଳିଅଣା ଥାନାରେ ଦେବାଶିଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହା ପରଠାରୁ ଦେବାଶିଷ ରାଗି ଯାଇଥିଲେ। ସୋନାଲିଙ୍କୁ ବାଟରୁ ହଟାଇବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେ ପୂର୍ବରୁ ନିଜ ବାଡ଼ିରେ ଏକ ୧୦ ଫୁଟ୍‌ର ଗାତ ଖୋଳି ରଖିଥିଲେ।

କିଛି ଦିନ ତଳେ ସୋନାଲି ପୁଣି ରାଗି ବାପଘରକୁ ପଳାଇଥିଲେ। ପରେ ଦେବାଶିଷ ଫୋନ୍ କରିବାରୁ ଗତ ୧୨ ତାରିଖରେ ସୋନାଲିଙ୍କୁ ତାଙ୍କ ମା' ସୁମତି ଓ ଭାଇ ଆଣି ଶାଶୂଘରେ ଛାଡ଼ିଥିଲେ। ସେହିଦିନଠାରୁ ଝିଅ ଘରେ ସୁମତି ରହିଆସୁଥିଲେ। ତେବେ ୧୪ତାରିଖ ସନ୍ଧ୍ୟାରେ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏଥିରେ ଦେବାଶିଷ ଉତ୍ତ୍ୟକ୍ତ ହୋଇ ସୋନାଲି ଓ ସୁମତିଙ୍କ ହାତଗୋଡ଼କୁ ବାନ୍ଧିବା ପାଇଁ ଶମ୍ଭୁନାଥ ଓ ସିପନକୁ ୨ହଜାର ଟଙ୍କା ଦେଇ ଡକାଇଥିଲା। ପରେ ବିଳମ୍ବିତ ରାତିରେ ଦେବାଶିଷ ଏକ ପଥର ଏବଂ କୁରାଢ଼ୀରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଥିଲା ଦେବାଶିଷ। ପରେ ଅପରାଧ ଲୁଚାଇବା ପାଇଁ ଶବକୁ ପଲିଥିନ୍‌ରେ ଘୋଡ଼ାଇ ଖୋଳାଯାଇଥିବା ଗାତରେ ରଖି ମାଟି ଚଲାଇବା ପରେ କଦଳୀ ଗଛ ଲଗାଇ ଦେଇଥିଲା। ଏହି ହତ୍ୟାକାଣ୍ଡରେ ଦେବାଶିଷଙ୍କ ମାଆ ମଧ୍ୟ ସାମିଲ ହୋଇଥିଲେ। ତେବେ ସୁମତି ଘରକୁ ନଫେରିବାରୁ ସୋନାଲିଙ୍କ ଜେଜେବାପା ଅନନ୍ତ ଦଳେଇ ଖୋଜାଖୋଜି କରି ନିରାଶ ହେବା ପରେ ୨୫ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ୍ ଏନେଇ ଦେବାଶିଷଙ୍କୁ ପଚରାଉଚରା କରିବାରୁ, ଦୁହେଁ କାମ କରିବା ପାଇଁ ବାହାର ରାଜ୍ୟକୁ ବସ୍‌ରେ ପଳାଇଛନ୍ତି ବୋଲି ସେ କହିଥିଲା।

ତେବେ ଦେବାଶିଷଙ୍କ ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀକୁ ନିର୍ଯାତନା ଦେଉଥିବା ନେଇ ଥାନାରେ ପୃଥକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହାକୁ ସନ୍ଦେହ କରି ପୁଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରିଥିଲା। ଏଥିରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି।

# ବିଧାନସଭା ଆଗରେ ଗର୍ଜିଲେ ସିଆର୍‌ପିସିଏମ୍



ଭୁବନେଶ୍ୱର, ୧।୮(ସମିସ): ଇନ୍‌ସେନଟିଭ୍ ବନ୍ଦ କରି ମାସିକ ୧୦ ହଜାର ଟଙ୍କା ବେତନ ପ୍ରଦାନ, ଭି.ଆର୍.ଏଫ୍ କାମ ବାବଦକୁ ୫ ହଜାର ଟଙ୍କା ପାରିଶ୍ରମିକ ଓ ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟିଏ-ଡିଏ ବାବଦକୁ ୩ ହଜାର ଟଙ୍କା ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଭଳି ମୋଟ ୮ ଦଫା ଦାବି ନେଇ ମିଶନ୍ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି.ସିଏମ୍. ଆସୋସିଏସନ୍ ଆଜି ବିଧାନସଭା ଆଗରେ ଗର୍ଜିଛି। ଭାରତୀୟ ମଜଦୁର ସଂଘ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୋସିଏସନ୍‌ର ହଜାରହଜାର କର୍ମକର୍ତ୍ତା ଏକ ବିଶାଳ ଶୋଭାଯାତ୍ରାରେ ଲୋୟର୍ ପିଏମ୍‌ଜି ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା।

ଆସୋସିଏସନ୍ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସିଆର୍‌ପି.ସିଏମ୍. କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି। ତୃଣମୂଳସ୍ତରର ମହିଳାମାନଙ୍କୁ ନେଇ ଏସ୍‌ଏଚ୍‌ଜି ଗଠନ କରି ସେମାନେ ଓଡ଼ିଶା ସାରା ଲକ୍ଷପତି ଦିଦି ସୃଷ୍ଟି କରୁଥିବା ବେଳେ ନିଜେ ଆର୍ଥିକ ସମସ୍ୟାରେ ନିଷ୍ପେସିତ। ସେମାନଙ୍କ କଥା କେହି ବୁଝୁନାହାନ୍ତି। ତେଣୁ, ଯଥାଶୀଘ୍ର ସେମାନଙ୍କ ଦାବିଗୁଡ଼ିକ ପୂରଣ କରିବା ପାଇଁ ସେମାନେ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବସନ୍ତ କୁମାର ସାହୁ, ସଭାନେତ୍ରୀ ଲକି ହୋତା, ସାଧାରଣ ସମ୍ପାଦିକା ତୁଳସୀ ହନ୍ତାଳ, ବିଜୟଲକ୍ଷ୍ମୀ ପରିଜାଙ୍କ ସମେତ ବିଭିନ୍ନ ଜିଲ୍ଲାର କର୍ମକର୍ତାମାନେ ଯୋଗ ଦେଇଥିଲେ। ପରେ ସଂଘର ପାଞ୍ଚଜଣିଆ ଏକ ପ୍ରତିନିଧିମଣ୍ଡଳୀ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ଓଏସ୍‌ଆରଟିସି ଆପ୍‌ରେ କଦର୍ଥ ଓଡ଼ିଆ ଭାଷା

ଭୁବନେଶ୍ୱର, ୧।୮ (ସମିସ): ଓଏସ୍‌ଆରଟିସି ଆପ୍‌ରେ କଦର୍ଥ ଓଡ଼ିଆ ଭାଷା। ରାଜ୍ୟର ବିଭିନ୍ନ ଜିଲ୍ଲାର ନାଁକୁ ଅତି କଦର୍ଥ କରି ଲେଖାଯାଇଛି। ଗୋଟିଏ କି ଦୁଇଟି ନୁହେଁ; ପ୍ରାୟ ଅର୍ଦ୍ଧାଧିକ ସ୍ଥାନର ନାମକୁ କଦର୍ଥ କରି ଲେଖାଯାଇଛି। ଯାଜପୁରକୁ ଜଜପୁର, ଚଣ୍ଡିଖୋଲକୁ ଚାନ୍ଦିଖୋଲ, ପାଣିକୋଇଲିକୁ ପାନିକୋଇଲି, ଭଦ୍ରକକୁ ଭଦ୍ରାକା, ବାଲେଶ୍ୱରକୁ ବାଲାସୋର, ଭଞ୍ଜନଗରକୁ ଭଞ୍ଜାନଗର, ବେଲଗୁଣ୍ଠାକୁ ବେଲାଗୁନ୍ଥା ଆଦି ଲିଖିତ ରହିଛି। ପ୍ରତିଦିନ ଲକ୍ଷଲକ୍ଷ ଲୋକ ରାଜ୍ୟ ତଥା ରାଜ୍ୟ ବାହାରକୁ ଯିବା ଆସିବା ପାଇଁ ଓଏସ୍‌ଆରଟିସି ବସ୍‌ର ଆପ୍ ବ୍ୟବହାର କରୁଛନ୍ତି। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନକାରୀ ଆପ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନର ନାମର ବନାନରେ ଗୁରୁତ୍ୱର ତ୍ରୁଟି ରହିଥିଲେ ମଧ୍ୟ ଏହାକୁ ସଂଶୋଧନ କରାଯାଉ ନଥିବା ଦେଖିବାକୁ ମିଳିଛି। ଏମିତିକି, ଅନେକ ଲୋକ ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିବା ପରେ ମଧ୍ୟ ପରିବହନ ବିଭାଗର ନିଦ ଭାଙ୍ଗୁନାହିଁ। ପରିବହନ ବିଭାଗରେ ଓଡ଼ିଆ ଅସ୍ମିତା କାମ କରୁଛି କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଏସ୍‌ଆରଟିସି ପକ୍ଷରୁ ଯାତ୍ରୀମାନଙ୍କ ସୂଚନା ପାଇଁ ଉଭୟ ୱେବ୍‌ସାଇଟ୍ ଓ ଆପ୍ ରହିଛି। ଏହି ଆପ୍ ସାହାଯ୍ୟରେ ଯାତ୍ରୀମାନେ ବିଭିନ୍ନ ରୁଟ୍‌ରେ ଚାଲୁଥିବା ବସ୍, ସମୟ ଓ ବସଷ୍ଟପ୍ ଆଦି ସଂପର୍କରେ ସୂଚନା ପାଇପାରୁଛନ୍ତି। ତେବେ ଏହି ଆପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସ୍ଥାନ ଆଦିର ବନାନରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଏହା କଦର୍ଥ କରି ଲେଖାଯାଇଛି।

ଓଡ଼ିଆ ଅସ୍ମିତା କଥା କହୁଥିବା ରାଜ୍ୟ ସରକାର ରାଜ୍ୟର ସମସ୍ତ ବିଭାଗକୁ ଓଡ଼ିଆରେ ନିର୍ଦ୍ଦେଶନାମା ଓ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଓଡ଼ିଆ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦେଉଥିବା କହୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ବିଭାଗ ନିଜ ଆପ୍‌ରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ବିକୃତ ଭାବେ ଲେଖିଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ପଡୁନାହିଁ।

ରାଜ୍ୟରେ ନୂତନ ବିଜେପି ସରକାର ଗଠନ ପରେ ନିଜେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ କାର୍ଯ୍ୟାଳୟରେ ପ୍ରବେଶ କରିବା ସମୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ହେବ ବୋଲି ଘୋଷଣା କରିଥିଲେ। ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ସହ ଓଡ଼ିଆ ଅସ୍ମିତାର ବିକାଶ ପାଇଁ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ। ଏହାକୁ ଆଧାର କରି ରାଜ୍ୟର ପ୍ରମୁଖ ବିଭାଗଗୁଡ଼ିକ ସେମାନଙ୍କ ବିଭାଗରେ ବିଜ୍ଞପ୍ତି, ନିର୍ଦ୍ଦେଶନାମା ଓ ଚିଠି ଆଦି ଓଡ଼ିଆ ଭାଷାରେ ଜାରି କରିବେ ବୋଲି ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ହେଲେ ଧୀରେଧୀରେ ଏସବୁ ଉଭେଇଯିବା ସହ ବର୍ତ୍ତମାନ କଦର୍ଥ ଓଡ଼ିଆ ଲେଖୁଥିବା ବିଭାଗ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଦେଖିବାକୁ ମିଳିଛି।

## ମହାନଦୀ ଜଳ ବିବାଦ

# ଆପୋସ ସମାଧାନ ପାଇଁ ସବୁ ଦଳ ଏକାଠି

ଭୁବନେଶ୍ୱର,୧।୮(ସମିସ): ମହାନଦୀ ଜଳବିବାଦର ସମାଧାନ ନିମନ୍ତେ ଆଜି ସବୁ ରାଜନୈତିକ ଦଳକୁ ନେଇ ଅନୁଷ୍ଠିତ ହୋଇଛି ଏକ ବୈଠକ। ଏହି ବୈଠକରେ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇ ଏହି ବିବାଦରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଏହା ସହ ବାସ୍ତବରେ ଯଦି ରାଜ୍ୟ ସରକାର ଏହାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଚାହାନ୍ତି, ତେବେ ତୁରନ୍ତ ରାଜ୍ୟର ସମସ୍ତ ରାଜନୈତିକ ଦଳ, ନଦୀ ଆନ୍ଦୋଳନର କର୍ମକର୍ତ୍ତା, ନଦୀ ବିଶେଷଜ୍ଞ, ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଡାକିବାକୁ ବୈଠକରେ ପ୍ରସ୍ତାବ ଦେଇଛନ୍ତି। ଅଣମୌସୁମୀ ସମୟରେ ଓଡ଼ିଶାକୁ ଜଳପ୍ରବାହ ଅବ୍ୟାହତ ରଖିବା ଓ ମହାନଦୀ ଏହାର ଅବବାହିକା ର ସୁରକ୍ଷା ପାଇଁ ରିଭରବୋଡର୍ ଗଠନ ନିମନ୍ତେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

> ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ
>
> ରାଜ୍ୟବାସୀଙ୍କୁ ବିଶ୍ୱାସକୁ ନିଅନ୍ତୁ ଓଡ଼ିଶା ସରକାର
>
> ବିଶେଷଜ୍ଞ ଓ ରାଜନୈତିକ ଦଳର ବୈଠକ ଡାକନ୍ତୁ

ଏହି ବୈଠକରେ ଜଳ ବିବାଦର ଆପୋଷ ସମାଧାନ ପାଇଁ ଏକ ବୈଷୟିକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ, କେନ୍ଦ୍ର ତଥା କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏଥିରେ ଜଳ ସମ୍ପଦ ବିଭାଗର ପୂର୍ବତନ ସଚିବ ଡ ଅରବିନ୍ଦ ବେହେରା, ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ବିଧାୟକ ଗଣେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ଜଗଦେବ, ଡ ଜୟକୃଷ୍ଣ ପାଣିଗ୍ରାହୀ, ଡ ଶୁଭ୍ରାଂଶୁ ରାୟ, ଦେବୀ ପୃଷ୍ଟି, ଅନିଲ ଧୀର୍, ପ୍ରହ୍ଲାଦ ସିଂ, ଅଶୋକ ଦାସ ପ୍ରମୁଖ ସଭ୍ୟ ଭାବରେ ରହିଥିବା ବେଳେ ସୁଦର୍ଶନ ଦାସ ଏହାର ଆବାହକ ଅଛନ୍ତି ।

ଅନ୍ୟପକ୍ଷରେ ମହାନଦୀ ସୁରକ୍ଷା ପାଇଁ ସାମାଜିକ ସଂଗଠନ, ନଦୀ ଆନ୍ଦୋଳନର କର୍ମୀ, ବିଶେଷଜ୍ଞ ମାନଙ୍କ ସହିତ ବୈଠକ ଆୟୋଜନ କରିବାର ନିଷ୍ପତି ନିଆଯାଇଛି। ଏହା ସହ ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥାନ ସୁଖାସୋଡ଼ାଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ନଦୀ ଯାତ୍ରା ମଧ୍ୟ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି । ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଜେଡି ବିଧାୟକ ଡ ଅରୁଣ କୁମାର ସାହୁ ଓ ଗଣେଶ୍ୱର ବେହେରା, ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦେବ, ବାମପନ୍ଥୀ ନେତା ପ୍ରଦୀପ୍ତ ନାୟକ, ଅଶୋକ ପ୍ରଧାନ, ଜ୍ୟୋତି ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏନ୍‌ସିପି ନେତା ବିକ୍ରମ ସ୍ୱାଇଁ, ଆରଜେଡି ନେତା ହେମନ୍ତ କୁମାର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିବାନନ୍ଦ ରାୟ, ଇ ମନୋରଞ୍ଜନ ମିଶ୍ର, ନିରୂପମା ପାତ୍ର, ବାସୁଦେବ ଭଟ୍ଟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଜେଲ୍ ଗଲେ ସହକାରୀ ଯନ୍ତ୍ରୀ

## ଆୟଠାରୁ ୨୧୩ ପ୍ରତିଶତ ଅଧିକ ସଂପତ୍ତି

ଭୁବନେଶ୍ୱର,୧।୮(ସମିସ): ଭାଗୀଦାରିରେ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ସ୍କାନରକୁ ଆସିଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଗିରଫ ହୋଇଛନ୍ତି। ଲଗାତାର ୪ର୍ଥ ଦିନରେ ଚଢ଼ଉ ପରେ ତାଙ୍କୁ ଗିରଫ କରାଯାଇଛି। ଚନ୍ଦକା ଶିଳ୍ପାଞ୍ଚଳରେ ଶ୍ରୀ ପଣ୍ଡାଙ୍କର ଆଉ ଏକ ୪ ମହଲା କୋଠା ଠାବ ହୋଇଛି। ୪ଦିନ ଚଢ଼ଉ କରି ଭିଜିଲାନ୍ସ ଟିମ୍ ମୋଟ ୩ଟି କୋଠାଘର, ୭ଟି ଫ୍ଲାଟ୍, ଉତ୍କଳ କନିକା ଗ୍ୟାଲେରିଆ, ସିମ୍ଫୋନୀ ଓ ଡିଏଲ୍‌ଏଫ୍ ସାଇବର୍ ସିଟିରେ ୪ଟି ବାଣିଜ୍ୟକ ଆଉଟଲେଟ୍ ଠାବ କରିଛି। ଏଥିସହ ୯ଟି ପ୍ଲଟ୍, ୨କୋଟି ୪୩ଲକ୍ଷର ବ୍ୟାଙ୍କ ଜମା, ୧୨୬ଗ୍ରାମର ସୁନାଗହଣା, ୧୨୭ ଗ୍ରାମ ରୁପା ଅଳଙ୍କାର, ଗୋଟିଏ କାର ଜବତ କରିଛି। ଶ୍ରୀ ପଣ୍ଡାଙ୍କଠାରୁ ଠାବ ସଂପତ୍ତି ତାଙ୍କ ଆୟଠାରୁ ୨୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ କହିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା ଭିଜିଲାନ୍ସ। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫୋନୀ ମଲରେ ୨ଟି ଦୋକାନ ଘର, ୭୫ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ଦୁଇପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ କସ୍ମୋପଲିସ୍‌ସ୍ଥିତ ଫ୍ଲାଟ୍‌ଟି ରାଜକିଶୋର ଓ ଅଶୋକଙ୍କ ପତ୍ନୀଙ୍କ ନାମରେ ଥିବା ଜାଣିବା ପରେ ଟିମ୍ ଅଶୋକଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲା।

# ଅଗଷ୍ଟ ୧୫ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧।୮(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ସହ ପୁନଃ ପଞ୍ଜୀକରଣ କରିପାରିବେ ଆଶାୟୀ। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପଢ଼ିପାରିବେ। ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି' ଛାଡ଼ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ମାମଲା ଖାରଜ

ରାଜନଗର, ୧।୮(ସମିସ): ରାଜନଗରର ବିଜେଡି ବିଧାୟକ ଧ୍ରୁବଚରଣ ସାହୁଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଆବେଦନକାରୀ କିମ୍ବା ତାଙ୍କ ଓକିଲ କ୍ରମାଗତ ଭାବେ ଶୁଣାଣିରେ ଅନୁପସ୍ଥିତ ରହିବା ଓ ମାମଲା ତଥ୍ୟ ବିହୀନ ହୋଇଥିବା କାରଣରୁ ମାମଲାକୁ ଖାରଜ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଧ୍ରୁବଚରଣ ସାହୁ ବିଜୟୀ ହୋଇଥିଲେ। ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେପି ପ୍ରାର୍ଥୀ ଲଳିତ କୁମାର ବେହେରା ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ଲଳିତ ତାଙ୍କ ଆବେଦନରେ ଧ୍ରୁବ ନିର୍ବାଚନରେ ଅନିୟମିତତା କରିଛନ୍ତି, ପ୍ରାର୍ଥିପତ୍ର ଦାଖଲ ବେଳେ ଅନେକ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି ବୋଲି ଦର୍ଶାଇଥିଲେ। ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଧ୍ରୁବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ, ମିଳନ କାନୁନଗୋ, କ୍ଷୀରୋଦ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ବଜ୍ରପାତରେ ଯୁବକ ମୃତ

ବାଲେଶ୍ୱର,୧।୮(ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସୁଲପଟା ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସୁଲପଟା ଅଞ୍ଚଳର ବାଇଧର ମହାଳିକଙ୍କ ପୁଅ ଗଣେଶ ମହାଳିକ (୪୪) ଆଜି ବିଲକୁ ତଳି ରୋଇବାକୁ ଯାଇଥିବା ବେଳେ ଅପରାହ୍ଣରେ ବର୍ଷା ହୋଇଥିଲା। ଗଣେଶ ଘରକୁ ଫେରୁଥିବା ବେଳେ ହଠାତ ଏକ ବଜ୍ରପାତ ହେବାରୁ ଗଣେଶ ଏଥିରେ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସୁଲପଟା ଅଞ୍ଚଳର ଜଳଧର ମହାଳିକଙ୍କ ପତ୍ନୀ ସରସ୍ୱତୀ ମହାଳିକ (୬୭) ଘର ନିକଟସ୍ଥ ପୋଖରୀ ନିକଟରେ ଛେଳି ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

## ଖୋଲିଲା ଭିତରକନିକା

# ପ୍ରଥମ ଦିନରେ ୬୧ ପର୍ଯ୍ୟଟକ




ରାଜନଗର, ୧।୮ (ସମିସ): ଦୀର୍ଘ ୩ ମାସ ପରେ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଛି ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ଆଜି ପ୍ରଥମ ଦିନରେ ଭିତରକନିକାକୁ ୬୧ଜଣ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଖୁଆଇ ବନ କର୍ମଚାରୀ ସ୍ୱାଗତ କରିଛନ୍ତି।

## ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ, ମିଠା ଦେଇ ସ୍ୱାଗତ

ଭିତରକନିକାକୁ ପଲିଥିନ୍‌ମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ବୁଝାଇଥିଲେ। ଏଥିସହ ପର୍ଯ୍ୟଟକଙ୍କୁ କାଗଜ ଓ କପଡ଼ା ବ୍ୟାଗ୍ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ସେମାନେ ଆଣିଥିବା ସାମଗ୍ରୀ ନେବାକୁ କୁହାଯାଇଥିଲା। ପ୍ଲାଷ୍ଟିକ୍ ପାଣି ବୋତଲ ଜାତୀୟ ଉଦ୍ୟାନ ମଧ୍ୟକୁ ଛଡ଼ାଯାଇନାହିଁ।

ଆଜି ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟରେ ଏସିଏଫ ମାନସ ଦାସ, ଫରେଷ୍ଟର୍ ପ୍ରଶାନ୍ତ ସିଂ, ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା, ବବୁଲ ପରିଡ଼ା, ଶୁଭ୍ରଜିତ ଖୁଣ୍ଟିଆଙ୍କ ସମେତ ରବି ସିଂ, ଇଡିସି ସଭାପତି ପ୍ରଭାତ ବେହେରା ପ୍ରମୁଖ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ପରେଷ୍ଟର ବିଭୂତି ଭୂଷଣ ତରାଇ, ତ୍ରିଦୀପ ପ୍ରଧାନ, ପ୍ରକାଶ ଦାସ, ଦେବୀପ୍ରସାଦ ମୁଣ୍ଡା, ଇକୋ ଡେଭେଲପମେଣ୍ଟ କମିଟିର ଗିରୀଶ ନାୟକ, ଖଗେଶ୍ୱର ଲେଙ୍କା, ରମେଶ ମିସ୍ତ୍ରୀ ଓ ବିଭିନ୍ନ ଏସଏଚ୍‌ଜି ଗୋଷ୍ଠୀ ମହିଳା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖୋଳା ଏଣ୍ଟ୍ରି ପଏଣ୍ଟରେ ଫରେଷ୍ଟର୍ ନବୀନ ମଲ୍ଲିକଙ୍କ ସମେତ ବନ କର୍ମଚାରୀ ଓ ବୋଟ୍ ଆସୋଏସନ୍‌ର କର୍ମକର୍ତ୍ତା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଦେଇ ସ୍ୱାଗତ କରିଥିଲେ।

ଆଜି ସ୍ଥଳପଥରେ ଡାଙ୍ଗମାଳ ଦେଇ ଭିତରକନିକାକୁ ୪୧ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଳା ଏଣ୍ଟ୍ରିପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ପର୍ଯ୍ୟଟକ ଆସି ଭିତରକନିକାର ଉପଭୋଗ କରିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ଡାଙ୍ଗମାଳରେ ନିର୍ମାଣ ହୋଇଥିବା ୧୫ଫୁଟ୍ ଓ ୬୦୦ ମିଟରର ସ୍କାଏୱାକ୍ ବ୍ରିଜ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଥିଲା।

# ଶିମିଳିପାଳ ନେଚର୍ କ୍ୟାମ୍ପ ନିର୍ମାଣରେ ଦୁର୍ନୀତି



ବାରିପଦା, ୧।୮(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରେ ମହାଦୁର୍ନୀତି ହୋଇଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। କୋଟିକୋଟି ଟଙ୍କା ହଡ଼ପ କରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଉତ୍ତର) ବନଖଣ୍ଡର ଉପନିର୍ଦ୍ଦେଶକ ବଦଳି ହୋଇ ଅନ୍ୟତ୍ର ପଳାଇବା ପରେ ଏପରି ଘଟଣା ଜଣାପଡ଼ିଛି। ଅଭୟାରଣ୍ୟରେ ନେଚର୍ କ୍ୟାମ୍ପ ନିର୍ମାଣ ନାମରେ ସମ୍ପୃକ୍ତ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହରିଲୁଟ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବର୍ତ୍ତମାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗନାନୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ, ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କଠାରୁ ଅନିୟମିତତା ଅର୍ଥ ଭରଣା କରାଯାଇପାରେ ବୋଲି ଶ୍ରୀ ଗୋଗିନେନୀ କହିଛନ୍ତି।

> ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କୁ କୈଫିୟତ ତଲବ

ଶିମିଳିପାଳ ଉତ୍ତର ବନଖଣ୍ଡର ପୂର୍ବତନ ଉପନିର୍ଦ୍ଦେଶକ ଡି. ସାଇକିରଣଙ୍କ ସମୟରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନଅଣା ରେଞ୍ଜରେ ନେଚର୍ କ୍ୟାମ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୩ ଫେବ୍ରୁଆରୀ ୧୯ ତାରିଖରେ ନେଚର୍ କ୍ୟାମ୍ପ ନଅଣା ଭିଲା ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ। ଯାହାର ପ୍ରକଳ୍ପ ଅଟକଳ ୪କୋଟି ୬୦ ଲକ୍ଷ ଟଙ୍କା ରହିଥିଲା। ମାତ୍ର ଦୁଇବର୍ଷ ପରେ ମଧ୍ୟ ଏହି ନେଚର୍ କ୍ୟାମ୍ପ ନିର୍ମାଣ ସମ୍ପୂର୍ଣ୍ଣ ନହୋଇ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ପ୍ରକଳ୍ପ ଅଧପାନ୍ତରିଆ ହୋଇପଡ଼ିଥିବା ବେଳେ ବିଭାଗ ପକ୍ଷରୁ ଯୁସି ଦିଆସରିଛି। ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମଞ୍ଜୁର ଅର୍ଥ ଯଦି ଖର୍ଚ୍ଚ ହେଲା, ତେବେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଅଭିଯୋଗ ପାଇବା ପରେ ଶ୍ରୀ ଗୋଗନାନୀ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ମଧ୍ୟ କୈଫିୟତ ତଲବ କରାଯାଇଛି ବୋଲି ସେ କହିଛନ୍ତି।

ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟରେ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଥିବା ବେଳେ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ବହୁ ଦୁର୍ନୀତି ପଦାକୁ ଆସିବ ବୋଲି ଅଭିଯୋଗ କରିଛି ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା। ଶିମିଳିପାଳ ମଧ୍ୟରେ ବିନା ଟେଣ୍ଡର୍‌ରେ ସବୁ କାର୍ଯ୍ୟ କରାଯାଉଥିବା ବେଳେ ତାହା ଅଧିକାରୀଙ୍କୁ ଦୁର୍ନୀତି କରିବାକୁ ଅଧିକ ସୁଯୋଗ ଦେଉଛି ବୋଲି ଅଭିଯୋଗ ହୋଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି କରିଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା।

### ବିନା ଅନୁମତିରେ ଚାଲିଛି ହେପି ଆଣ୍ଡ ହୋଲି ହୋମ୍ ଆଶ୍ରମ

# ନୋଟିସକୁ ଖାତିର ନାହିଁ, ୨ କୋଠରିରେ ୫୫ ଝିଅ

ବଲାଙ୍ଗିର, ୧।୮ (ସମିସ)



ବଲାଙ୍ଗିର ଜିଲ୍ଲାରେ ମାସ ମାସ ହେଲା ବେଆଇନ ଭାବେ ଚାଲିଛି କନ୍ୟାଶ୍ରମ। ନିର୍ଦ୍ଦିଷ୍ଟ ଏକ ସମ୍ପ୍ରଦାୟ ପକ୍ଷରୁ ଏହି ଆଶ୍ରମ ଚାଲିଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ନୋଟିସ ମଧ୍ୟ କରାଯାଇଛି। କିନ୍ତୁ ନା ଏହା ବନ୍ଦ କରାଯାଉଛି ନା ସମ୍ପୃକ୍ତ ଆଶ୍ରମ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହିଭଳି ଏକ ଆଶ୍ରମ ରହିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବାଞ୍ଜିପାଲି ଠାରେ। ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ନାମରେ ଏହି ଆଶ୍ରମ ରହିଥିବା ଜଣାପଡ଼ିଛି। ଏଠାରେ ବିନା କୌଣସି ସୁରକ୍ଷା ବ୍ୟବସ୍ଥାରେ ୫୫ ଜଣ ଝିଅ ରହୁଥିବାବେଳେ ବିଗତ ଦିନରେ ସୁରକ୍ଷା ସମ୍ପର୍କିତ ଏକାଧିକ ମାମଲା ମଧ୍ୟ ହୋଇସାରିଛି। ତଥାପି ଏହି ଆଶ୍ରମକୁ ବନ୍ଦ କରାଯାଉ ନ ଥିବା ଜଣାପଡ଼ିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୪ କିମି ଦୂରରେ ରହିଛି ବୁର୍ଡା ପଞ୍ଚାୟତର ବାଞ୍ଜିପାଲି। ଏହି ଗାଁରେ ରହିଛି ସାଲଗାଡ଼ିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ଆଶ୍ରମ। ପୂର୍ବରୁ ଉକ୍ତ ସ୍ଥାନରେ 'ଗୁଡନ୍ୟୁଜ୍ ସାର୍ଭିସ' ନାମରେ ଏକ ସଂସ୍ଥା ଆଶ୍ରମ ଖୋଲିଥିବା ବେଳେ କିଛି କାର୍ଯ୍ୟାକଳାପକୁ ନେଇ ବିବାଦୀୟ ହୋଇଥିଲା। ପରବର୍ତ୍ତି ସମୟରେ ପ୍ରଶାସନ ପକ୍ଷରୁ ଉକ୍ତ ଆଶ୍ରମକୁ ବନ୍ଦ କରିଦିଆଯାଇଥିଲା। ଏହାର କିଛି ବର୍ଷ ପରେ ପୁଣି ବାଞ୍ଜିପାଲିରେ ଥିବା ଉକ୍ତ କୋଠାରେ ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ଆଶ୍ରମ ଆରମ୍ଭ କରାଯାଇଥିଲା। ଉକ୍ତ ଆଶ୍ରମର ଅଧିକ୍ଷକଙ୍କ ସୂଚନା ଅନୁସାରେ ସମୁଦାୟ ୫୫ ଜଣ ଝିଅ ରହିଛନ୍ତି। ଯେଉଁ

**ନୋଟିସର୧୫ ଦିନ ପରେ ବି ପ୍ରଶାସନିକ ପଦକ୍ଷେପ ଶୂନ**

ମାନଙ୍କର ବୟସ ୮ ରୁ ୧୭ ବର୍ଷ ପର୍ଯ୍ୟନ୍ତ ରହିଛି। ସେଠାରେ ଆଶ୍ରମ ଭଳି ଝିଅମାନେ ରହୁଛନ୍ତି ପାଠ ପଢ଼ିବା ପାଇଁ ନିକଟସ୍ଥ ସ୍କୁଲ କଲେଜକୁ ଯାଇଥାନ୍ତି। ତେବେ ସମ୍ପୃକ୍ତ ଆଶ୍ରମ ପାଖରେ ହୋଷ୍ଟେଲ ଚଲାଇବା ପାଇଁ କୌଣସି ଅନୁମତି ନଥିବା ଜଣାପଡ଼ିଛି। ଏପରିକି ଉକ୍ତ ସଂସ୍ଥା ଜୁଭେନାଇଲ ଜଷ୍ଟିସ ଆଇନ ଅନୁସାରେ ମଧ୍ୟ ପଞ୍ଜିକୃତ ହୋଇ ନ ଥିବା ଜଣାପଡ଼ିଛି। ଅଧିକ୍ଷକଙ୍କ କହିବା ଅନୁସାରେ ଉକ୍ତ ଆଶ୍ରମରେ ଦୁଇଟି କୋଠାରେ ୫୫ ଜଣ ରହୁଛନ୍ତି। ସେମାନଙ୍କ ପାଇଁ ହାତଗଣତି କିଛି ଶୌଚାଳୟ ରହିଛି। ଆଶ୍ରମ ଚାରିଆଡେ ପାଚେରି ମଧ୍ୟ ନାହିଁ। ତାରବାଡ଼ ଲଗାଯାଇଛି। ଆଶ୍ରମରେ ନା କୌଣସି ରାତ୍ର ଜଗୁଆଳି ଅଛନ୍ତି ନା ସୁରକ୍ଷା କର୍ମୀ ରହିଛନ୍ତି। ନିଜେ ଅଧିକ୍ଷକ, ସହାୟକ ଅଧିକ୍ଷକ ଓ ଦୁଇ ଜଣ ମହିଳା ରୋଷେୟାକୁ ଛାଡିଦେଲେ ଆଉ କେହି କର୍ମଚାରୀ ନାହାନ୍ତି। ଏହି ଆଶ୍ରମରେ ରହୁଥିବା ଝିଅ ମାନଙ୍କରେ ଅଭିଭାବକ ରହିଛନ୍ତି। ଏତେ ସବୁ ଅବ୍ୟବସ୍ଥା ସତ୍ତ୍ୱେ ଉକ୍ତ ଆଶ୍ରମ ପରିଚାଳିତ ହେଉଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହି ଆଶ୍ରମ ବିରୋଧରେ ଅଭିଯୋଗ ହେବାପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦାରଖ କରି ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା। ଉକ୍ତ ରିପୋର୍ଟରେ ସିଧାସଳଖ ଏହି ଆଶ୍ରମ ବେଆଇନ ଭାବେ ଚାଲୁଥିବା ସ୍ପଷ୍ଟ କରାଯାଇଛି। ବିନା ଲାଇସେନ୍ସରେ ଏହା ଚାଲିଥିବାବେଳେ ଏହାକୁ ତିନି ଦିନ ଭିତରେ ବନ୍ଦ କରିବା ପାଇଁ ଗତ ଜୁଲାଇ ୧୮ ତାରିଖରେ ଆଶ୍ରମ ପରିଚାଳକଙ୍କୁ ଚିଠି ନଂ ୮୦୯ ରେ ସୂଚନା ଦିଆଯାଇଥିଲା। ସମୟସୀମା ଭିତରେ ବନ୍ଦ କରି ସମସ୍ତ ଅନ୍ତେବାସୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଏହି ନୋଟିସ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାକୁ ବେଖାତିର କରି ୧୫ ଦିନ ପରେ ବି ଉକ୍ତ ଆଶ୍ରମ ଏଯାଏଁ ବନ୍ଦ ହୋଇନାହିଁ କି ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇନାହିଁ। ଏନେଇ ଅଧିକ୍ଷକ ନିବାସ ନାଏକଙ୍କ କହିବା ଅନୁସାରେ ସୁରକ୍ଷା କର୍ମୀ କିମ୍ବା ରାତ୍ର ଜଗୁଆଳି ନିଯୁକ୍ତି କରିବା ପାଇଁ ସଂସ୍ଥା ପକ୍ଷରୁ କୁହାଯାଇ ନାହିଁ। ଆଶ୍ରମ ବନ୍ଦ କରିବାକୁ ନୋଟିସ କରାଯାଇଛି ସେ ବିଷୟରେ ଜାଣିବା ପରେ ସଂସ୍ଥାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଆବଶ୍ୟକ ଅନୁମତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛୁ। ଅନ୍ୟପକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କେବଳ ନୋଟିସ କରିଦେଇ ଚୁପ ବସିଥିବା ଅଭିଯୋଗ ହୋଇଛି। ଆଶ୍ରମକୁ ତିନି ଦିନ ର ସମୟ ଦିଆଯାଇଥିବା ବେଳେ ଏହା ପରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦାୟିତ୍ୱରେ ଥିବା ଅଧିକାରୀ ମଧ୍ୟ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଦେଇଛନ୍ତି।

## କାର୍ଯ୍ୟରତ ସବ୍ ପୋଷ୍ଟମାଷ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ

**ବଙ୍ଗୋମୁଣ୍ଡା, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଉପ ଡାକଘରେ କାର୍ଯ୍ୟରତ ଥିବା ସବ-ପୋଷ୍ଟମାଷ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ବଙ୍ଗୋମୁଣ୍ଡା ନରେନ୍ଦ୍ର ଭୋଇ। ସୂଚନା ଅନୁଯାୟୀ ନରେନ୍ଦ୍ର ଭୋଇ ଉପଡ଼ାକଘର ଭିତରେ ଭିତର ପଟୁ ବନ୍ଦକରି ଶୋଇଥିଲେ। ବାହାର ପଟରୁ ଅନ୍ୟ କର୍ମଚାରୀମାନେ ଡାକିଥିଲେ ବି କୌଣସି ଉତ୍ତର ମିଳି ନ ଥିଲା। ଫଳରେ କର୍ମଚାରୀମାନେ ବଙ୍ଗୋମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କବାଟ ଭାଙ୍ଗି ପୋଷ୍ଟମାଷ୍ଟରଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ସଙ୍ଗେସଙ୍ଗେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତ କରାଯାଇଛି। ମୃତ ସବପୋଷ୍ଟମାଷ୍ଟର ଜଣକ ସାତ ଦିନ ତଳେ ବଙ୍ଗୋମୁଣ୍ଡାରେ ଚାକିରିରେ ଯୋଗ ଦେଇଥିବା ଜଣାପଡ଼ିଛି।

## ଖଲିଆପାଲିରୁ ନିଖୋଜ ନାବାଳିକା ତାମିଲନାଡୁରୁ ଉଦ୍ଧାର

**ଦେଓଗାଁ, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଖଲିଆପାଲି ଗାଁରୁ ନିଖୋଜ ହୋଇଥିବା ନାବାଳିକାକୁ ଦେଢ଼ମାସ ପରେ ଦେଓଗାଁ ପୁଲିସ ତାମିଲନାଡୁର ତିରପୁରରୁ ଉଦ୍ଧାର କରିଛି। ଉକ୍ତ ଗାଁର ଗଣ୍ଡାରାମ ହାତୀଙ୍କ ୧୭ ବର୍ଷିଆ ନାବାଳିକା ଝିଅ ଗତ ଜୁନ ୨୩ ତାରିଖରେ ଘରୁ କୁଆଡ଼େ ଚାଲିଯାଇଥିଲା। ଝିଅକୁ ଅନେକ ଖୋଜାଖୋଜି କରିବାପରେ ଗାଁର ପ୍ରଦୀପ ନାମକ ଜଣେ ଯୁବକ ନେଇଯାଇଥିବା ଝିଅର ବାପା ଗଣ୍ଡାରାମ ବନ୍ଧପଡ଼ା ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ଏନେଇ ତଦନ୍ତ ଆରମ୍ଭ କରିବାସହ ବିଶ୍ୱସ୍ତ ସୂତ୍ରରୁ ଉକ୍ତ ଝିଅ ତିରପୁର ଠାରେ ଏକ ହଷ୍ଟେଲରେ କାମକରୁଥିବା ଖବର ପାଇ ଏସ୍‌ଆଇ ଦୀପକ ଡୁଙ୍ଗଡୁଙ୍ଗ ଓ ଏଏସ୍‌ଆଇ ରଶ୍ମୀତା ସାହୁ ଟିମ୍ ଗଠନ କରି ତିରପୁରରୁ ଉଦ୍ଧାର କରି ଶୁକ୍ରବାର ଦେଓଗାଁ ଥାନାକୁ ଆଣିଥିବା ସୂଚନା ଦେଇଥିଲେ।

## ଚାଷୀଙ୍କ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କଲେ ଚାଷୀନେତା

**ବଲାଙ୍ଗିର, ୧।୮ (ସମିସ):** ରାଜ୍ୟ ସରକାରଙ୍କ ମନ୍ତ୍ରୀ ମାନେ ମିଛ କହୁଛନ୍ତି। ନିର୍ବାଚନ ବେଳେ ଲୋୟର ସୁକତେଲ ପାଣି ଲୋଇସିଂହା ବ୍ଲକର ୬ ଓ ଆଗଲପୁର ବ୍ଲକର ୬ ପଞ୍ଚାୟତକୁ ମାଡ଼ିବ ବୋଲି ମନ୍ତ୍ରୀ ମୁକେଶ ମହାଲିଙ୍ଗ ମିଳିତ ଚାଷୀ ସଙ୍ଗଠନକୁ କହିଥିଲେ। ଯଦି ବିଜେପି ସରକାର ଗଡିବ ତେବେ ଆବଶ୍ୟକ ହେଲେ ଜଳସେଚନ ନକ୍ସାର ମଧ୍ୟ ପରିବର୍ତ୍ତନ ହେବ ବୋଲି କହିଥିଲେ। କିନ୍ତୁ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହୋଇଗଲା ମିଛୁଆ ମନ୍ତ୍ରୀ ଆଜି ପର୍ଯ୍ୟନ୍ତ ଏନେଇ ଆମକୁ କୈଣସି ଉତ୍ତର ରଖିନାହାନ୍ତି ବୋଲି ଆଭିଯୋଗ କରିଛନ୍ତି ଚାଷୀନେତା କୃଷ୍ଣ ସାହୁ। ଶୁକ୍ରବାର ସାମ୍ବାଦିକ ଭବନଠାରେ ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି ଚାଷୀ ନେତା ଶ୍ରୀ ସାହୁ। ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ବିଭିନ୍ନ ଚାଷୀ ଓ ଚାଷ ସମ୍ପର୍କିତ ସମସ୍ୟାକୁ ନେଇ ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ମହାସଂଘ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ



କରାଯାଇଥିଲା। ଜିଲ୍ଲାରେ ସାର କଳାବଜାରୀ ଚରମସୀମାରେ ପହଞ୍ଚିଥିବାବେଳେ ଚାଷୀ ପଞ୍ଜୀକରଣରେ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ମହାସଂଘ ଅଭିଯୋଗ କରିଛି। ସେହିପରି ଲୋୟର ସୁକତେଲ ପ୍ରକଳ୍ପ ଶୀଘ୍ର ତ୍ୱରାନ୍ୱିତ କରାଯିବା ସହ ପ୍ରଥମେ ଲୋଇସିଂହା, ଆଗଲପୁର ଓ ବଲାଙ୍ଗିର ଜିଲ୍ଲା ଜମିକୁ ପାଣି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି ହେଉଥିବା ବେଳେ ତାହା ଶୀଘ୍ର ପୂରଣ କରିବାକୁ ମହାସଂଘ ଦାବି କରିଛି। ଦାବି ଗୁଡ଼ିକ ପୂରଣ କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱଦେବାକୁ ମହାସଂଘ ଦାବି କରିଛି। ଅନ୍ୟଥା ଜିଲ୍ଲାରେ ଚାଷୀ ଆନ୍ଦୋଳନ ହେବା ନିଶ୍ଚିତ ବୋଲି କୃଷକ ମହାସଂଘ ସଭାପତି ଯତୀ ପଧାନ କହିଛନ୍ତି।

## ପ୍ରମୋଦିନୀ ଷଡ଼ଙ୍ଗୀଙ୍କ ବିୟୋଗ



**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ଓକିଲ ସଂଘର ବରିଷ୍ଠ ଓକିଲ ଆଶୁତୋଷ ଷଡ଼ଙ୍ଗୀଙ୍କ ମାତା ପ୍ରମୋଦିନୀ ଷଡ଼ଙ୍ଗୀଙ୍କ ବିୟୋଗ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁଁ ସେ ବହୁତଦିନରୁ ଅସୁସ୍ଥ ରହି ମହାଲକ୍ଷ୍ମୀନଗରସ୍ଥିତ ନିଜ ବାସଗୃହରେ ଚିକିତ୍ସିତ ହେଉଥିଲେ। ବୁଧବାର ରାତି ପ୍ରାୟ ୨ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ ବେଳେ ତାଙ୍କର ଉଭୟ ପୁତ୍ର ଆଶୁତୋଷ ଷଡ଼ଙ୍ଗୀ ଓ ଅଧ୍ୟାପକ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ଜ୍ୱାଇଁ ଜ୍ଞାନେନ୍ଦ୍ର ମିଶ୍ର ଓ ଅନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ। ବିଭୁତିପଡ଼ା ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରୀୟା ସମ୍ପନ୍ନ ହୋଇଛି। ସାନପୁଅ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ

**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଅଗଷ୍ଟ ୧ ତାରିଖରେ ବିଶ୍ୱ ଫୁସଫୁସ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ଥିଲା। ଏଥିରେ ଛାତ୍ର ଛାତ୍ରୀ ମାନେ ଫୁସଫୁସ କର୍କଟ ରୋଗ ଉପରେ ବ୍ୟାନର, ପ୍ଲାକାର୍ଡ ସହିତ ରୋଗ ସଚେତନ ଉପରେ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାକୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଆରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନେ ବସଷ୍ଟାଣ୍ଡରେ ସମସ୍ତ କର୍ମଚାରୀ, ଯାତ୍ରୀ ଓ ସାଧାରଣ ନାଗରିକଙ୍କୁ ସଚେତନ କରିବା ସହ ସଚେତନତାପତ୍ର ପ୍ରଦାନ କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବଲାଙ୍ଗିରର ନିର୍ଦ୍ଦେଶକ ସମସ୍ତଙ୍କୁ ଧୂମ୍ରପାନ ବର୍ଜନ ପାଇଁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗର ଅଧ୍ୟାପକ ଧର୍ମେନ୍ଦ୍ର ପ୍ରଧାନ ଓ ସସ୍ମିତା ସାମଲ ପରିଚାଳନା କରିଥିଲେ। ଏଥିରେ ଅଧ୍ୟାପକ ଜ୍ୟୋତି ପ୍ରକାଶ ଗୁରୁ ଓ ଅଧ୍ୟାପକ କିରଣରାଜ ଶତପଥୀ ସହଯୋଗ କରିଥିଲେ। ପ୍ରତିଷ୍ଠା ପ୍ରିୟଦର୍ଶିନୀ ଓ ମନୀଷା ସଂଯୋଜନା କରିଥିଲେ।




## ବିଏସ୍‌ଏଫ ଯବାନ ଚୁମକି ମିର୍ଦ୍ଧାଙ୍କୁ ସମ୍ବର୍ଦ୍ଧନା



**ପାଟଣାଗଡ଼, ୧।୮ (ସମିସ):** ପାଟଣାଗଡ଼ ବ୍ଲକ ମରୁଆଁ ପଞ୍ଚାୟତ ଝୁଲେନବର ଗାଁର ଝିଅ ଚୁମକି ମିର୍ଦ୍ଧା ଭାରତୀୟ ସୀମା ସୁରକ୍ଷା ବଳରେ ନିଯୁକ୍ତି ପାଇଥିଲେ। ଶୁକ୍ରବାର ଟ୍ରେନିଂ ସାରି ନିଜ ଗାଁକୁ ଫେରୁଥିବା ଖବରପାଇ ପୂର୍ବତନ ସୈନିକ ଓ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ପକ୍ଷରୁ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ପାଟଣାଗଡ଼ ବସଷ୍ଟାଣ୍ଡ ସମ୍ମୁଖରେ ଭବ୍ୟ ସ୍ୱାଗତ କରିଥିଲେ। ଗାଁ ମୁଣ୍ଡରୁ ତାଙ୍କ ଘର ପର୍ଯ୍ୟନ୍ତ ଗାଁବାସୀ ଏକ ଶୋଭାଯାତ୍ରାରେ ଯାଇଥିଲେ। ଚୁମକି ଆଦିବାସୀ ପରିବାରରୁ ଜନ୍ମ ଗ୍ରହଣ କରି ଏକ ଛୋଟ ଗାଁରୁ ଯାଇ ଦେଶର ସୀମାରେ ନିଯୁକ୍ତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଚୁମକି ପଞ୍ଚମ ଶ୍ରେଣୀରୁ ବେଲପଡ଼ା ଜବାହର ନବୋଦୟ ବିଦ୍ୟାଳୟରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷାଦାନ କରି ସୀମା ବାହିନୀରେ ଯୋଗ ଦେବାକୁ କଠିନ ପରିଶ୍ରମ କରୁଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ଦେବା ସମୟରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଶ୍ରୀ ଭୋଇ, ପୂର୍ବତନ ସୈନିକ ଯୋଗେଶ୍ୱର ଭୋଇ, ପରକ୍ଷିତ ମାଝୀ, ପ୍ରକାଶ ସାହୁ, ଯୁଧିଷ୍ଠିର ମିର୍ଦ୍ଧା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ବୃକ୍ଷ ହିଁ ଭଗବାନ' କାର୍ଯ୍ୟକ୍ରମ



**ବଲାଙ୍ଗିର, ୧।୮ (ସମିସ):** ସ୍ୱେଚ୍ଛାସେବୀ ସଂଗଠନ ପୂଜାପୂଜା ସେବା ସଂଗଠନର ସହଯୋଗରେ କେଶବଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଆର୍‌ଆର. କଲୋନୀ ଓ ସଦାଇପାଲି ହାଇସ୍କୁଲ, ଦ୍ୱିତୀୟ ଦିନ ସଦାଇପାଲି ଉ.ପ୍ରା. ବିଦ୍ୟାଳୟ, ଧୁମାମରା ଉ.ପ୍ରା. ବିଦ୍ୟାଳୟ ଓ ପଥରଚେପା ଉ.ପ୍ରା ବିଦ୍ୟାଳୟ ଏବଂ ତୃତୀୟ ଦିନ ଶାନ୍ତିପଡ଼ା ସରକାରୀ ଉ.ପ୍ରା. ବିଦ୍ୟାଳୟ ରେ ଚାରା ରୋପଣ କରି ବୃକ୍ଷ ହିଁ ଭଗବାନ ଓ ବୃକ୍ଷ ହିଁ ଜୀବନ ବୋଲି ଛାତ୍ର ଛାତ୍ରୀମାନଙ୍କୁ ସଚେତନ କରାଯାଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଦୁଇ ଦୁଇଟି ଚାରା ରୋପଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ଦେବତାର ମହତ୍ୱ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁନାଧର ବନଛୋର, ରୁଦ୍ରେନ୍ଦ୍ର କୁମାର ବେହେରା, ନୃପରାଜ ରଣା, ଭୀମସେନ ସାହୁ ଏବଂ ଆଦ୍ୟାଶକ୍ତି ନାରୀ ସଂଗଠନର ମାଳତି ଉଦ୍‌ଗାତା, କସ୍ତୁରୀ ରଥ, ନିହାରିକା ମିଶ୍ର, ଆରତୀ ମିଶ୍ର ଓ ରାଜଶ୍ରୀ ତ୍ରିପାଠୀ ସହଯୋଗ କରିଥିଲେ। ଉପ-ସଭାପତି ମଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାଇମରାରୁ ମହିଳା ନିଖୋଜ

**ମୁରିବାହାଲ, ୧।୮ (ସମିସ) :** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ବଡ଼ସାଇମରା ପଞ୍ଚାୟତ ଖଲିଆପାଲି ଗ୍ରାମର ହିମାଦ୍ରୀ ଦେଓ(୩୦) ବୁଧବାର ପୂର୍ବାହ୍ନରେ ଘରୁ ନିଖୋଜ ହୋଇଯାଇଥିବା ନେଇ




ତାଙ୍କ ସ୍ୱାମୀ ରଞ୍ଜିତ ଦେଓ(୪୩) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଞ୍ଜିତଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ତ୍ରୀ ହିମାଦ୍ରୀ ଘରୁ ନିଖୋଜ ହୋଇଯାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ଖୋଜଖବର ମିଳିନଥିଲା। ସେ ଘରୁ ଗଲାବେଳେ ୧୦ଭରି ଓଜନର ବିଭିନ୍ନ ସୁନା ସାମଗ୍ରୀ, ନଗଦ ୭୦ହଜାର ଟଙ୍କା, ଏକ ମୋବାଇଲ୍ ଫୋନ୍, ଜରୁରୀ କାଗଜପତ୍ରର ଜେରକ୍ସ କପି ଆଦି ଧରି ଚାଲିଯାଇଥିବା ସେ ନିଜ ଏତଲାରେ ଉଲ୍ଲେଖ କରିଛନ୍ତି। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ମୁରିବାହାଲ ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ; ବଲାଙ୍ଗିର ଚାମ୍ପିଅନ



**ଦେଓଗାଁ, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ଷ୍ଟାଡିୟମ ଠାରେ ବିଏନ୍‌ଏଏ ଆନୁକୁଲ୍ୟରେ ମାଁ ବୁଢ଼ିଆଇ ଏକଦିବସୀୟ ଫଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଜରାସିଂହା ଦଳ ଓ ବଲାଙ୍ଗିର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ଜରିଆରେ ୩-୧ ଗୋଲରେ ବଲାଙ୍ଗିର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ଖେଳକୁ ସତ୍ୟ ଦଣ୍ଡସେନା, ଡୋଲା ବର୍ଗର୍ତ୍ତି, ଲୋକନାଥ ଦଣ୍ଡସେନା, ସୁମନ ବକୁଳ, ରାଜ ଦଣ୍ଡସେନା, ପ୍ରଦୀପ ଚନ୍ଦନ, ଜ୍ୟୋତି ସିଂ ପ୍ରମୁଖ ପରିଚାଳନା କରିଥିବା ବେଳେ ଭୋଲା ପଥ୍ରୀମାଲି ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ଆଞ୍ଚଳିକ ଦଳମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାଁ ପାଟଖଣ୍ଡାଙ୍କ ଦେହୁରୀ ସନ୍ତୋଷ ଥନାପତି ଯୋଗଦେଇଥିବାବେଳେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚଅଂକୁଶମଣୀ ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ଏଆରଆଇ ତପନ ଦାସ, ବିଏନଏଏ ସଭାପତି କରୁଣାକର ମେହେର, ସମ୍ପାଦକ ରାଜକିଶୋର ସେଠ ପ୍ରମୁଖ ଯୋଗଦେଇ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଟିନା, ତନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ମୁଖ୍ୟାଳୟରେ ଥିବା ସୂର୍ଯ୍ୟକଲ୍ୟାଣ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାସାଗର ସିଂହଦେଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୋହିତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ସିଂହଦେଓଙ୍କ ସହ ଅତିଥି ଭାବେ ଫକୀରମୋହନ ତ୍ରିପାଠୀ, ଆଶିଷ କୁମାର ସିଂହଦେଓ, ସୁଧୀର ରଥ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ସିଂହଦେଓ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଲ୍ଲିମୟୀ ପଧାନ ଓ ବିଜୟାଲକ୍ଷ୍ମୀ ସାହୁ ପରିଚାଳନା କରିଥିବା ବେଳେ ବିବେକାନନ୍ଦ ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ଶିକ୍ଷୟିତ୍ରୀ ମିତାଂଶୁବାଳା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ନିର୍ମଳ ଚନ୍ଦ୍ର ମେହେର ଅବସରକାଳୀନ ସମ୍ବର୍ଦ୍ଧନାପତ୍ର ପଠନ କରିଥିବାବେଳେ ରଙ୍ଗାଧର ପଟେଲ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷୟିତ୍ରୀ ବବିତା ରଥ, ନନ୍ଦିତା ବାରିକ, ପ୍ରସନ୍ନ କୁମାର ପଣ୍ଡା, ପ୍ରଶାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ ତାରଲାଗି ବୃଦ୍ଧ ମୃତ

# କ୍ଷତିପୂରଣ ଦାବିରେ ୩ ଘଣ୍ଟା ରାସ୍ତା ଅବରୋଧ

ଦେଓଗାଁ, ୧।୮ (ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ତୁଷୁରା ଥାନା ଅଧୀନ ଖଗସିକନାରେ ଜଣେ ବୃଦ୍ଧ ନଳକୂପକୁ ଯିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତ ବୃଦ୍ଧ ଜଣକ ହେଲେ ଖଗସିକନା ଗାଁର ବ୍ରଜବନ୍ଧୁ ପ୍ରଧାନ(୭୨)। ଏ ନେଇ ତୁଷୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସଞ୍ଜିପ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସକାଳେ ଗାଁ ଛକ ଠାରେ ଥିବା ନଳକୂପକୁ ବ୍ରଜବନ୍ଧୁ ପ୍ରଧାନ ଦାନ୍ତଘସିବା ପାଇଁ ଆସିଥିବା ବେଳେ ଉପରଦେଇ ଯାଇଥିବା ବିଦ୍ୟୁତ ତାର ହଠାତ ଛିଣ୍ଡି ପଡ଼ିଥିଲା। ଫଳରେ ବୃଦ୍ଧଜଣକ ବିଦ୍ୟୁତ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ। ପ୍ରକାଶ ଯେ ଉକ୍ତ ଗାଁରେ ଦୀର୍ଘଦିନ ହେଲା ବିଦ୍ୟୁତ ତାର ଓ ଖୁଣ୍ଟ ଗୁଡ଼ିକ ବିପଦପୂର୍ଣ୍ଣ ରହିଥିବାବେଳେ ଗାଁଲୋକେ ବାରମ୍ବାର ସରପଞ୍ଚଠୁ ଆରମ୍ଭ କରି ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ମରାମତି କରିବା ପାଇଁ ଗୁହାରୀ କରିଥିଲେ ହେଁ କେହି କର୍ଣ୍ଣପାତ କରି ନ ଥିଲେ। ବୃଦ୍ଧଙ୍କ ଜୀବନହାନୀ ହେବାପରେ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଶବକୁ ରାସ୍ତାରେ ରଖି ଖଗସିକନା-ଅର୍ଜୁନପୁର ରାସ୍ତାକୁ ୩ ଘଣ୍ଟାଧରି ଅବରୋଧ କରିଥିଲେ। ପରେ ବିଦ୍ୟୁତ ବିଭାଗର ଯନ୍ତ୍ରୀ ଓ କର୍ମଚାରୀ ଓ ତୁଷୁରା ଥାନାଧିକାରୀ ସଞ୍ଜୀବ ପଧାନ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ତଥା ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦାଶଙ୍କ ସହ ଆଲୋଚନା କରିଥିଲେ। ପରେ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରିବା ଓ ଅଗଷ୍ଟ ଶେଷସୁଦ୍ଧା ଗାଁର ପୋଖରୀ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସ୍ଥାନାନ୍ତର କରିବା ତଥା ଗାଁରେ ରହିଥିବା ସମସ୍ତ ବିଦ୍ୟୁତ ତାର ଓ ବିପଦପୂର୍ଣ୍ଣ ଖୁଣ୍ଟ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

**ଚାକିରି କରାଇଦେବା ନାଁରେ ଠକେଇ ଅଭିଯୋଗ**

# ଗିରଫର ୩ ଦିନ ପରେ ପ୍ରଧାନଶିକ୍ଷକ ନିଲମ୍ବିତ

**ଲାଞ୍ଜିଗଡ଼, ୧।୮ (ସମିସ):** ସିନାପାଲି ଅଞ୍ଚଳର ଜଣେ ଯୁବତୀ ଓ ୨ଜଣ ଯୁବକ ଚାକିରି ଆଶାରେ ଠକାମିର ଶିକାର ହୋଇଛନ୍ତି। ଏହି ଘଟଣାରେ ସିନାପାଲି ପୁଲିସ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ଡଙ୍ଗାଯୋର ସରକାରୀ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ ମହାରଣାଙ୍କୁ ଗିରଫ କରିଛି। ଶେଷରେ ତାଙ୍କୁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ଚାକିରିରୁ ନିଲମ୍ବନ କରିଛି।



ସିନାପାଲି ଥାନା ସଦର ଗ୍ରାମର ପ୍ରବୀଣ ମେହେର ଓ ପ୍ରଭାତ ମେହେରଙ୍କୁ ଏକ ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରାଇଦେବେ ବୋଲି ସେ କହି ଥିଲେ। ଏଥିଲାଗି ୬ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ପ୍ରବୀଣଙ୍କଠାରୁ ୪ଲକ୍ଷ ଓ ପ୍ରଭାତଙ୍କଠାରୁ ୨ଲକ୍ଷ ୫୦ ହଜାର ଟଙ୍କା ଠକିଥିଲେ। ଚାକିରି ନାଁରେ ଠକେଇର ଶିକାର ହୋଇଥିବା ଜଣାପଡ଼ିବା ପରେ ପ୍ରବୀଣ ଗତ ୨୩ ତାରିଖରେ ସିନାପାଲି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ସିନାପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଏତନ ଧରୁଆଙ୍କ ନେତୃତ୍ୱରେ ଏକ ଟିମ୍ ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ରାୟଗଡ଼ା ଜିଲ୍ଲା ଆମ୍ବାଦୋଳା ଗ୍ରାମରେ ଚଢଉ କରିଥିଲା। ସେଠାରୁ ଅଭିଯୁକ୍ତ ପ୍ରଧାନଶିକ୍ଷକ ଶ୍ରୀ ମହାରଣାଙ୍କୁ ଗିରଫ କରିଥିଲା। ଏହାକୁ ନେଇ ବ୍ଲକ ଶିକ୍ଷା ବିଭାଗ ପାଖରେ କୌଣସି ଖବର ନ ଥିଲା। କୋର୍ଟ ଚାଲାଣ ଖବର 'ସକାଳ'ରେ ପ୍ରକାଶିତ ହୋଇଥିଲା। ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ଜାଣିବା ପରେ ଘଟଣାର ତଦନ୍ତ କରି ପ୍ରଧାନ ଶିକ୍ଷକ ଶ୍ରୀ ମହାରଣାଙ୍କୁ ନିଲମ୍ବନ କରିଥିବା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ପ୍ରକାଶ କରିଛନ୍ତି। ଅପରପକ୍ଷରେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେବା ସହିତ ରାୟଗଡ଼ା ଜିଲ୍ଲା ଅମ୍ବାଦଳାର ଶିକ୍ଷକ ବିଜୟ ମିଶ୍ର ଓ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଭେଜିପଦର ସ୍କୁଲର ଶିକ୍ଷକ ତଥା ଶିକ୍ଷକ ନେତା ପ୍ରଶାନ୍ତ ଖମାରି ଗିରଫ୍ ହୋଇ ଜେଲ୍ ଯାଇଛନ୍ତି। ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ୪ କିଲୋମିଟର ଦୂରରେ ଥିବା ରାୟଗଡ଼ା ଜିଲ୍ଲା ଅମ୍ବାଦଳାର ଶିକ୍ଷକ ଶ୍ରୀ ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ ପରେ ଏହାକୁ ନେଇ ଲାଞ୍ଜିଗଡ଼ ବ୍ଲକ ଶିକ୍ଷକ ମହଲାରେ ଏକ ପ୍ରକାର କୋକୁଆ ଭୟ ଦେଖିବାକୁ ମିଳିଛି।

# ନେଟ୍‌ୱର୍କ ଖୋଜୁଛନ୍ତି ନଙ୍ଗଲବୋଡବାସୀ







**ସିନାପାଲି, ୧।୮ (ସମିସ)**

୫-ଜୀ ଯୁଗରେ ନେଟ୍‌ୱର୍କ ସବୁ ସମୟରେ ଜରୁରି ହୋଇ ପଡ଼ିଛି। ହେଲେ ଉପାନ୍ତ ନଙ୍ଗଲବୋଡରେ ଟାୱାର ଥାଇ ମଧ ନେଟ୍‌ୱର୍କ ନ ଥିବାରୁ ଅଞ୍ଚଳର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ନେଟ୍‌ୱର୍କ ଅସୁନଥିବାରୁ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତିରେ ଫୋନ୍ କଲ ଟିଏ ପାଇଁ ଅଞ୍ଚଳବାସୀ ଚିନ୍ତାରେ ରହୁଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ବଣପାହାଡ ଘେରା ଦୁର୍ଗମ ଅଞ୍ଚଳ ନଙ୍ଗଲବୋଡ ପଞ୍ଚାୟତରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସିନାପାଲି ବ୍ଲକସଦର ଠାରୁ ଏହି ପଞ୍ଚାୟତ ଦୀର୍ଘ ୩୦ କିଲୋମିଟର ଦୂରରେ ଅବସ୍ଥିତ। ନଙ୍ଗଲବୋଡଠାରେ ତିନିବର୍ଷ ହେଲା ଭାରତର ସବୁଠୁ ଭରସା ଯୋଗ୍ୟ ନେଟ୍‌ୱର୍କ ସଂସ୍ଥା ବିଏସ୍ଏନ୍ଏଲ୍ ଟାୱାର ସ୍ଥାପନା କରାଯାଇଛି। ହେଲେ ନେଟ୍‌ୱର୍କ ପାଉନି। ନେଟ୍‌ୱର୍କ ପାଇବାକୁ ହେଲେ କିଏ ଗଛଉପରକୁ ଚଢୁଛି ତ କିଏ ଘରଛାତ ଉପରକୁ ଚଢ଼ି ନେଟ୍‌ୱର୍କ ଖୋଜୁଛନ୍ତି। ନେଟ୍‌ୱର୍କ ଅଭାବରୁ ଅନ୍‌ଲାଇନ ପାଠପଢ଼ା ଠପ୍ ହୋଇ ପଡୁଥିବା ବେଳେ ବିଭିନ୍ନ ଅନଲାଇନ କାମ ହୋଇପାରୁ ନାହିଁ। ଏପରିକି ଜରୁରିକାଳୀନ ପରିସ୍ଥିତିରେ ଫୋନ୍ କାମ କରୁ ନାହିଁ ବୋଲି ଅଭିଯୋଗ କରିଛନ୍ତି ନଙ୍ଗଲବୋଡଅଞ୍ଚଳବାସୀ। ଯଥାଶୀଘ୍ର ନେଟ୍‌ୱର୍କ ସୁବିଧା କରିବାକୁ ସରକାରଙ୍କ ନିକଟରେ ସ୍ଥାନୀୟ ସରପଞ୍ଚ ଜଗଦିଶ ମାଝି, ସମିତି ସଭ୍ୟ ଡିଙ୍ଗର ମାଝି, ଦାଦୁ ଖାନ, ପଦ୍ମନାଭ ମାଝି, ମଞ୍ଜୁରୀ ମାଝି, ବାସନ୍ତୀ ମାଝୀ, ଗୋମତୀ ମାଝି ସମେତ ଅଞ୍ଚଳର ଅନେକ ଦାବି କରିଛନ୍ତି।

# ନାବାଳିକା ନିଖୋଜ ଘଟଣାର ନ୍ୟାୟ ଦାବି

**ଭବାନୀପାଟଣା, ୧।୮ (ସମିସ):** କୋକସରା ଥାନା ସୁନାମାଳ ଗ୍ରାମର ଜଣେ ନାବାଳିକା ଜୁନ୍ ୧୯ ରେ ନିଖୋଜ ହୋଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ନ ପାଇବାରୁ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ; ହେଲେ ଅଭିଯୋଗର ୧ ମାସ ବିତିଯାଇ ଥିଲେ ସୁଦ୍ଧା ପୁଲିସ ନାବାଳିକାଙ୍କୁ ଖୋଜିବାରେ ବିଫଳ ହୋଇଥିଲା। ଦୀର୍ଘ ୨୯ ଦିନ ପରେ ନାବାଳିକା କୋକସରା ଥାନାକୁ ଆସି ନିଖୋଜ ପଛର ସତ୍ୟାସତ୍ୟ ବଖାଣିଛନ୍ତି। ପରେ ନାବାଳିକାକୁ କାଉନସେଲିଂ ପାଇଁ କୋକସରା ପୁଲିସ, କଳାହାଣ୍ଡି ଶିଶୁ ମଙ୍ଗଳ ସମିତିଙ୍କ ସହାୟତାରେ ଭବାନୀପାଟଣାର ଶମ୍ଭୁନଗରପଡ଼ାସ୍ଥିତ ମୁକ୍ତ ଆବାସକୁ ସ୍ଥାନାନ୍ତର କରାଯାଇଥିଲା। ଏଭଳି ସ୍ୱର୍ଶକାତର ଖବର ପାଇ ଉତ୍କଳ ଯାଦବ ମହାସଭା ରାଜ୍ୟ ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, କଳାହାଣ୍ଡି ଜିଲ୍ଲା ଯାଦବ ସମାଜର କର୍ମକର୍ତ୍ତା ଡାକେ ଲହଜଳ, ଜଗଦୀଶ ଯାଦବ, ଯୁବ ସମାଜସେବୀ ପିତବାସ ବେହେରା, ଲବଣୀ ରାଉତ, ସୁନାମାଳ ଗ୍ରାମବାସୀ, କୋକସରା ଯାଦବ ସମାଜର କର୍ମକର୍ତ୍ତାଙ୍କ ସମେତ ନାବାଳିକାର ବାପା-ମା କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଉପଯୁକ୍ତ ନ୍ୟାୟ ଦାବି କରିଥିଲେ। ଅନ୍ୟପଟେ ନାବାଳିକାର ଶାରୀରିକ ଅସୁସ୍ଥତା ହେତୁ ବାପା-ମାଁ, ସଂଯୁକ୍ତା ବେହେରା, ପିତବାସ ବେହେରା ଓ ତୁଳମଣି ନାଗଙ୍କ ସହଯୋଗରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା ମଧ କରାଇଥିଲେ। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ନାବାଳିକା ଥାନାର ଦ୍ୱାରସ୍ଥ ହୋଇଥିଲେ। ନାବାଳିକା କେଉଁ ପରିସ୍ଥିତିରେ ଘରୁ ଯାଇଥିଲେ, ଫେରିବା ପରେ ଯେଉଁମାନଙ୍କୁ ଦାୟୀ ବୋଲି କହିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଛି। ଦୁଷ୍କର୍ମ ଓ ଅପହରଣର କାହାଣୀ ଲୁଚିଯାଉଥିବାରେ ନଇ ଉଦ୍‌ବେଗ ପ୍ରକାଶ ପାଉଛି। ଦୋଷୀ ଉପଯୁକ୍ତ ଦଣ୍ଡ ପାଉ ବୋଲି ସମସ୍ତେ ଜିଦରେ ଅଟଳ ରହିଛନ୍ତି।



# ଖଟିଆରେ ବୁହା ହେଲେ ଗର୍ଭବତୀ

**ଜୁନାଗଡ଼, ୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ମୁଣ୍ଡରାଗୁଡା ପଞ୍ଚାୟତ କଣ୍ଡିପଦର ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଗର୍ଭବତୀ ମାନିନୀ ସୁନାନୀ (୨୨)ଙ୍କୁ ଗାଁ ଲୋକଙ୍କ ସହଯୋଗରେ ପରିବାର ଲୋକେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ବୋହି ନେଇଛନ୍ତି। ଏହି ଗାଁକୁ ରାସ୍ତା ନାହିଁ। ଏଣୁ ଆମ୍ବୁଲାନ୍ସ ପହଞ୍ଚିଥିଲେ ମଧ ୧ କିଲୋମିଟର ଦୂରରେ ରହିଥିଲା। ଗ୍ରାମବାସୀ ମାନିନୀଙ୍କୁ ଖଟିଆରେ ବୋହି ବୋହି ଗାଡି ପର୍ଯ୍ୟନ୍ତ ଆଣିଥିଲେ। ଏହାପରେ ସ୍ଥାନୀୟ ଆଶାକର୍ମୀଙ୍କ ସାହାଯ୍ୟରେ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।



# ଉତେଇ ନଦୀ ଡ୍ୟାମ୍‌ରେ ଭାସୁଛି ନବଜାତର ଶବ

**ମ. ରାମପୁର, ୧।୮ (ସମିସ):** ମ. ରାମପୁର ବ୍ଲକର ଆମ୍ବ ଗାଁସ୍ଥିତ ଉତେଇ ନଦୀ ଡ୍ୟାମ୍‌ର ପାଣି ଭିତରେ ଏକ କଅଁଳ ଶିଶୁର ମୃତଦେହ ଭାସୁଥିବା ଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଲୋକ ଏହା ଦେଖିବାକୁ ପାଇଥିଲେ। କୌଣସି କାରଣରୁ ମୃତ୍ୟୁ ଘଟିଥିବା ଏହି ଶିଶୁକୁ କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।


# ଗରିବ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ



**ନୂଆପଡ଼ା, ୧।୮ (ସମିସ):** ସଦ୍‌ଗୁରୁ ଶ୍ରୀ ସତପାଲ ଜୀ ମହାରାଜଙ୍କ ନିର୍ଦ୍ଦେଶାନୁକ୍ରମେ ନୂଆପଡ଼ା ସିରତୋଲ ଲକ୍ଷ୍ମୀନଗର ସ୍ଥିତ ମାନବ ଉତ୍ଥାନ ସେବା ସମିତି ଆଶ୍ରମର ଶ୍ରୀ ଦିନାନନ୍ଦ ଜୀଙ୍କ ତତ୍ତ୍ୱାବଧାନରେ ସମିତିର କାର୍ଯ୍ୟକର୍ତ୍ତାମାନେ ମୁସରଙ୍ଗୀ ପ୍ରାଥମିକ ବିଦ୍ୟାଳୟ ଓ କୋଟେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୫ ଜଣ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତା ଭୋଲାନାଥ ଦେବାଙ୍ଗନ, ଭାନୁରାମ କେଉଟ, ଗଣପତ ରାଉତ, ବିଶ୍ୱଜିତ ସାହୁ, ଦାଦ୍ଧୁ ସୋନି ସହଯୋଗ କରିଥିଲେ।

# ମ.ରାମପୁର ଥାନାରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ମ.ରାମପୁର, ୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏଥିରେ ଥାନା ଅଧିକାରୀ ବିରବର ଭଗତ ଅଧ୍ୟକ୍ଷତା କରିଥିଲେ। ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସଚେତନତା ଉପରେ ସେ ଧାରଣା ଦେଇଥିଲେ। ଆଇନ ଶୃଙ୍ଖଳାରେ କିପରି ସୁଧାର ଆଣିହେବ ସେନେଇ ସେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ, ପଞ୍ଚାୟତ ପ୍ରତିନିଧି ଓ ଜନ ସାଧାରଣଙ୍କ ମତାମତ ଲୋଡ଼ିଥିଲେ।



ଜଣେ କ୍ରସର ବ୍ୟବସାୟଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଯାଇଥିବା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ୫୨ ଦିନ ପରେ ଜେଲରୁ ମୁକୁଳିଛନ୍ତି

# ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନୂଆପଡ଼ା, ୧।୮ (ସମିସ):** ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ମେହେର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ଗୁରୁ ପ୍ରସାଦ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମଞ୍ଜୁରାଣୀ ସିଂହ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ବିଦ୍ୟାଧର ନାଗ, ଜିଲ୍ଲା ପ୍ରକଳ୍ପ ପରିଚାଳକ ସତ୍ୟ ନାରାୟଣ ତ୍ରିପାଠୀ, ଜିଲ୍ଲା ଅର୍ଥ ପରିଚାଳକ ଅରବିନ୍ଦ ନାୟକ, ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜଗତବନ୍ଧୁ ମହାପାତ୍ର, ପରିସଂଖ୍ୟାନବିତ ମୀନ କେତନ ମାଝୀ, ଅଣ ସଂକ୍ରାମକ ରୋଗ ସହାୟକ ଶରତ କୁମାର ବେଜ ତଥା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କୁ ଉପଢ଼ୌକନ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କର୍ମଚାରୀ ତାଙ୍କର ସୁସ୍ଥ, ନିରୋଗ ଓ ଦୀର୍ଘ ଜୀବନ କାମନା କରିଥିଲେ। ଅବସରକାଳୀନ ସଭା ପରେ ଗୋଟିଏ ସଂକୀର୍ତ୍ତନ ଦଳ ତାଙ୍କ ସହିତ ସଂକୀର୍ତ୍ତନ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ନ୍ୟାସନାଲ ହାଇସ୍କୁଲ ପର୍ଯ୍ୟନ୍ତ ଯାଇ ବିଦାୟ ଦେଇଥିଲେ।



# ୟୁଏଏସ୍‌କୁ ଶିକ୍ଷକଙ୍କ ନା

**କେସିଙ୍ଗା, ୧।୮ (ସମିସ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଚଳନ କରିବାକୁ ଯାଉଥିବା ୟୁଏଏସକୁ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି। ସଭାପତି ସୁରେନ୍ଦ୍ର ଦୋରା ଓ ସାଧାରଣ ସମ୍ପାଦକ ତପନ ଦାଶଙ୍କ ନେତୃତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାରା ରାଜ୍ୟରେ ଏହି ଦାବିପତ୍ର ପ୍ରତ୍ୟେକ ଜିଲ୍ଲାସ୍ତରରେ ଓ ୩୧୪ଟି ବ୍ଲକରେ ପ୍ରାଥମିକ ସଂଘ ତରଫରୁ ପ୍ରଦାନ କରାଯାଇଛି। ଯଦି ସରକାର ଶିକ୍ଷକଙ୍କ ଉପରେ ଚାପ ପକାଯାଏ ତାହାହେଲେ ଆଗକୁ ଏହା ଆନ୍ଦୋଳନର ରୂପ ନେଇପାରେ ବୋଲି ଚେତାବନୀ ଦିଆଯାଇଛି।



# ଯାଦବ ସମାଜର ଶ୍ରଦ୍ଧାଞ୍ଜଳି ସଭା

**ଭବାନୀପାଟଣା, ୧।୮ (ସମିସ):** ନର୍ଲା ବ୍ଲକ ବୁଢୀପଦରର ଧର୍ମପରାୟଣା ମହିଳା ପାନ ଗଉଡଙ୍କ ଏକଦଶାହ ଅବସରରେ ଯାଦବ ସମାଜ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ସଂଯୋଜନାରେ ଆୟୋଜିତ ଶୋକସଭାରେ ନର୍ଲା ବ୍ଲକ ଯାଦବ ସମିତି ଉପସଭାପତି ସୁନୀଲ ଧଙ୍ଗଡ଼ାମାଝୀ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡ଼ାମାଝୀ, ଆଞ୍ଚଳିକ ଯାଦବ ସମିତି ରିକ୍ସିର ସମ୍ପାଦକ ଶତ୍ରୁଘନ ଧଙ୍ଗଡ଼ାମାଝୀ, ଯାଦବ ନେତୃତ୍ୱ ପ୍ରଦିପ ଧଙ୍ଗଡ଼ାମାଝୀ, ଜଳନ୍ଧର ବାଗ, କୃଷ୍ଣ ଗଉଡ, ସୁରେନ୍ଦ୍ର ବାଗ, ଭରତ ଧଙ୍ଗଡ଼ାମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ବୃନ୍ଦାବତୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

**ଭବାନୀପାଟଣା, ୧।୮ (ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ବୃନ୍ଦାବତୀ ବିହାର, ଭବାନୀପାଟଣା)ରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସାରଙ୍ଗଧର ଠାକୁର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନାରାୟଣ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ବିଜ୍ଞାନ ମେଳାରେ ଅରୁଣ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ ୧୯୦ ଜଣ ଅଂଶ ଗ୍ରହଣ କରିଥିଲେ। ପ୍ରଶାନ୍ତ ମହାନ୍ତି, ଦେବାନନ୍ଦ ବାଗ, କୌସ୍ତୁଭମଣି ବାଗ, ରାଜ ରାଜେଶ୍ୱରୀ ରଥ, ଅର୍ଚ୍ଚିତ ପଣ୍ଡା ବିଚାରକ ଥିଲେ। ମହେନ୍ଦ୍ର ନାଏକ ପରିଚୟ ପ୍ରଦାନ କରିଥିଲେ। ପଙ୍କଜ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ପୁରସ୍କାର ବିତରଣରେ କ୍ଷୀରୋଦ ବାଗ ସହଯୋଗ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ।




# ନୂତନ ପ୍ରଧାନଶିକ୍ଷକଙ୍କ ଯୋଗଦାନ



**ନୂଆପଡ଼ା, ୧।୮ (ସମିସ):** ସ୍ଥାନୀୟ ଖରିଆରରୋଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକ ଭାବେ ପ୍ରବୋଧ କୁମାର ହୋତା ଯୋଗଦାନ କରିଛନ୍ତି। ଶୁକ୍ରବାର ସେ ବିଦ୍ୟାଳୟ ସ୍ଥିତ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ପୂଜାର୍ଚ୍ଚନା କରିବା ପରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରୀବୃନ୍ଦ ଯୋଗଦେଇ ବିଦ୍ୟାଳୟ ତରଫରୁ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀ ହୋତା ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ପରିଚ୍ଛନ୍ନତା ସହ ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସଙ୍ଗୀତରେ ମହମ୍ମଦ ରଫିଙ୍କୁ ଶ୍ରଦ୍ଧାଞ୍ଜଳି




**ଭବାନୀପାଟଣା, ୧।୮ (ସମିସ)**

ପ୍ରଖ୍ୟାତ କଣ୍ଠଶିଳ୍ପୀ ସ୍ୱର୍ଗତ ମହମ୍ମଦ ରଫିଙ୍କ ପୁଣ୍ୟତିଥି ଅବସରରେ ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ଏବଂ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା ସ୍ୱର୍ଗତ ରଫିଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ପ୍ରଦାନ କରିଥିଲେ। ସୁଧୀର ଚନ୍ଦ୍ର ପଣ୍ଡା ରଫିଙ୍କ ସଙ୍ଗୀତ ସାଧନା ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ସ୍ୱର୍ଗତ ରଫିଙ୍କ ଗୀତଗୁଡ଼ିକୁ ସସ୍ମିତା ମହାନ୍ତି, ସସ୍ମିତା ରଥ, ନମିତା ମିଶ୍ର, କୁମାରୀ ଲିପ୍ସା ମହାରଣା, ସମୀର ସାହୁ, ତାପସ ପଟେଲ, ଚକ୍ରଧର ମହାରଣା, ମିଟୁ ଦାସ ଏବଂ ରାହୁଲ ମିଶ୍ର ପ୍ରମୁଖ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ କଳାକାର ମନୋଜ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଗୋପାଳ ଚନ୍ଦ୍ର ସାହୁ, ଭାଗୀରଥି ବେହେରା, ନରେନ୍ଦ୍ର ପଣ୍ଡା, ଚିତ୍ତ ରଞ୍ଜନ ପଣ୍ଡା, ସୌରଭ ମହାପାତ୍ର ଓ ରାମ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ।


# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କେସିଙ୍ଗା, ୧।୮ (ସମିସ):** ସ୍ଥାନୀୟ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ (କୁଣ୍ଡାବନ୍ଧ)ରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ ରଥ ସଭାପତିତ୍ୱ କରିଥିଲେ। ଅବସର ଗ୍ରହଣ କରିଥିବା ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ସାହୁ, ଚତୁର୍ଥ ଶ୍ରେଣୀ କର୍ମଚାରୀ ତରଣୀସେନ ମିଶ୍ର ଓ ଥବୀର ବାଗଙ୍କୁ ଶିକ୍ଷକ-ଶିକ୍ଷୟିତ୍ରୀ, ଗ୍ରାମବାସୀ, ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ସମୀର ବେହେରା, ଅଭୟ ଦେବତା, ବିଦ୍ୟାଳୟ ପରିଚାଳନା ସଭାପତି କେଶବଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ପ୍ରହ୍ଲାଦ ସା, ପ୍ରଧାନ ଶିକ୍ଷକ ବିପିନ ପ୍ରଧାନ ଉପସ୍ଥିତ ଥିଲେ। ଶିକ୍ଷକ ପରମାନନ୍ଦ ଛୁଆଳସିଂହ ପରିଚାଳନା କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଯଦି ସମସ୍ତେ ଗୋଟିଏ ଲକ୍ଷ୍ୟ ପୂରଣ ପାଇଁ ପାଦରେ ପାଦ ମିଳାଇ ଚାଲିବେ ତେବେ ସଫଳତା ଆପେ ଆପେ ଆସିଯିବ।
-ହେନେରି ଫୋର୍ଡ

## ଟଳିଲା ସୁନାମି ଆତଙ୍କ

ରୁଷର ପୂର୍ବ ଉପକୂଳ କାମ୍‌ଚାଟ୍‌କା ଉପଦ୍ୱୀପରେ ବୁଧବାର ଅନୁଭୂତ ଶକ୍ତିଶାଳୀ ଭୂମିକମ୍ପ ଏଥିମଧ୍ୟରେ ୭୨ ଘଣ୍ଟା ଅତିକ୍ରମ କରିସାରିଥିବାରୁ ସୁନାମି ଆତଙ୍କ ଅପସରିଯାଇଛି। ଏହି ଭୂମିକମ୍ପର ତୀବ୍ରତା ୮.୮ ହୋଇଥିବାରୁ ପ୍ରଶାନ୍ତ ମହାସାଗର ବେଳାଭୂମି ସଂଲଗ୍ନ ଅଞ୍ଚଳରେ ସୁନାମି ସମ୍ଭାବନା ନେଇ ସତର୍କ କରାଯାଇଥିଲା। ରୁଷ, ଜାପାନ, ଆମେରିକାର ପଶ୍ଚିମ ଉପକୂଳ ଅଞ୍ଚଳ, ଚିଲି, ଇକ୍ୱାଡର, ପେରୁ, ଫିଲିପାଇନ୍ସ, ଗୁଆମ ନ୍ୟୁଜିଲାଣ୍ଡରେ ସମ୍ଭାବ୍ୟ ସୁନାମି ଦୃଷ୍ଟିରୁ ତଟବର୍ତ୍ତୀ ଅଞ୍ଚଳରୁ ଲୋକଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏବେ ସ୍ୱାଭାବିକତା ଫେରୁଛି। ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଅର୍ଥାତ୍ ୨୦୦୪ ଓ ୨୦୧୧ରେ ଯଥାକ୍ରମେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଓ ଜାପାନର ହାନସୁ ଦ୍ୱୀପରେ ୯.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଗଭୀର ସମୁଦ୍ର ହୋଇଥିବାରୁ ପ୍ରଳୟଙ୍କରୀ ସୁନାମି ପ୍ରଭାବରେ ଯଥାକ୍ରମେ ୨.୫ ଲକ୍ଷ ଓ ୧୮,୪୫୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଏକ ମହାପ୍ରଳୟର ଅନୁଭୂତି ଲୋକଙ୍କ ମନରୁ ଲିଭିନାହିଁ। କାମ୍‌ଚାଟ୍‌କା ଉପଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରବକ୍ଷର ୧୯.୩ କିଲୋମିଟର ଗଭୀର ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ହୋଇଥିବାରୁ ତାହାର ତୁରନ୍ତ ପ୍ରଭାବ ରୁଷର ପୂର୍ବତଟରେ ଅନୁଭୂତ ହୋଇଥିଲା। ପ୍ରାୟ ୧୩ ଫୁଟ ଉଚ୍ଚର ସୁନାମି ବା ସମୁଦ୍ର ଲହରୀ ଆସି ନିକଟସ୍ଥ ଅଞ୍ଚଳରେ ବନ୍ୟା ବିପର୍ଯ୍ୟୟ ଭଳି ପରିସ୍ଥିତି ସୃଷ୍ଟି କରିଥିଲା। କୁରିଲ ଦ୍ୱୀପପୁଞ୍ଜ ହିଁ ଥିଲା ସୁନାମିର ପ୍ରଥମ ଶିକାର। ପରବର୍ତ୍ତୀ ସମୟରେ ସୁନାମୀର ସୀମିତ ପ୍ରଭାବ ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି।

କାମଚାଟକା ଉପଦ୍ୱୀପ ରୁଷର ଏକ ଜନବହୁଳ ଅଞ୍ଚଳ ନୁହେଁ। ବହୁତ କମ୍ ଜନବସତି ଥିବାରୁ ଏହାର ଆଖପାଖ ଅଞ୍ଚଳରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅପେକ୍ଷାକୃତ କମ୍। ଉଲ୍ଲେଖଯୋଗ୍ୟ କି ଏହି ଅଞ୍ଚଳରେ କ୍ରମାଗତ ଆଉ ଦୁଇଥର ଭୂମିକମ୍ପ ଅନୁଭୂତ ହୋଇଥିଲା। ତାହାର ତୀବ୍ରତା ଥିଲା ୬.୩। ରୁଷ ସରକାରୀ ମୁଖପାତ୍ରଙ୍କ ବିବରଣୀରେ କିଛି କୋଠାବାଡ଼ି ଭାଙ୍ଗିଥିବା କୁହାଯାଉଥିଲେ ମଧ୍ୟ ମୃତାହତଙ୍କ ସଂଖ୍ୟା ସୀମିତ ମନେ ହେଉଛି। ଜାପାନ ପାଣିପାଗ ବିଜ୍ଞାନ ସଂସ୍ଥା ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରାରମ୍ଭିକ ସୁନାମି ପ୍ରବାହ ସେଭଳି ଆତଙ୍କ ସୃଷ୍ଟିକାରୀ ହୋଇନଥିଲେ ମଧ୍ୟ ପରେ ସମୁଦ୍ରରୁ ଉଚ୍ଚ ଲହରୀ ମାଡ଼ି ଆସିଥିଲା। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଆଲାସ୍କା, ହାଇୱା, ଚିଲି ଓ ସୋଲମାନ ଦ୍ୱୀପପୁଞ୍ଜରେ ସୁନାମିର ପ୍ରଭାବ ଅନୁଭୂତ ହୋଇଥିଲା। ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାର ଖବର ମିଳିଛି। ଜାପାନ ସରକାର ଉପକୂଳ ଅଞ୍ଚଳରୁ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିଥିଲା। ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସେନ୍‌ଡାଇ ବିମାନଘାଟିକୁ ସାମୟିକ ବନ୍ଦ ରଖାଯାଇଥିଲା। ପୂର୍ବ ଅନୁଭୂତିକୁ ଦୃଷ୍ଟିରେ ରଖି ଫୁକୁସିମା ପରମାଣୁ କେନ୍ଦ୍ରକୁ ତୁରନ୍ତ ଖାଲି କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ କାମଚାଟକା ଉପଦ୍ୱୀପରେ ଥିବା କ୍ଲିଚେଭସ୍କୋଏ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହୋଇଥିଲା।

ବିଶେଷଜ୍ଞଙ୍କ ସୂତ୍ରରୁ ପ୍ରକାଶ ଯେ ରୁଷର ସୁଦୂର ପର୍ବାଞ୍ଚଳରେ ଅବସ୍ଥିତ କାମଚାଟକା ପ୍ରଶାନ୍ତ ମହାସାଗରୀୟ ଅଗ୍ନିବଳୟରେ ଅବସ୍ଥିତ। ଭୂତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଞ୍ଚଳଟି ଭୂମିକମ୍ପ ଓ ଆଗ୍ନେୟଗିରି ଉଦ୍‌ଗୀରଣ ଦୃଷ୍ଟିରୁ ସମ୍ବେଦନଶୀଳ। ସେସ୍‌ମିକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଅପେକ୍ଷାକୃତ ହାଲୁକା ଉତ୍ତର ଆମେରିକୀୟ ପ୍ଲେଟ ଭାରି ପ୍ରଶାନ୍ତ ମହାସାଗରୀୟ ପ୍ଲେଟର ଚାପରେ ଥିବାରୁ ଏହି ଅଞ୍ଚଳରେ କ୍ରମାଗତ ଭୂମିକମ୍ପ ଓ ଉଦ୍‌ଗୀରଣ ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବ। ଗତିଶୀଳ ପ୍ରଶାନ୍ତ ମହାସାଗରୀୟ ପ୍ଲେଟ ପ୍ରଥମରୁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ପ୍ରକୃତିର ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିଜ୍ଞାନ ଏପର୍ଯ୍ୟନ୍ତ ସମର୍ଥ ହୋଇନାହିଁ। ପରିବେଶିକ ସଂଘାତ ଓ ଯୁଦ୍ଧ ବିଭୀଷିକାର ଘନଘଟା ମନୋରମ ପ୍ରକୃତିକୁ କ୍ରମାଗତ ଭାବେ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ପ୍ରାକୃତିକ ସଂପଦର ଦୁରୁପଯୋଗ ମାଧ୍ୟମରେ ଶକ୍ତି ଓ ଅହଂକାରର ପ୍ରଦର୍ଶନ ପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହାର ପରାଭବ ମନୁଷ୍ୟ ସମାଜକୁ ଭୋଗିବାକୁ ପଡ଼ିବ। ଏହି ପ୍ରବାହ ଓ ବେଗକୁ ରୋକିବା ଲାଗି ବିଶ୍ୱ ନେତୃବର୍ଗ ଯେ ଅସମର୍ଥ ତାହା ହିଁ ସାଂପ୍ରତିକ ଆନ୍ତର୍ଜାତିକ ପରିସ୍ଥିତିରୁ ସ୍ପଷ୍ଟ।

ଘଟଣାକ୍ରମକୁ ନେଇ ସମଗ୍ର ବିଶ୍ୱ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ କ୍ରେମଲିନ୍ ମୁଖପାତ୍ର ଦମିତ୍ରି ପେସକଭ୍ କହିଛନ୍ତି ଯେ ଏହି ବିପର୍ଯ୍ୟୟରେ କାହାର ମୃତ୍ୟୁ ଘଟିନାହିଁ। ଆମର ମଜଭୁତ ନିର୍ମାଣ ଶୈଳୀ କୋଠାବାଡ଼ିକୁ ଭାଙ୍ଗିବାକୁ ଦେଇନି। ଯଥେଷ୍ଟ ପୂର୍ବରୁ ଲୋକଙ୍କ ନିକଟରେ ପହଞ୍ଚିପାରିଛି ସତର୍କ ସୂଚନା। ସ୍ଥାନାନ୍ତର ପ୍ରକ୍ରିୟାରେ ସରକାରୀ ତତ୍ପରତା ପରିସ୍ଥିତିର ଉଚିତ୍ ମୁକାବିଲା କରିପାରିଛି। ସେଭେରୋ-କୁରିଲ୍ସ ଉତ୍ତରାଞ୍ଚଳରେ ସୁନାମି ୩ରୁ ୫ ମିଟର ଉଚ୍ଚତାରେ ଆସିଥିବାରୁ ସମଗ୍ର ଅଞ୍ଚଳରେ ବନ୍ୟା ପ୍ଲାବନର ଭ୍ରମ ସୃଷ୍ଟି କରିଥିଲା। କୁରିଲ ଦ୍ୱୀପରେ ୬.୦୭ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଥିଲା। କାମଚାଟକା ଓ ଉତ୍ତର ଜାପାନର ମଧ୍ୟବର୍ତ୍ତୀ ସ୍ଥାନରେ ଏହି କ୍ଷତିଗ୍ରସ୍ତ ଦ୍ୱୀପ ଅବସ୍ଥିତ। ଜାର୍ମାନୀର ଭୂ-ବିଜ୍ଞାନ ଗବେଷଣା କେନ୍ଦ୍ରର ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସୁନାମି ପ୍ରଭାବରେ ବନ୍ଦର ଓ ମାଛଧରା ଜେଟି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା କ୍ଷମତାର ଅହଂକାର ସତକୁ ସତ ମାନିବାକୁ ନାରାଜ। ପ୍ରକୃତି ଓ ପରିବେଶ ନିଜ ନିୟନ୍ତ୍ରଣରେ ରଖିବାର ଅଭୀପ୍ସାର ପରିଣତି ଯେ କେତେ ବିଷମୟ ତାହା ବୁଝିବାକୁ ମଣିଷ ନାରାଜ।

ବିଶ୍ୱର ଦଶଟି ଶକ୍ତିଶାଳୀ ଭୂମିକମ୍ପ ମଧ୍ୟରୁ ସଦ୍ୟତମ ଭୂମିକମ୍ପ ଅନ୍ୟତମ। କ୍ରମାଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବିଶ୍ୱବାସୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଜାଗ ଓ ସତର୍କ। ଆଶ୍ୱସ୍ତିର ବିଷୟ ଯେ ସୁନାମୀର ସମ୍ଭାବ୍ୟ ବିପଦ ବିଶେଷ କିଛି କ୍ଷତି ନ ଘଟାଇ ଟଳିଯାଇଛି। କିନ୍ତୁ ଏହି ଶତାବ୍ଦୀ ଅନୁରୂପ ଦୁଇଟି ବିପଦର ସମ୍ମୁଖୀନ ହୋଇଛି। ପରିସ୍ଥିତି କିଭଳି ମୁକାବିଲା କରାଯାଇ ପାରିବ ସେ ନେଇ ଠିକିଛି ଓ ଶିଖିଛି। ପ୍ରଶାନ୍ତ ମହାସାଗରୀୟ ତଟବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକତା ଫେରିଆସିବା ସୁଖର କଥା।

## ଆତ୍ମଦାହର ଚେତନା ଓ ଚେତାବନୀ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଇତିହାସରୁ ଆମେ ଭୂରି ଭୂରି ପ୍ରମାଣ ପାଇଛେ ଯେ ଶାସକୀୟ ସ୍ୱେଚ୍ଛାଚାରିତା ଓ ଦମନମୂଳକ କାର୍ଯ୍ୟଧାରା ଯୋଗୁଁ ସର୍ବତ୍ର ସୃଷ୍ଟି ହେଉଥିବା ଭୟ ଓ ଆତଙ୍କ ଜନତାଙ୍କୁ ନିରବ, ନିଷ୍ପ୍ରଭ ଓ ଅବଦମିତ ରହିବାକୁ ବାଧ୍ୟ କରିଥାଏ ସତ, ମାତ୍ର ଏ ନିରବତା ହେଉଛି ସର୍ବଦା ଅଶାନ୍ତ ନିରବତା ଏବଂ ଅଶାନ୍ତ ଆତଙ୍କଗ୍ରସ୍ତ ନିରବତା ହେଉଛି ଏକ ସୁପ୍ତ ଆଗ୍ନେୟଗିରି। ଜନତାଙ୍କ ଆପାତଦୃଷ୍ଟ ଜଡ଼ତା, ଭୟବିଜଡ଼ିତ ନିରବତା ସେମାନଙ୍କ ଭିତରେ ପ୍ରସ୍ତ ପରେ ପ୍ରସ୍ତ ଜ୍ୱଳନ୍ତ ଲାର୍ଭା ସୃଷ୍ଟି କରି ଚାଲିଥାଏ। ହଠାତ୍ ଦିନେ ତାହା ଉଦ୍‌ଗୀରିତ ହୋଇ ଶାସନ ଓ ସମାଜ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କରିଦେଇଥାଏ। ଯେଉଁ ଶାସନବ୍ୟବସ୍ଥା ଜନତାଙ୍କ ନିରବତାକୁ ସେମାନଙ୍କ ଅସହାୟ ଅଥଚ ଶାନ୍ତ ଆତ୍ମସମର୍ପଣ ବୋଲି ଭାବିବାର ଭ୍ରମ କରିଥାଏ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତାହା ସେହି ବିସ୍ଫୋରିତ କ୍ରୋଧର ଶିକାର ହୋଇଥାଏ।

ଦେଶ ଓ ଦଶ ନିର୍ବିଶେଷରେ ଏବେ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ଉଗ୍ରଜାତୀୟତାବାଦ-ସୃଷ୍ଟ ଅସୂୟା, ବିଦ୍ୱେଷ ଓ ସାଂପ୍ରଦାୟିକ ଘୃଣା ସବୁର ବିଷାକ୍ତ, ସଂକ୍ରାମକ ବାତାବରଣରେ ପ୍ରତ୍ୟେକ ଶ୍ୱାସରୁଦ୍ଧ ଅବସ୍ଥାରେ। ଅର୍ଥନୈତିକ ବୈଷମ୍ୟ, ଅସମାନତା, ପର୍ଯ୍ୟାବରଣୀୟ ଦୁଃସ୍ଥିତି ଏବଂ ଧର୍ମ-ଜାତି-ଭାଷା-ଲିଙ୍ଗ ଆଦିକୁ ନେଇ ବିଭେଦତା, ଅସହିଷ୍ଣୁତାର ବାତାବରଣରେ ସତ୍‌ସ୍ୱଭାବସଂପନ୍ନ ପ୍ରତ୍ୟେକ ମଣିଷ ମାନବ ସଭ୍ୟତାର ଭବିଷ୍ୟତ ସମ୍ପର୍କରେ ସନ୍ଦିଗ୍ଧ। ଏ ପ୍ରକାର ବିଷାକ୍ତ ବାତାବରଣକୁ ଦୀର୍ଘସ୍ଥାୟୀ କରିବାରେ ମୁଖ୍ୟ ଭୂମିକା ନେଉଥିବା ଶାସକବର୍ଗଙ୍କ ମଧ୍ୟରୁ ଅନେକ ଫାସିବାଦ ଓ ନାଜିବାଦର ଭ୍ରଷ୍ଟ ଆଦର୍ଶ, ଭ୍ରଷ୍ଟ ରାଜନୈତିକ ସାଂସ୍କୃତିକ ମୂଲ୍ୟବୋଧର ପୃଷ୍ଠପୋଷକ। ସର୍ବସାଧାରଣଙ୍କୁ ଏମିତି ଶ୍ୱାସରୁଦ୍ଧ, ସନ୍ଦିଗ୍ଧ, ସଂଶୟାଚ୍ଛନ୍ନ କରି ରଖିଲେ ହିଁ ସେମାନଙ୍କ ସ୍ୱାଧୀନ ସ୍ୱର ନିଷ୍ପ୍ରଭ ହୋଇ ପରିଶେଷରେ ସଂପୂର୍ଣ୍ଣ ଅବଦମିତ ହୋଇଯିବ -ଏହା ହେଉଛି ସବୁକାଳେ ଫାସିଷ୍ଟ ସରକାରମାନଙ୍କର ନୀତି ଓ ଆଦର୍ଶ। ଭିନ୍ନମତ, ସ୍ୱାଧୀନ ବିଚାର ଚିନ୍ତନ ଉପରେ ଏହି ଆଦର୍ଶର ପକ୍ଷଧର ଶାସକମାନଙ୍କର ଯାବତୀୟ ଆକ୍ରମଣ, ଶାସକୀୟ ଅଙ୍କୁଶ ସତ୍ତ୍ୱେ ଯଦି ଜଣେ କିଏ କେଉଁଠି ସ୍ୱର ଉତ୍ତୋଳନ କରି, ବିରୋଧିତା ପ୍ରଦର୍ଶନ କରି ସରକାରୀ ନିର୍ମମତାର ଶିକାର ହୋଇ ମୃତ୍ୟୁବରଣ କଲା କିମ୍ବା ଅନନ୍ୟୋପାୟ ହୋଇ ଆତ୍ମବିସର୍ଜନ ବା ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲା, ତାହା କେତେବେଳେ ଯେ ଅହିଂସ କି ହିଂସାତ୍ମକ ଜନବିଦ୍ରୋହର କାରଣ ନହେବ, ତା'ର ପୂର୍ବାନୁମାନ କେହି କରିପାରିବେ ନାହିଁ। ଗଣସ୍ୱାର୍ଥ ପାଇଁ ହେଉ କିମ୍ବା ନ୍ୟାୟସମ୍ମତ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେଉ, ଯିଏ 'ଶହୀଦତ୍ୱ' ବରଣ କରିଥାଏ, ସିଏ ଅଚିରେ ନିର୍ଭୟତା ଓ ଗଣତାନ୍ତ୍ରିକ ସଂଗ୍ରାମର ପ୍ରତୀକ ପାଲଟି ଯାଇଥାଏ କୋଟି କୋଟି ଜନତାଙ୍କ ଆଖିରେ।

ଉତ୍ତର-ଆଫ୍ରିକାର ଛୋଟିଆ ଦେଶ ଟ୍ୟୁନିସିଆର 'ମହମ୍ମଦ ବାଉଆଜିଜି'ଙ୍କ ଉଦାହରଣ ପ୍ରଥମେ ନେବା। ଛବିଶବର୍ଷର ଗରିବ ଫଳବିକ୍ରେତା ବାଉଆଜିଜି ପ୍ରତିଦିନ ମ୍ୟୁନିସିପାଲ ଅଫିସର ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରେ ପହଞ୍ଚିଯାଉଥା'ନ୍ତି ତାଙ୍କ ଫଳଭରା ଠେଲାଗାଡ଼ି ସହିତ। ୨୦୧୦ ମସିହାର କଥା ଇଏ। ପ୍ରେସିଡେଣ୍ଟ ଜାଇନ୍ ଅଲ୍ ଆବିଡାଇନଙ୍କ ସନ୍ତ୍ରାସରେ ସମଗ୍ର ଟ୍ୟୁନିସିଆ ଆତଙ୍କଗ୍ରସ୍ତ। ବାଉଆଜିଜିଙ୍କ ଠେଲାଗାଡ଼ିଟିକୁ ପ୍ରଥମେ ରାସ୍ତା କଡ଼କୁ ଫୋପାଡ଼ି ଦେଲେ ଆବିଡାଇନଙ୍କ ରକ୍ତମୁଖା ସୁରକ୍ଷା କର୍ମୀ ଓ ପୁଲିସ୍। ତା'ପରେ ଆରମ୍ଭ ହୋଇଗଲା ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର। କାକୁତିମିନତି ହେଉଥା'ନ୍ତି ବାଉଆଜିଜି। ଅନୁନୟ କରୁଥା'ନ୍ତି ଲୁହ ଛଳଛଳ ଆଖିରେ ନିର୍ଦ୍ଦୟ ପୁଲିସ୍‌କୁ। କିନ୍ତୁ ପୁଲିସ୍ ଲହୁଲୁହାଣ କରି ଚାଲିଥା'ନ୍ତି ତାଙ୍କୁ ସେଇଠି ସର୍ବସାଧାରଣ ରାସ୍ତାରେ, ନିରବଦ୍ରଷ୍ଟାମାନଙ୍କ ଆଖି ଆଗରେ। ଅମାନବିକ ନିର୍ଯାତନା, ଅପମାନକୁ ଆଉ କାହିଁକି ବା ସେ ସହ୍ୟ କରିବେ? ବାଉଆଜିଜି ବାଛିନେଲେ ଭୟାନକ ଆତ୍ମବଳିଦାନର ମାର୍ଗ। ନିଜକୁ ଜାଳିଦେଲେ ସେ ସେଇ ମ୍ୟୁନିସପାଲ୍ ଅଫିସ୍ ସମ୍ମୁଖସ୍ଥ ରାସ୍ତା ଉପରେ। କିନ୍ତୁ ତାଙ୍କର 'ଆତ୍ମଦାହ' ଜଳାଇଦେଲା ଲକ୍ଷଲକ୍ଷ ଟ୍ୟୁନିସିଆ ନାଗରିକଙ୍କ ଭିତରେ ବିଦ୍ରୋହର ବହ୍ନି। ଦିନ କେତୋଟି ଭିତରେ କ୍ଷୁଦ୍ର ଟ୍ୟୁନିସିଆରେ ସବୁଠି ଜଳି ଉଠିଲା ଗଣବିକ୍ଷୋଭର ଦାବାନଳ। ଅତ୍ୟାଚାରୀ ପ୍ରେସିଡେଣ୍ଟ ଆବିଡାଇନ୍ ପଳାୟନ କଲେ ଦେଶ ଛାଡ଼ି ରାତିଅଧରେ। ବାଉଆଜିଜିଙ୍କ ଆତ୍ମଦାହ ସୂତ୍ରପାତ କଲା 'ଆରବ ବିପ୍ଳବ'- ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ସର୍ବପ୍ରଥମ ସଂଗଠିତ ଗଣଆନ୍ଦୋଳନ। ଏହି ବିପ୍ଳବର ଅଗ୍ନିଶିଖା ଟ୍ୟୁନିସିଆ ସୀମା ଡେଇଁ ବ୍ୟାପିଗଲା ଇଜିପଟ୍, ଲିବିୟା ଓ ୟେମେନ୍ ପର୍ଯ୍ୟନ୍ତ ଏବଂ ଗାଦିଚ୍ୟୁତ ହେଲେ ସେ ସବୁ ଦେଶର ସ୍ୱେଚ୍ଛାଚାରୀ ଶାସକମାନେ।

ଦ୍ୱିତୀୟ ଉଦାହରଣଟି ହେଉଛି ଇରାନ୍‌ର ଛାତ୍ରୀ 'ନେଦାଙ୍କର ଆତ୍ମବଳିଦାନ', ଯାହା ୨୦୦୯ ମସିହାରେ ଇରାନ୍‌ରେ ଆରମ୍ଭ ହୋଇଥିବା 'ସବୁଜ ଆନ୍ଦୋଳନ' (ଗ୍ରୀନ୍ ରିଭୋଲ୍ୟୁସନ୍)ର ବୀଜ ରୋପଣ କରିଥିଲା। ବିବାଦାସ୍ପଦ ରାଷ୍ଟ୍ରପତି ନିର୍ବାଚନର ବିରୋଧ କରି ରାଜରାସ୍ତାରେ ଅହିଂସ ବିକ୍ଷୋଭ କରୁଥିବା ଇରାନୀୟମାନଙ୍କ ମଧ୍ୟରେ ଥିଲେ ନେଦା। ସରକାରୀ ସଶସ୍ତ୍ରବାହିନୀର ଗୁଳିମାଡ଼ରେ ଟଳି ପଡ଼ିଥିଲେ ସେ। ନେଦାଙ୍କ ଶହୀଦତ୍ୱ ପରେ ଇରାନ୍‌ର ସେତେବେଳର ସରକାର ଅବଶ୍ୟ ଗାଦିଚ୍ୟୁତ ହେଲାନି, କିନ୍ତୁ ନିର୍ଭୟ ସ୍ୱରଉତ୍ତୋଳନ ଏବଂ ପ୍ରତିବାଦର ଭାବୋଦ୍ଦୀପକ ପ୍ରତୀକଟିଏ ପାଲଟିଗଲେ ସେ। ନେଦାଙ୍କ ମରଶରୀରର ପଲକହୀନ ଆଖି ଦୁଇଟି ସତେଯେପରି ମୌନତାକୁ ଆଦରି ନେଇଥିବା ଲକ୍ଷଲକ୍ଷ ଇରାନବାସୀଙ୍କୁ କହୁଥିଲା, ଯାହା ଦିନେ କହିଥିଲେ ମହାମାନବ ମହାତ୍ମା ଗାନ୍ଧୀ, 'ତୁମେ ମୋତେ ଶୃଙ୍ଖଳବଦ୍ଧ କରିପାର, ଭୟଙ୍କର ଶାରୀରିକ, ମାନସିକ ଯନ୍ତ୍ରଣା ଦେଇପାର, ମୋତେ ଗୁଳିବିଦ୍ଧ କରିପାର କିମ୍ବା କାରାରୁଦ୍ଧ କରିପାର, କିନ୍ତୁ ମୋର ମନ, ହୃଦୟ ଓ ଚେତନା ରହିବ ଅକ୍ଷତ ଓ ମୁକ୍ତ ତମର ସକଳ ନିର୍ଯାତନା, ସକଳ କୂଟଫିସାଦ ସତ୍ତ୍ୱେ'।

ଶେଷୋକ୍ତ ଉଦାହରଣଟି ହେଉଛି ୧୯୬୯ ମସିହାର ଗୋଟିଏ 'ଆତ୍ମଦାହ'ର କଥା। ଚେକୋସ୍ଲୋଭାକିଆରେ ସୋଭିଏତ୍ ଅନୁପ୍ରବେଶ ବିରୋଧରେ ରାଜଧାନୀ 'ପ୍ରେଗ୍'ରେ ସଂଘଟିତ ଜନବିକ୍ଷୋଭରେ ଯୋଗ ଦେଇଥିବା ଛାତ୍ର 'ଜନ୍ ପାଲାକ୍' ସାମ୍ରାଜ୍ୟବାଦୀ ସୋଭିଏତ୍ ସରକାର ପ୍ରତି ଦେଶବାସୀଙ୍କ ବିଦ୍ରୋହଭାବନାକୁ ତୀବ୍ରତର କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାରେ ଆତ୍ମଦାହର ପଥ ବାଛିନେଲେ। ଜନ୍‌ଙ୍କ ଆତ୍ମୋତ୍ସର୍ଗ ବ୍ୟର୍ଥ ଗଲା ନାହିଁ। ଏହା ସୋଭିଏତ୍ ଶାସନତନ୍ତ୍ର ଓ ସାମ୍ରାଜ୍ୟବାଦ ବିରୋଧରେ ପ୍ରତିବାଦ, ପ୍ରତିରୋଧର ପ୍ରତୀକରେ ପରିଣତ ହେଲା ଏବଂ 'ଭେଲ୍‌ଭେଟ୍ ବିପ୍ଳବ' (ଭେଲ୍‌ଭେଟ୍ ରିଭୋଲ୍ୟୁସନ) ର ପ୍ରେରଣା ହେଲା।

ଏ ଆଲେଖ୍ୟର ଉଦ୍ଦେଶ୍ୟଟି ସ୍ପଷ୍ଟ ଓ ସରଳ ଏବଂ ଏଥିରେ ଓତପ୍ରୋତ ହୋଇ ରହିଛି ଚେତାବନୀଟିଏ- ନୀତି ଓ ଆଦର୍ଶର ଦ୍ୱାହି ଦେଇ ସାଧାରଣ ଜନତାଙ୍କୁ ଅନ୍ଧ, ମୂକ ଓ ବଧିର କରି ରଖିବାକୁ ମସୁଧା କରୁଥିବା ସ୍ୱେଚ୍ଛାଚାରୀ ଶାସନ ଓ ଜଡ଼ ପ୍ରଶାସନ ପାଇଁ। ଚେତାବନୀଟିଏ ବି ଅଛି ଶାସନତନ୍ତ୍ରର ମୂକଦର୍ଶକ ପାଲଟି ଯାଇ ନିଜ ନିଜ ଆରାମ ବଳୟ ଭିତରେ ଜାକିଜୁକି ହୋଇ ରହିବାକୁ ଅପବିତ୍ର ପଣ କରିଥିବା ଭୀରୁ, ଭୟାଳୁମାନଙ୍କ ପାଇଁ। ଛୋଟିଆ ଅଗ୍ନିଝୁଲଟିଏ ଯେପରି ଅଗ୍ନିପ୍ରଳୟ ରଚନା କରିପାରେ, ସେମିତି ଛୋଟ ଛୋଟ ବିଦ୍ରୋହ, ପ୍ରତିବାଦ, ଛୋଟ ଛୋଟ ପ୍ରତିରୋଧ ସର୍ବବ୍ୟାପକ ଗଣଆନ୍ଦୋଳନ ସୃଷ୍ଟି କରିପାରେ। ବର୍ଷ ବର୍ଷ ଧରି କପଟାଚାରୀ ଶାସକଙ୍କ ହୀନ ଚକ୍ରାନ୍ତରେ ଅଚଳ ହୋଇ ପଡ଼ିଥିବା ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ସଚଳ, କ୍ରିୟାଶୀଳ କରି ଏକ ସକାରାତ୍ମକ, ଲୋକାଭିମୁଖୀ ଶାସନତନ୍ତ୍ରର ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିଦେଇପାରେ। ଜଣକର 'ଆତ୍ମୋତ୍ସର୍ଗ', 'ଆତ୍ମଦାହ' ମହାବିପ୍ଳବର କାରଣ ହୋଇପାରେ। ନିର୍ବେଦତା, ସ୍ୱାର୍ଥସର୍ବସ୍ୱ ଉଦାସୀନତାକୁ ଆଦରି ନେଇଥିବା ଜନତାଙ୍କୁ ଜାଗ୍ରତ କରିଦେଇପାରେ।

ଧୃତରାଷ୍ଟ୍ରୀୟ-ଚେତନାର ଶାସକବର୍ଗ ନାନା ମିଛ ଆଦର୍ଶର ଭାଟ ପାଲଟିଯାଇଥା'ନ୍ତି ପ୍ରତି ଯୁଗରେ। ମଣିଷ ବି ଅନେକ ସମୟରେ ମରୀଚିକା-ଶାନ୍ତି ଖୋଜିଥାଏ ତା' ଚତୁର୍ଦ୍ଦିଗରେ ଅନ୍ୟାୟ, ଅନାଚାର ଓ ବ୍ୟଭିଚାର ସବୁର ନିରବଦ୍ରଷ୍ଟା ହୋଇ। ଆଜି ବୋଧହୁଏ ସେ ସମୟ ଉପନୀତ ହୋଇସାରିଲାଣି ଯେତେବେଳେ ସେ ନିରବତା, ସ୍ଥାଣୁତାର ଅର୍ଗଳିରୁ ନିଜକୁ ମୁକ୍ତ କରିବା ପାଇଁ ଗଣତାନ୍ତ୍ରିକ, ସାମ୍ବିଧାନିକ ମାର୍ଗ ଖୋଜିବାକୁ ପ୍ରୟାସ ଆରମ୍ଭ କରିଦେବ। ସେଥିପାଇଁ ଏମିତି କେତେଜଣ, ନିର୍ଭୟ-ନିର୍ଭୟା, ଅଭୟ-ଅଭୟା, ଇତିଶ୍ରୀ-ସୌମ୍ୟାଶ୍ରୀଙ୍କ 'ଶହୀଦତ୍ୱ' ତା'ପାଇଁ ପ୍ରେରଣାର ଉତ୍ସ ହେବ। ଦୁଇଶହ ବର୍ଷ ତଳେ ଇଂଲଣ୍ଡର ଅନ୍ୟତମ ଶ୍ରେଷ୍ଠ ରୋମାଣ୍ଟିକ ବିଦ୍ରୋହୀ କବି ପି.ବି. ସେଲିଙ୍କ କବିତା 'ଦି ମାସ୍କ ଅଫ ଆନାର୍କି'ର ଏଇ ପଂକ୍ତି, 'ରାଇଜ୍ ଲାଇକ୍ ଲାୟନ୍‌ସ ଆଫ୍‌ଟର ସ୍ଲମ୍ବର / ଇନ୍ ଅନ୍‌ଭାନ୍‌କ୍ୱିସେବଲ୍ ନମ୍ବର/ ସେକ୍ ୟୁଓର୍ ଚେନ୍‌ସ .../ ୟୁ ଆର ମେନି/ ଦେ ଆର୍ ଫିଉ'ର ଓଡ଼ିଆ ମର୍ମାନୁବାଦ ଏହି ପରିପ୍ରେକ୍ଷୀରେ ଅବତାରଣା କରିବା ଖୁବ୍ ପ୍ରାସଙ୍ଗିକ ନିଶ୍ଚୟ - 'ଗଭୀର ନିଦ୍ରାରୁ ଉଠିପଡ଼ କେଶରୀସମ / ଚିରଦୁର୍ଦ୍ଦମ ଅପରାଜେୟ ତମେ / ଖୋଲିଦିଅ ହାତ ଓ ପାଦରୁ ଶୃଙ୍ଖଳ/ ସ୍ମରଣ ରଖ - ତମେମାନେ ଅଗଣିତ / ସେମାନଙ୍କ ସଂଖ୍ୟା ଏଇ ଶହେ କି ହଜାର ମାତ୍ର।'

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ରୋଗଣା ଘର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଲାଗାଣ ବର୍ଷାକୁ ଆମେ ସମସ୍ତେ ସାମ୍ନା କରୁଛେ। ବର୍ଷା ଦିନରେ ଅନେକ ରୋଗସବୁ ଦେଖା ଯାଇଥାଏ। ପେଟ, ଆଖି, କାନଠାରୁ ଅସ୍ଥି, ଚର୍ମ ନାକ, ସବୁକ୍ଷେତ୍ରରେ ଅନେକ ପ୍ରକାରର ଅସ୍ୱାଭାବିକତାକୁ ଆମେ ସାମ୍ନା କରୁ। ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ ଯେ ଘରକୁ ମଧ୍ୟ ରୋଗ ହୋଇପାରେ। ଏ କଥାଟି ଆପଣଙ୍କୁ ଟିକିଏ ଅଡୁଆ ଲାଗିପାରେ, କିନ୍ତୁ ଖୋଦ ଏହି ତଥ୍ୟଟି ବିଜ୍ଞାନ ଓ ଗବେଷଣା ତଥ୍ୟଭିତ୍ତିକ। ରୋଗଣା ଘର ସେ ଘରେ ରହୁଥିବା ମଣିଷକୁ ମଧ୍ୟ ରୋଗଗ୍ରସ୍ତ କରିଦେଇପାରେ। ଏଭଳି ଘରେ ରହି ଯେଉଁ ସବୁ ରୋଗ ହୁଏ ତାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ 'ସିକ ବିଲଡିଂ ସିଣ୍ଡ୍ରୋମ' କୁହାଯାଇଥାଏ।

ଶଉଳିଭରା କାନ୍ଥ ଏବଂ ପାଣି ଜକାଉଥିବା ଚଟାଣ ଘରକୁ ଜରାଗ୍ରସ୍ତ କରିଦିଏ। ଘରେ ଥିବା କାଠ ଆସବାବପତ୍ର ପୁରୁଣା ହୋଇ ସେଥିରେ ଫଙ୍ଗସ (ଛତୁ) ଜମିଲେ ଏହା ବିଭିନ୍ନ ରୋଗକୁ ଡାକି ଆଣିଥାଏ। ନିକଟରେ 'ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ' ତରଫରୁ ବିଲଡିଂ କୋଡ୍‌ର ମାନ ନିର୍ଦ୍ଧାରଣ ପାଇଁ ଆୟୋଜିତ ଏକ ଆଲୋଚନାଚକ୍ରର ନିବନ୍ଧ ବିଶ୍ୱବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଉଲ୍ଲେଖ କରିଛି। 'ସିକ ବିଲ୍ଡିଂ ସିନଡ୍ରୋମ'କୁ ଚିକିତ୍ସକମାନେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ଏବେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମଧ୍ୟ ଏଥିରେ ସହମତି ଯୋଗାଇଛି। ସବୁଠୁ ଚିନ୍ତାର ବିଷୟ ହେଉଛି, ଯଦି ଜରାଗ୍ରସ୍ତ ଘରର ତାଲିକା ପ୍ରସ୍ତୁତ କରାଯାଏ ତା'ହେଲେ ବଡ଼ ସହରର ଅନେକ ପୁରୁଣା ଘରକୁ ନାକଚ କରିବାକୁ ପଡ଼ିବ। ସଂକ୍ରାମକ ଘର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଏସବୁ ଘରଗୁଡ଼ିକୁ।

ଆସନ୍ତୁ ଜାଣିବା ଘର କିପରି ରୋଗଗ୍ରସ୍ତ ହୁଏ। 'ଲାନସେଟ୍'ର ସୂଚନା ଅନୁଯାୟୀ, କାନ୍ଥରେ ଦୂଷିତ ଜଳ ଜକେଇବା, କଳା ଛତୁ (ଫଙ୍ଗସ) ଚରିଯିବା, ଶିଉଳି ଜମିବା ଫଳରେ ଘର ରୋଗଣା ହୋଇଯାଏ। ସେ ଘରେ ରହୁଥିବା ଲୋକମାନଙ୍କୁ ସଂକ୍ରମିତ ହେଉଥିବା ରୋଗଗୁଡ଼ିକ ହେଲା - ଷ୍ଟେପିବୋଟ୍ରିସ ଚାଟେରମ୍, ଷ୍ଟେପିବ୍ରୋଟିସ ଏଟ୍ରା, (କଳା-ସବୁଜ ଶିଉଳି), ଏସ୍ପରଜିଲ୍ସ ଫ୍ୟୁମିଗେଟ୍‌ପ, ଏସ୍ପରିଜିଲ୍ସ କ୍ଲେଓଟସ ଓ ଏସ୍କୋମିସିଟିୟସ ପେସିଲିୟମ, ଫଙ୍ଗସ କଣନଖା, ଓନିକୋମିକୋସିସ୍ ଓ କର୍ନିଆରେ କିରୋଟୋମିକୋସିସ୍। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହା ମଣିଷକୁ ଖୁବ ଶୀଘ୍ର ଆକ୍ରାନ୍ତ କରେ। ରୋଗଣା ଘର ଜଣଙ୍କୁ ମାନସିକ ଭାବରେ ଅସ୍ୱସ୍ତିକର କରିବା ସହ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଯକୃତକୁ ମଧ୍ୟ ଏକପ୍ରକାର ଅସ୍ୱସ୍ତିକର ପରିପାର୍ଶ୍ୱିକ ପ୍ରତିକ୍ରିୟା ଭିତରକୁ ଠେଲି ଦେଇଥାଏ। ମାନସିକ ଭାବେ ଅସ୍ୱସ୍ତିକର ଓ ବିଷାଦମୟ ଚିନ୍ତାସବୁ ଯକୃତର ବିଭିନ୍ନ ଅନ୍ୟ ସମସ୍ୟାକୁ ଡାକି ଆଣିଥାଏ। ଅହେତୁକ ଭାବେ ଭୋକ କମିଯାଏ, ଚିଡ଼ଚିଡ଼ା ସ୍ୱଭାବ ପରିପାକ ବ୍ୟବସ୍ଥାକୁ ଓଲଟପାଲଟ କରିଦିଏ।

ଜରାଗ୍ରସ୍ତ ଘରେ ରହିଲେ ଆଖି, ନାକ ଏବଂ ଗଳାରେ ଜ୍ୱଳନ ଅନୁଭୂତ ହୁଏ। ଶୁଖିଲା କାଶ ହୋଇଥାଏ। ତ୍ୱଚାରେ ଶୁଖିଲାପଣ ଦେଖାଯାଏ ଏବଂ କୁଣ୍ଢେଇ ହୁଏ। ଏକାଗ୍ରତା କମିଯାଏ ଏବଂ କ୍ଳାନ୍ତ ଲାଗେ ସବୁବେଳେ। ଶ୍ୱାସକ୍ରିୟାରେ କଷ୍ଟ ଏବଂ ଶ୍ୱାସନଳୀରେ ଶୋଥ ହୁଏ। ନିୟମାନୁସାରେ ଘରକୁ ପ୍ରତିବର୍ଷ ଟିକେ ମରାମତି କରାଯିବା ସହିତ ନିୟମିତ ରଙ୍ଗ କରାଇବା ଉଚିତ। ଏହାଫଳରେ ଘରେ ଫଙ୍ଗସ ଜମେ ନାହିଁ। ଘରର କାନ୍ଥରେ ୱାଟର ପ୍ରୁଫ ରଙ୍ଗ ଦେଲେ ଖୁବ ଭଲ। ଶିଉଳି ଭରା କାନ୍ଥରେ ଯାଇଥିବା ପାଣି ପାଇପଗୁଡ଼ିକୁ କିଛି ବର୍ଷ ଅନ୍ତରରେ କାଢ଼ି ନୂଆ ପାଇପ ଲଗାଇବା ଉଚିତ। ଫଙ୍ଗସ ପାଣିକୁ ମଧ୍ୟ ଦୂଷିତ କରିପାରେ। ଘରେ ସୂର୍ଯ୍ୟକିରଣ ପଡ଼ିବାକୁ ଦିଅନ୍ତୁ। ଘର ପାଖାପାଖି ବଡ଼ ବଡ଼ ଗଛ ରଖନ୍ତୁ ନାହିଁ।

ସବୁ ପୁରୁଣାକାଳିଆ ଘର ଯେ ରୋଗଣା, ଅଶୁଭ ଓ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ସେ କଥା ନୁହେଁ। ମୂଳକଥା ହେଉଛି 'ଘର ବୈକୁଣ୍ଠପୁର' ବୋଲି ମାନ୍ୟତା ଥିବାରୁ ଏହାର ଯତ୍ନ ନେବା ଜରୁରୀ। ବର୍ଷାଦିନେ ପୁରୁଣାକାଳିଆ ଘର ଯତ୍ନ ଅଭାବରୁ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଘର ମଧ୍ୟ ଏକ ମନ୍ଦିର। ଆମ ଦେହ ମନ୍ଦିର ପରି ଏହାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସଦାସର୍ବଦା ନିଜ ଇଷ୍ଟଙ୍କ ନାମ ସ୍ମରଣରେ ପବିତ୍ରମୟ କରନ୍ତୁ। ଘର ଭିତରକୁ ସୂର୍ଯ୍ୟକିରଣ ଓ ମୁକ୍ତ ଭାବେ ପବନ କିପରି ଆତଯାତ ହେବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। ଦେଖିବେ ଆପଣଙ୍କ ରୋଗଣା ଘର କେବଳ ସୁସ୍ଥବାନ ହେବନି, ଆପଣଙ୍କୁ ଓ ଆପଣଙ୍କ ଶରୀରକୁ ସୁସ୍ଥବାନ କରିରଖିବ।

(ଅବସରପ୍ରାପ୍ତ ପ୍ରଫେସର, ଏସ୍‌ସିବି ମେଡିକାଲ କଲେଜ)
କଟକ, ମୋ: ୯୪୩୭୦୫୧୯୫୭

## ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

ବର୍ତ୍ତମାନ ତିବ୍ବତର ଧାର୍ମିକ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା। ଶାନ୍ତରକ୍ଷିତ ଯେଉଁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲେ ପଦ୍ମସମ୍ଭବ ସେଥିରେ ସମ୍ପୂର୍ଣ୍ଣ ସଫଳ ହେଲେ। ବନ୍ ଧର୍ମର ଯେଉଁମାନେ ବୌଦ୍ଧଧର୍ମକୁ ଘୋର ବିରୋଧ କରୁଥିଲେ ସେମାନେ ବର୍ତ୍ତମାନ ପଦ୍ମସମ୍ଭବଙ୍କ ପାଖରେ ଶରଣ ପଶିଲେ। ସମସ୍ତେ ତାଙ୍କୁ ସର୍ବମାନ୍ୟ ଗୁରୁ ଭାବରେ ସ୍ୱୀକୃତି ଓ ସମଥର୍ନ ଜଣାଇବାକୁ ଯେପରି ବାଧ୍ୟ ହୋଇଗଲେ। ପଦ୍ମସମ୍ଭବ ସତେଯେପରି ଯାଦୁ ଚଳାଇ ସମଗ୍ର ତିବ୍ବତରେ ବୌଦ୍ଧଧର୍ମକୁ ଦୃଢ଼ ଭାବେ ପ୍ରତିଷ୍ଠା କଲେ।

ପ୍ରକୃତରେ ପଦ୍ମସମ୍ଭବ ତିବ୍ବତକୁ ଏକ ଅଲୌକିକ ଧାର୍ମିକ ବ୍ୟବସ୍ଥା ସାଙ୍ଗରେ ନେଇ ଆସିଥିଲେ, ଯାହାର ସେ ଅନୁଗାମୀ ଓ ଆଚର୍ଯ୍ୟ, ତାହା ହେଲା ବଜ୍ରଯାନ ବୌଦ୍ଧଧର୍ମ। ବୌଦ୍ଧଧର୍ମ ଭାବେ ତିବ୍ବତବାସୀ ଯାହାକୁ



### ଦ୍ୱିତୀୟ-ବୁଦ୍ଧ କଥା

ଜାଣିଥିଲେ ଏହି ନୂତନ ଧର୍ମ ସେ ସବୁରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥିଲା। ଶାନ୍ତରକ୍ଷିତଙ୍କୁ ଯେଉଁ ସ୍ଥାନୀୟ ଶକ୍ତି ବିରୋଧ କରିଥିଲେ ସେମାନେ ମଧ୍ୟ ପଦ୍ମସମ୍ଭବଙ୍କୁ ବିରୋଧ କରିବାର ଅପଚେଷ୍ଟା କରି ବିଫଳ ହେଲେ। ତିବ୍ବତରେ ଯେଉଁଥିପାଇଁ ସେ ସଫଳତା ଲାଭ କଲେ ତାହା ହେଲା ସେ ଜଣେ ସାଧାରଣ ବୌଦ୍ଧ ହେବା ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ତାନ୍ତ୍ରିକ ଥିଲେ। କାରଣ ସେ ଯେଉଁ ବୌଦ୍ଧଧର୍ମର ଅନୁଗାମୀ ତାହା ହେଉଛି ତାନ୍ତ୍ରିକ ବୌଦ୍ଧଧର୍ମ। ପଦ୍ମସମ୍ଭବଙ୍କ ପିତା ସମ୍ଭଳ ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ସେହି ବୌଦ୍ଧଧର୍ମର ପ୍ରତିଷ୍ଠାତା ଏବଂ ସେ ଥିଲେ ଚକ୍ରସମ୍ବର ସମ୍ପ୍ରଦାୟର ଅନୁଗାମୀ। ପଦ୍ମସମ୍ଭବ ନିଜେ ହେଉଛନ୍ତି ମହାଯାନର ଯୋଗାଚାର-ବିଜ୍ଞାନବାଦ ଦାର୍ଶନିକ ଭାଗର ଅନୁଗାମୀ ତଥା ବଜ୍ରଯାନୀ। ସେ ତିବ୍ବତରେ ରାଜା ଖ୍ରୀ-ସ୍ରନ୍‌ଙ୍କୁ ତାନ୍ତ୍ରିକ ବଜ୍ରକୀଳ ଓ ହୟଗ୍ରୀବ ସାଧନାରେ ଅଭିଷିକ୍ତ କରିଥିଲେ।

ପଦ୍ମସମ୍ଭବଙ୍କୁ ବିଭିନ୍ନ ମୂର୍ତ୍ତିକଳା ଓ ଚିତ୍ରକଳାରେ ଭୟଙ୍କର ଚେହେରାରେ ଉପସ୍ଥାପିତ କରାଯାଇଛି, କିନ୍ତୁ ଯଥାର୍ଥରେ ସେ ଅତ୍ୟନ୍ତ ଶାନ୍ତ, ସରଳ ଓ ଆକର୍ଷଣୀୟ ଚେହେରାଯୁକ୍ତ ଏବଂ କୂଟନୀତି ପ୍ରବୀଣ ଥିଲେ। ଏହି ନୀତି ପ୍ରୟୋଗ କରି ସେ ତିବ୍ବତୀୟଙ୍କୁ କରାୟତ୍ତ କରିପାରିଥିଲେ। ସେ ବାସ୍ତବପକ୍ଷେ ବନ୍ ଧର୍ମକୁ ତିବ୍ବତରୁ ସମ୍ପୂର୍ଣ୍ଣ ବହିଷ୍କାର କରି ନଥିଲେ। ଚେଷ୍ଟା କରିଥିଲେ କରିପାରି ନଥାନ୍ତେ ମଧ୍ୟ। ସେ ବନ ଧର୍ମର ସପକ୍ଷବାଦୀ ଓ ଅନୁଗାମୀ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରି କବଳିତ କରିପାରିଥିଲେ। ଅତ୍ୟନ୍ତ ଚତୁରତାର ସହ ବନ୍ ଧର୍ମର କେତେକ ଦେବଦେବୀ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ଆଚାର, ବିଚାର ଓ ନୀତିକାନ୍ତି ଆଦିକୁ ବଜ୍ରଯାନ ମଧ୍ୟରେ ଗ୍ରହଣ କରିନେବା ଫଳରେ ସେମାନେ ନିରବ ହୋଇଗଲେ ଏବଂ ବଜ୍ରଯାନକୁ ଗ୍ରହଣ କରିନେଲେ। ଏପରିକି ସାଧାରଣ ଭାବେ ବୌଦ୍ଧ ଭିକ୍ଷୁମାନେ ଯେପରି ଅବିବାହିତ ରହୁଥିଲେ ସେହି ଧାରା ବଦଳାଇ ତିବ୍ବତୀୟ ଲାମାମାନେ ଯେପରି ଘରସଂସାର କରିପାରିବେ ସେହି ନୀତି ଆପଣେଇ ଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

### ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ପାଟଣାଗଡ଼ ବିଧାନସଭା ନିର୍ବାଚନୀ ମାମଲା ସମ୍ପର୍କିତ ବିବୃତି ଗଣମାଧ୍ୟମରେ ପ୍ରସାରଣ ପ୍ରସଙ୍ଗ

# ହାଇକୋର୍ଟରେ କନକବର୍ଦ୍ଧନଙ୍କ ଅନ୍ତରୀଣ ଆବେଦନ ଖାରଜ

କଟକ, ୧।୮(ସମିସ): ହାଇକୋର୍ଟରେ ବିଚାରାଧୀନ ପାଟଣାଗଡ଼ ବିଧାନସଭା ଆସନ ନିର୍ବାଚନୀ ଅନିୟମିତତା ମାମଲା ସଂପର୍କରେ ଆବେଦନକାରୀଙ୍କ ପକ୍ଷରୁ ଗଣମାଧ୍ୟମରେ ବିବୃତି ଦେବା ଉପରେ ରୋକ୍ ଲଗାଇବାକୁ ପ୍ରାର୍ଥନା କରି ପ୍ରତିପକ୍ଷ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନିର୍ବାଚନୀ ମାମଲାରେ ରହିଥିବା ଆଦେଶନାମାକୁ ଗଣମାଧ୍ୟମରେ ବିବୃତ୍ତି ଦେବା ପାଇଁ ମୂଳ ମକଦ୍ଦମାର ଆବେଦନକାରୀଙ୍କୁ ନିଷେଧ କରିବା ଅଧିକାର ପ୍ରତିପକ୍ଷଙ୍କ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ବିଶେଷକରି ବିଚାର ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ସୃଷ୍ଟି ପାଇଁ ଓ ନିରପେକ୍ଷତାକୁ ପ୍ରଭାବିତ ନକରି ଅଦାଲତ ପ୍ରୋସିଡିଂ (କାର୍ଯ୍ୟାବଳୀ) ସମ୍ପର୍କିତ ରିପୋର୍ଟ ପ୍ରକାଶନ ପାଇଁ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ ଶ୍ରୀ ସିଂହଦେଓଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନକୁ ଖାରଜ କରି ଏପରି କହିଛନ୍ତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା।

ପ୍ରକାଶଥାଉକି, ମୂଳ ନିର୍ବାଚନୀ ମାମଲାରେ ପ୍ରତିପକ୍ଷ ଥିବା ବିଧାୟକ ଶ୍ରୀ ସିଂହଦେଓ ନିର୍ଦ୍ଧାରିତ ସମୟ ସୀମା ସରିବା ପରେ ଜବାବ ଦାଖଲ




କରିଥିଲେ। ଜବାବ ଗ୍ରହଣ କରିବା ପାଇଁ ୨ହଜାର ଟଙ୍କା ହାଇକୋର୍ଟ ବାର୍ ଆସୋସିଏସନ୍‌ରେ ଜମା କରିବାକୁ ଶ୍ରୀ ସିଂହଦେଓଙ୍କୁ ଗତ ୨୦୨୫ ଜାନୁଆରି ୩୦ରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଏହି ଅଦାଲତୀ ଆଦେଶକୁ ମୂଳ ମକଦ୍ଦମାର ଆବେଦନକାରୀ ସରୋଜ ମେହେର ଗଣମାଧ୍ୟମରେ ବିବୃତ୍ତି ଦେଇଥିଲେ। ଏଣୁ ମାମଲା ସମ୍ପର୍କିତ ଖବର ପ୍ରସାରଣ ଉପରେ ଅଙ୍କୁଶ ଜାରି ପାଇଁ ଆବେଦନ କରି କନକବର୍ଦ୍ଧନ ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ ଯାହା ଆଜି ଖାରଜ ହୋଇଯାଇଛି। ଅଗଷ୍ଟ ୧୩କୁ ମୂଳ ନିର୍ବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ

ସୁବଳୟା/ବୀରମହାରାଜପୁର, ୧।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ପିତାମହୁଲ ଗ୍ରାମରେ ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ହୋଇଛି। ମୃତକ ପିତାମହୁଲ ଗ୍ରାମର ଆନନ୍ଦ ନାୟକ(୩୩) ବୋଲି ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ବଡଭାଇ ଆନନ୍ଦ ଓ ସାନଭାଇ ଶଙ୍କର ନାଏକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାନଭାଇ ଶଙ୍କର ବଡଭାଇ ଆନନ୍ଦକୁ ହତ୍ୟା ଟାଙ୍ଗିଆରେ ଆକ୍ରମଣ କରିଥିଲା। ଆନନ୍ଦଙ୍କୁ ପ୍ରଥମେ ବୌଦ୍ଧ ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମୃତକଙ୍କ ସ୍ତ୍ରୀ ଏନେଇ ସୁବଳୟା ଥାନରେ ଅଭିଯୋଗ କରିଥିଲେ। ସୁବଳୟା ପୁଲିସ ଖବରପାଇ ବୌଦ୍ଧ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ତଦନ୍ତ କରିବା ସହ ସାନଭାଇ ଶଙ୍କର ନାଏକଙ୍କୁ ଗିରଫ କରିଛି। ବୌଦ୍ଧ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ପହଞ୍ଚି ଛାନ୍‌ଭିନ୍ କରୁଛି। କେଉଁ ପରିସ୍ଥିତିରେ ଅଭିଯୁକ୍ତ ଶଙ୍କର ବଡଭାଇକୁ ଟାଙ୍ଗିଆରେ ହାଣିଲା ସେନେଇ ଜଣାପଡ଼ିନଥିବା ପୁଲିସ କହିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।

### ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଅସନ୍ତୋଷ

# ଆନ୍ଧ୍ରକୁ ଅନୁମୋଦନ; ଓଡ଼ିଶାରେ ପାଦେ ବି ଆଗେଇ ପାରୁନି

ଭୁବନେଶ୍ୱର, ୧।୮ (ସମିସ): ଆଗେଇପାରୁନି ଓଡ଼ିଶା ଅର୍ଥନୈତିକ କରିଡର୍ ନିର୍ମାଣ କାର୍ଯ୍ୟ। କେବେ ହେବ ତାହା ବି କେହି କହି ପାରୁ ନାହାନ୍ତି। କେବଳ ଘୋଷଣାରେ ଏହା ସୀମିତ ରହିଯାଇଛି। ପୂର୍ବତଟ ଅର୍ଥନୈତିକ କରିଡର ଦୁଇଟି ଉପାଦାନ ରହିଛି। ଗୋଟିଏ ହେଲା ଓଡ଼ିଶା ଅର୍ଥନୈତିକ କରିଡର୍ ଓ ଅନ୍ୟଟି ହେଲା ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍। ଆନ୍ଧ୍ରପ୍ରଦେଶରେ ଏହାକୁ ଅନୁମୋଦନ ମିଳି ସାରିଛି। ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଅଧୀନରେ ଥିବା ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି; ହେଲେ ଓଡ଼ିଶାରେ କାମ ପାଦେ ବି ଆଗେଇ ପାରୁନି। ଏନେଇ ଅସନ୍ତୋଷ ପ୍ରକାଶ କରି ସାଂସଦ ମାନସ ମଙ୍ଗରାଜ ଶୁକ୍ରବାର ରାଜ୍ୟସଭାରେ ପ୍ରଶ୍ନ ଉଠାଇଛନ୍ତି।

ଓଡ଼ିଶା ଅର୍ଥନୈତିକ କରିଡର୍ ପ୍ରତିଷ୍ଠା କରାଗଲାଣି କି ନାହିଁ। ପୂବତଟ ଅର୍ଥନୈତିକ କରିଡର୍ କେଉଁ ପର୍ଯ୍ୟାୟରେ ରହିଛି। ଏହି ପ୍ରକଳ୍ପ ରାଜ୍ୟରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରୁଛି କି ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଏହାର

### ପୂର୍ବତଟ ଅର୍ଥନୈତିକ କରିଡର୍

ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଜାତୀୟ ଶିଳ୍ପ କରିଡର ଉନ୍ନୟନ ଯୋଜନା- ୨୦୨୦ ଅଧୀନରେ ଦେଶର ୧୧ଟି ଶିଳ୍ପ କରିଡର୍ ରହିଛି। ଏଥିରେ ଓଡ଼ିଶା ଅର୍ଥନୈତିକ କରିଡର୍ ଅନ୍ତର୍ଭୂକ୍ତ ରହିଛି। ରାଜ୍ୟରେ ଏକ ନୂତନ ସ୍ମାର୍ଟ ଶିଳ୍ପ କ୍ଲଷ୍ଟର ପାଇଁ ଆବଶ୍ୟକ ଜମି ରହିଛି କି ନାହିଁ, ତାହା ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହା ନିଶ୍ଚିତ କରିପାରି ନାହାନ୍ତି। ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳରେ ଥିବା ପୂର୍ବତଟ ଅର୍ଥନୈତିକ କରିଡର୍ ଅନ୍ତର୍ଗତ ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ୨୦୨୪ ମସିହାରେ ଅନୁମୋଦନ ଲାଭ କରିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ସାନଭାଇକୁ ବଡ଼ ଭାଇର ହତ୍ୟା

ଜୁନାଗଡ଼, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅଧୀନ ମହୀଭର ଗ୍ରାମରେ ଶୁକ୍ରବାର ସାନଭାଇକୁ ବଡ଼ଭାଇ ହତ୍ୟା କରିଛି। ଲିଙ୍ଗରାଜ ନାଏକ ଓ ତାଙ୍କ ବଡଭାଇ ପ୍ରେମାନନ୍ଦ ନାଏକଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ଏତେ ବଢି ଯାଇଥିଲା ଯେ ବଡଭାଇ ପ୍ରେମାନନ୍ଦ ଏକ କୋଦାଳରେ ସାନଭାଇ ମୁଣ୍ଡରେ ଆଘାତ ଦେଇଥିଲା। ଘଟଣାସ୍ଥଳରେ ସାନଭାଇର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଜୁନାଗଡ ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ସିନ୍ଦୂର' ପରେ...

ଇତିହାସର କଳା ଦିନ ବୋଲି କହିଥିଲେ। କଂଗ୍ରେସ ଅଧ୍ୟକ୍ଷ ଏନେଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କୁ ଚିଠି ଲେଖି ପ୍ରତିବାଦ ଜଣାଇଛନ୍ତି। ପରେ ପୁଣି ହଟ୍ଟଗୋଳ ହେବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖା ଯାଇଥିଲା।

ସୂଚନା ଅନୁଯାୟୀ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଥିଲେ ଯେ ଆଜି କମାଣ୍ଡୋ ମୁତୟନ କରାଯାଇଛି। କିଏ ସିଆଇଏସ୍‌ଏଫ କହୁଛି ତା ପୁଣି ଆଉ କିଏ କିଛି କହୁଛି। ସେହି ଯବାନମାନେ ସଦସ୍ୟଙ୍କୁ ଅଟକାଇ ଦେଇଥିଲେ। ଅଧିକାରୀଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା ସଦସ୍ୟଙ୍କୁ ପୁରୁଷ ଯବାନମାନେ ଅଟକାଇ ଥିଲେ। ଯେଉଁ ଭଳି ଭାବରେ ସଦସ୍ୟଙ୍କୁ ଅଟକା ଗଲା ଏବଂ ଗୃହ ମଧ୍ୟକୁ ଯିବାକୁ ଦିଆଯାଇ ନ ଥିଲା ତାହା ଆପତ୍ତିଜନକ। ସବୁ କିଛି କ୍ୟାମେରାରେ କଏଦ ହୋଇଯାଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ କିଛି ସଦସ୍ୟ ହଙ୍ଗାମା କରି ଆକ୍ରାମକ ହୋଇ ଯାଇଥିଲେ। କେବଳ ସେମାନଙ୍କୁ ରୋକା ଯାଇଛି। ସଦସ୍ୟମାନେ ସୁରକ୍ଷା ବଢ଼ାଇବାକୁ ଦାବି କରିଥିଲେ। ତେଣୁ ସିଆଇଏସଏଫ ଡକା ଯାଇଥିଲା। ସଦନ ଭିତରେ ସଦସ୍ୟ ବେଳେବେଳେ କ୍ଷମତାସୀନ ପକ୍ଷର ଡେସ୍କ ଉପରେ ଏବଂ ଗୃହର ମଧ୍ୟ ଭାଗରେ ଛିଡ଼ା ହୋଇ ଯାଉଛନ୍ତି। ଏଭଳି ନ କରିବା ପାଇଁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। କୌଣସି ସାଂସଦଙ୍କୁ କହିବାକୁ ଅଟକା ଯିବନାହିଁ। ସେହିପରି ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ମଲ୍ଲିକାର୍ଜୁନ ଖଡଗେ ଲେଖିଥିବା ଚିଠିରେ କହିଛନ୍ତି ଯେ ଗୃହ ମଧ୍ୟକୁ ସିଆଇଏସଏଫ କର୍ମୀଙ୍କୁ ଡକାଯିବା ଆପତ୍ତିଜନକ। ଏହାକୁ ତୀବ୍ର ନିନ୍ଦା କରୁଛୁ। ଭବିଷ୍ୟତରେ ଏପରି ନ ହେବ ବୋଲି ସେ ଆଶା କରିଛନ୍ତି।

## 'ପୁଷ୍କରା' ଶ୍ରେଷ୍ଠ...

ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ଫିଲ୍ମର କଥାବସ୍ତୁ ପର୍ଯ୍ୟବସିତ। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ପୁଷ୍କରା' ମନୋନୀତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚଳଚ୍ଚିତ୍ର ନିର୍ମାତା ଓ ସମସ୍ତ କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପାଇଁ ଜୁରୀ ସଦସ୍ୟ ଆଶୁତୋଷ ଗୋବରୀକର ଓ ପି. ଶେଷାଦ୍ରୀଙ୍କ ନେତୃତ୍ୱରେ ଫିଲ୍ମଗୁଡ଼ିକୁ କିଛି ସପ୍ତାହ ଧରି ତର୍ଜମା କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏଲ୍ ମୁରୁଗନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଆଜି ଦିଲ୍ଲୀର ଜାତୀୟ ମିଡିଆ ସେଣ୍ଟରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଶ୍ରେଣୀର ଫିଲ୍ମ ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଛନ୍ତି। "ଯୱାନ' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି 'ଟ୍ୱେଲ୍‌ଥ ଫେଲ୍' ଫିଲ୍ମକୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଘୋଷଣା କରାଯାଇଥିବା ବେଳେ ଏହି ଫିଲ୍ମରେ ବିକ୍ରାନ୍ତ ମାସିଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଘୋଷଣା କରାଯାଇଛି। ଏହାସହିତ ସାଉଣ୍ଡ ଡିଜାଇନ୍ ଏବଂ ବ୍ୟାକଗ୍ରାଉଣ୍ଡ ସ୍କୋର୍ କ୍ୟାଟେଗୋରିରେ ରଣବୀର କପୁରଙ୍କ ଅଭିନୀତ 'ଆନିମଲ୍' ଫିଲ୍ମ ପାଇଁ ସନ୍ଦୀପ ରେଡ୍ଡୀ ବାଙ୍ଗା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

## ଲିକ୍ ପଛର...

ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା କିଭଳି ବୋର୍ଡ ଉପସଭାପତିଙ୍କ ଲାପଟପ୍ ପାସ୍‌ୱାର୍ଡ ହାତେଇଲେ? ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପସଭାପତିଙ୍କ ନିକଟରେ ରହିବା ନିୟମ ବହିର୍ଭୂତ ନୁହେଁ କି? ଯଦି ବି ନିୟମସମ୍ମତ ଥିଲା, ତାହାକୁ କିଭଳି ଗୋପନୀୟ ରଖିବାକୁ ସମ୍ପୃକ୍ତ ଅଧିକାରୀ ଅସମର୍ଥ ହେଲେ, ସେନେଇ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ, ଉପରୋକ୍ତ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି। ଆଜି ଗିରଫ ହୋଇଥିବା ପ୍ରଶାନ୍ତ କୁମାର ଖମାରୀ କଳାହାଣ୍ଡି ଭବାନୀପଟାଣା ଭେଜପଦର ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ। ସେ ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କ୍ୟାଡର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର, ପୂର୍ବତନ କ୍ୟାଡର ଶିକ୍ଷକ ସଭାପତି ସନାତନ ବିଷୋୟୀଙ୍କ ସହିତ ମିଶି ଷଡ଼ଯନ୍ତ୍ର ରଚିଥିଲେ। ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ପ୍ରଶାନ୍ତ ନିଜ ହାତରେ ଲେଖି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏପରିକି, ସେ ଇଂରାଜୀ ପ୍ରଶ୍ନର ଓଡ଼ିଆ ଅନୁବାଦ କରିବା ସହ ଏହାର ଉତ୍ତର ବି ଲେଖିଥିଲେ। ଲିକ୍ ପ୍ରଶ୍ନପତ୍ର ପାଇବା ପାଇଁ ସେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ବିଜୟ ମିଶ୍ରଙ୍କୁ ୯ ୯ ହଜାର ଟଙ୍କା ଫୋନ୍ ପେ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ହାତଲେଖାର ନମୁନା ନିଆଯାଇଛି, ଯାହାକୁ ପରୀକ୍ଷା ଏବଂ ମତାମତ ପାଇଁ ହସ୍ତଲେଖା ବ୍ୟୁରୋ ଏବଂ ସାଇବର ଫରେନସିକକୁ ପଠାଯିବ। ଅନ୍ୟ ଅଭିଯୁକ୍ତଙ୍କ ଏହି ମାମଲାରେ ସେମାନଙ୍କର ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଉପରୋକ୍ତ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉକି, ଗତ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଲିକ ହୋଇଥିଲା। ଘଟଣାର ସତ୍ୟାସତ୍ୟ ପରେ ପରଦିନ ହେବାକୁ ଥିବା ପରୀକ୍ଷାକୁ ଗତ ଜୁଲାଇ ୧୯ ତାରିଖ ରାତିରେ ବାତିଲ କରିଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସଂକ୍ରାନ୍ତରେ ବୋର୍ଡର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ବୁଲବୁଲ ବେହେରା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଜାରି ରଖିଛି।

## ଅଗଷ୍ଟ ୩୧ରେ...

ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା ୩୦ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଯେଉଁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନେ ପଢ଼ିଲେଖି ପାରୁନଥିବେ, ସେମାନେ ପରୀକ୍ଷାର ୪ଦିନ ପୂର୍ବରୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ଅନ୍ୟ ଜଣଙ୍କ ସହାୟତା ନେବା ପାଇଁ ସମସ୍ତ ଅସଲି ଦସ୍ତାବିଜ ସହ ରିପୋର୍ଟ କରିବେ। ସମ୍ପୃକ୍ତ କେନ୍ଦ୍ର ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ କରି ଧାର୍ଯ୍ୟ ଗାଇଡଲାଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ ଆସନ୍ତା ଅଗଷ୍ଟ୨୨ତାରିଖରୁ ବୋର୍ଡର ୱେବସାଇଟରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀ ମାନେ ଏହାକୁ ଡାଉନଲୋଡ କରିପାରିବେ।

ଗତବର୍ଷ ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଓ ଉତ୍ତରପତ୍ର ପ୍ରଘଟ ନେଇ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଗତବର୍ଷ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରଥିଲେ। ଏଥର ପ୍ରଥମେ ସ୍ଥିର ହୋଇଥିବା ପରୀକ୍ଷା ତାରିଖ ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିଲା ବେଳେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଜଣେ ବୋର୍ଡ କର୍ମଚାରୀ ୫ଜଣ ଶିକ୍ଷକଙ୍କ ସହ ମୋଟ ୭ଜଣଙ୍କୁ ଗିରଫ କରିଲାଣି।

## ୫ ପ୍ରସ୍ତାବକୁ...

ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନରେ ଚାଲିବା ସହ ଲୋକେମାନେ ଦ୍ୱରିତ ନ୍ୟାୟ ପାଇପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଆଇନ ବିଭାଗର ଅନ୍ୟ ଏକ ନିଷ୍ପତ୍ତିରେ ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ, ୧୯୭୧ରେ ରହିଥିବା ନିୟମାବଳୀରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ଥିବା ୩୩୧୩ଟି ନୂତନ ଆଡ଼ିବନ୍ଧ ନିର୍ମାଣ କରି ଅସ୍ଥାୟୀ ବନ୍ଧ ଦ୍ୱାରା ଜଳସେଚିତ ଜମିରେ ଜଳସେଚନ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାସହିତ ଅଚଳ ଅବସ୍ଥାରେ ଥିବା ପ୍ରାୟ ୩୫୨୯ ଆଡ଼ିବନ୍ଧଗୁଡ଼ିକର ପୁନଃରୁଦ୍ଧାର କରି ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା ପାଇଁ ସରକାର ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ଅର୍ଥାତ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏଥିପାଇଁ ୨୭୩୮ କୋଟି ଟଙ୍କାର ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ପୂର୍ବରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାନଙ୍କର ଆର୍ଥିକ ପ୍ରୋତ୍ସାହନ ଆବେଦନ ଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ରହିଥିଲା । ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ), ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ) ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ) ଗଠିତ ହୋଇଥିଲା। କ୍ୟାବିନେଟ୍ ବୈଠକରେ ଏହାକୁ ସଂଶୋଧନ କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଅଧ୍ୟକ୍ଷତାରେ (୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ), ଶିଳ୍ପ ନିର୍ଦ୍ଦେଶକ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ପାଇଁ ବ୍ୟବସ୍ଥା କରାଯାଇଛି। ଏହି ନିଷ୍ପତ୍ତି ବଳରେ ଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ଗତି ବୃଦ୍ଧି ପାଇବ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ରାଜ୍ୟ ସରକାର ଆଶା ରଖିଛନ୍ତି।

## ବିଷ ପିଇ...

କରିବା ପରେ ରାଜକୁମାର ବିଲରେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକେ ସଙ୍ଗେସଙ୍ଗେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ, ରାଜ କୁମାର ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ। କିନ୍ତୁ ଏଥର ତାଙ୍କ ଚାଷବାସ ଭଲ ନ ହେବାରୁ ଋଣ ଟଙ୍କା କିପରି ଶୁଝିବେ, ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଗତ କିଛି ଦିନ ହେବ ସେ କାହା ସହ ଭଲରେ କଥାବାର୍ତ୍ତା କିମ୍ବା ମିଳାମିଶା କରୁନଥିଲେ। ଭିତରେ ଭିତରେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରିବା ପରେ ଆଜି ଏପରି ଚରମ ପଦକ୍ଷେପ ନେଇଥିବା ତାଙ୍କ ପରିବାରଲୋକ କହିଛନ୍ତି।

## ରାଜ୍ୟରେ ମ୍ୟାଲେରିଆ...

ପ୍ରବଣ ରାଜ୍ୟକୁ ମ୍ୟାଲେରିଆ ମୃତ୍ୟରେ ଓଡ଼ିଶା ପଛରେ ପକାଇ ଦେଇଛି। ୨୦୨୪ ମସିହାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଢ଼ କୋଟି ଔଷଧୀୟ ମଶାରି ମାଗିଥିଲେ। ମାତ୍ର ସେହି ମଶାରି ଆସିଲା କି ନାହିଁ, ବଣ୍ଟନ ହେଲା କି ନାହିଁ ତାହାର ସଠିକ୍ ସୂଚନା ଜନସ୍ୱାସ୍ଥ୍ୟ ବିଭାଗରେ ଉପଲବ୍ଧ ନାହିଁ।

ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା। ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରିରେ ମଶା ବସି ପାରୁ ନ ଥିଲେ। ଫଳରେ ମ୍ୟାଲେରିଆ ରୋକିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିଲା। ଏଥିସହ ମଶା ବଂଶ ବୃଦ୍ଧି ରୋକିବାରେ ଦିଗରେ ସରକାରୀ ଭାବେ ବ୍ୟାପକ ଜନସେତନତା ସୃଷ୍ଟି କରାଯାଉଥିଲା। ମାତ୍ର ଗତ ଦୁଇ ବର୍ଷ ଧରି ଏସବୁ ଶିଥିଳ ପଡ଼ିଯାଇଥିବା ଅଭିଯୋଗ ହେଉଛି। ସେହିଭଳି ଲୋକମାନଙ୍କୁ ମଶାରୀ ବଣ୍ଟନ କରାଯିବା ପରେ ସେମାନେ ତାକୁ ବ୍ୟବହାର କରୁଛନ୍ତି ନା ନାହିଁ, ତାର ନୀରିକ୍ଷଣ ଆଶା ଓ ଅଙ୍ଗନବାଡି କର୍ମୀମାନେ କରୁଥିଲେ। ଲୋକମାନେ ଘରେ ପୁରୁଣା ଚିରା ଫଟା ମଶାରୀ ବ୍ୟବହାର କରୁଥିବାବେଳେ ନୂଆ ମଶାରୀକୁ କ୍ଷେତ ଘେରାଇବା, ମାଛ ମାରିବା ଭଳି କାମରେ ବ୍ୟବହାର କରୁଥିଲେ। ତେଣୁ ଏହାକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରୀୟସ୍ତରରେ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଲଗାଯାଇଥିଲା। ହେଲେ ଏସବୁ ଏବେ ବାଟବଣା ହୋଇଥିବା କୁହାଯାଉଛି ।

ଖୋଦ୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଓଡ଼ିଶାରେ ମ୍ୟାଲେରିଆ ଭୟାଭୟସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି, ନିୟନ୍ତ୍ରଣ କରିବାକୁ ସରକାରୀ ଭାବେ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି। ସମଗ୍ର ଦେଶରେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ହୋଇଥିବାରୁ ଏଠି 'ଦମନ' ଭଳି କାର୍ଯ୍ୟକ୍ରମ ଜାରି ରହିଛି। ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲାରେ ଔଷଧୀୟ ମଶାରୀ ବଣ୍ଟନ ହେଉଛି। ହେଲେ ଲୋକ ନୂଆ ବଦଳରେ ପୁରୁଣା ମଶାରୀ ବ୍ୟବହାର କରୁଛନ୍ତି। ମ୍ୟାଲେରିଆ ପ୍ରବଣ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅପେକ୍ଷା ଆମ ରାଜ୍ୟରେ ଅଧିକ ମ୍ୟାଲେରିଆ ରୋଗୀ ଥିବା ପ୍ରସଙ୍ଗରେ ସେ କହିଛନ୍ତି, ସବୁ ରାଜ୍ୟରେ ଭୌଗଳିକସ୍ଥିତି ଭିନ୍ନ। କେଉଁ ରାଜ୍ୟ ସହ ଆମ ରାଜ୍ୟକୁ ତୁଳନା କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି।

## ସଂସଦରେ ଓଡ଼ିଶା...

ଥିଲା ଓ ଉପାଧ୍ୟକ୍ଷ ରାଜ୍ୟସଭାକୁ ମୁଲତବୀ ଘୋଷଣା କରିଥିଲେ। ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷା ଏବଂ ସମ୍ମାନକୁ ପ୍ରଭାବିତ କରୁଥିବା ଜରୁରୀ ସାର୍ବଜନୀନ ଗୁରୁତ୍ୱର ଏକ ପ୍ରସଙ୍ଗ ଉଠାଇବାକୁ ସୁଯୋଗ ନ ଦେବାକୁ ଦଳର ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ଏପରି ଗମ୍ଭୀର ଅପରାଧକୁ ଅଣଦେଖା କରିବା ସଂସଦୀୟ ବିତର୍କ ଏବଂ ଦାୟିତ୍ୱର ଉଦ୍ଦେଶ୍ୟକୁ କ୍ଷୁର୍ଣ୍ଣ କରିଛି। ବିଜୁ ଜନତା ଦଳ ମହିଳାମାନଙ୍କ ପାଇଁ ନ୍ୟାୟ, ସୁରକ୍ଷା ଏବଂ ସମ୍ମାନ ପାଇଁ ଲଢ଼ିବାର ପ୍ରତିବଦ୍ଧତାରେ ଅଟଳ ରହିଛି । ଯେ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ହସ୍ତକ୍ଷେପ ନ କରିବେ, ସେ ପର୍ଯ୍ୟନ୍ତ ଦଳ ସଂସଦ ଓ ସଂସଦ ବାହାରେ ସ୍ୱର ଉତ୍ତୋଳନ କରି ଚାଲିବ ବୋଲି ସାଂସଦମାନେ କହିଛନ୍ତି ।

## ବାଦ୍ ପଡ଼ିଲେ...

୨.୮୩ ଲକ୍ଷ ଲୋକଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ମଧୁପୁରାରେ ୯୯.୦୭୬, ପୂର୍ଣ୍ଣିଆରେ ୨.୭୩ ଲକ୍ଷ, ବକ୍ସରେ ୮୭,୬୪୫ ଲୋକଙ୍କ ନାମ କଟାଯାଇଥିବା ସୂଚନା ମିଳିଛି ।

ତେବେ ଭୋଟର ତାଲିକାରେ ନୂଆ ନାମ ଭର୍ତ୍ତି ନିମନ୍ତେ ଅଗଷ୍ଟ ୨ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବିଶେଷ ଶିବିର ଆୟୋଜନ କରାଯିବ ଓ ଏଠାରେ ଉପଯୁକ୍ତ ଦସ୍ତାବିଜ ଦେଇ ଲୋକମାନେ ସେମାନଙ୍କର ନାମ ସାମିଲ କରିପାରିବେ ବୋଲି ନିର୍ବାଚନ କମିଶନର କହିଛନ୍ତି।


**AFFIDAVIT**

By virtue of an affidavit No.2118, dtd.01.08.2025 in the court of the Executive Magistrate, Phulbani. I, Lovabati Kanhar, At/Po- Pabingia, Ps- Phiringia, Dist.: Kandhamal, Odisha – 762011 have changed my name from Luba Kanhar to Lovabati Kanhar. Henceforth I shall be known as **Lovabati Kanhar** for all purposes.

Sd/- Lovabati Kanhar

**AFFIDAVIT**

By virtue of an affidavit before The Notary Public, Titilagarh, on dated- 26/07/2025. I, **Bidyadhar Bag** (Applicant name), S/O- Bhakchan Bag, Permanent resident of At- Sargiguda Titilagarh, P.O. Titilagarh, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Hasinarani Bag** (old name) to **Hashina Rani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Hashina Rani Bag** (new name).

**Bidyadhar Bag**

**CHANGE OF NAME**

By virtue of an affidavit sworn before Executive Magistrate, Bargarh, vide no-962, dated 31/07/2025 I, Radheshyam Gardia, S/o- Late Narendra Gardia resident of At/Po.- Gobindpur, Ps./Dist.- Bargarh, PIN- 768028, Odisha state that, I have changed my minor son's name from **Aditya Gardia** to **Bibek Gardia**. Henceforth he will be known as **Bibek Gardia** for all future purposes.

**AFFIDAVIT**

I, Prahalad Mohanty, S/o Late Fagu Mohanty, resident of Vill: At- Surapratapur (Kundigada) Po- Surapratapur, PS- Bhubana, Dist- Dhenkanal, State- Odisha, Pin- 759024 declare by this affidavit CF No- 1645, dtd. 31.07.2025 that now onwards I shall be known as PRAHALLAD MOHANTY for all future purposes.

Sd- PRAHALLAD MOHANTY

**AFFIDAVIT**

By virtue of an affidavit before the Executive Magistrate, Karlamunda, Kalahandi, Odisha, I, Pradip Rana, resident of At- Sanrengali, PO- Rinja, PS- M. Rampur, Dist.: Kalahandi, Odisha, PIN–766031 have changed my daughter's name from Boesali Rana to Baisali Rana. Henceforth she shall be known as **Baisali Rana** for all purposes.

Sd/- Pradip Rana

**LOST**

I Mr. Lokanath Nayak declare that I have lost the Original Sale Deed No-1134, date 21/10/2024 of landed property of Mouza- Chappirikoilama, Tahasil - Ranapur, Thana Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A0l.55 Decimal on Dated: 29/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak (Advocate Name), Mobile No -9778070590 (Of Advocate) or in this address-Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur, I, TULARAM HARIJAN, Village–Biriguda, PO–Biriguda, PS–Kodinga have changed my minor daughter's name from KARINA HARIJAN to SILPA HARIJAN. Henceforth she shall be known as **SILPA HARIJAN** for all purposes.

Sd/- Tularam Harijan

**CHANGE OF NAME**

I Kalpana Chhotaray, W/o- Abhishek Ray, At- Uppersahi, Po./Dist./Ps.- Khordha, Pin- 752055, Odisha declare by this affidavit No. 1393 dtd.29.07.2025 that now onwards I shall be known as **KALPANA CHHOTRAY** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Cuttack I Sushree Sangita Rath @ Sushree Sangita Mishra @ Mamannie Mishra, D/o. Surendra Kumar Rath, W/o. Ranajit Kumar Mishra, R/o. Village/Po. Gurujang, Ps/Dist. Kurda declare that Sushree Sangita Rath, Sushree Sangita Mishra and Mamannie Mishra is one same person for all purposes.

**CHANGE OF NAME**

By virtue of an affidavit sworn before The Executive Magistrate, Papadahandi, Nabarangpur vide affidavit no.448/25 dtd.31.07. 2025, I, Krushna Chandra Sahu, S/o- Rajendra Prasad Sahu resident of Vill./Po.- Jatabal, Ps.- Dabugaon, Dist.: Nabarangpur, Pin- 764071 state that, I have changed my name from **Lokanath Sahoo** (Old name) to **Krushna Chandra Sahu** (New name). Henceforth I shall be known as **Krushna Chandra Sahu** for all future purposes.

**AFFIDAVIT**

By virtue of an affidavit in the court of the Executive Magistrate, Balasore, I Bapu Sing, S/o- Chayan Singh At/Po- Nuapadhi, PS- Remuna, Dist –Balasore, declare that I have changed my name from Babula Singh to Bapu Sing vide Affidavit No.8468 dated: 23.07.2025 and shall be known as **Bapu Sing** for all the future purpose.

**CHANGE OF NAME**

By virtue of an affidavit sworn before Executive Magistrate, Banpur, vide no-2916, dated 23/07/2025 I, Nilima Sabar, W/o- Utam Sabar, of At- Mandar, Po.- Damiabarabara, Ps.- Banpur, Dist.- Khordha, declare that in my Adhar card my name is wrongly mentioned as Nilima Sahoo instead of Nilima Sabar. Henceforth, I shall be known as **Nilima Sabar** for all purposes.

Nilima Sabar

**AFFIDAVIT**

By virtue of an affidavit No.1935, dtd.21.07.2025 in the court of the Executive Magistrate, Phulbani. I, Tutengi Kanhar, At-Lendriniga, PO-Sadingia, PS-Phiringia, Dist- Kandhamal, Odisha – 762011 have changed my name from Tutengi Dei to Tutengi Kanhar. Henceforth I shall be known as **Tutengi Kanhar** for all purposes.

Sd/- Tutengi Kanhar

**NOTICE**

By virtue of an affidavit sworn before The Notary Public, Sunabeda dated 24/07/2025 I, Sri jinu Kanwar, S/o- Arjuna Kanwar, Vill.- Gulpandi, Po.- Malibelgaon, Ps.- Nandapur, District- Koraput declare that, I ahve changed my sons name from **Abayab Kanwar** to **Ashish Kanwar**. henceforth, my son shall be known as **Ashish Kanwar** for all purposes.

Jinu Kanwar

**AFFIDAVIT**

I, Upasana Giri, D/o- Kishore Kumar Paria, resident of Brahmani H401, Vedanta Meadows, Bhurkamunda, P.O- Jharsuguda, P.S- Badmal, Dist- Jharsuguda, PIN- 768201, Odisha declare by this affidavit No. 3668, dated- 09/07/2025 that now onward I shall be known as **UPASANA PARIA** for all future purpose.

# ମହିଳାଙ୍କ ସୁରକ୍ଷା ଦାବିରେ ଗର୍ଜିଲା ବିଜେଡି






- ୧୩ ମାସର ବିଜେପି ସରକାର ଶାସନରେ ବିଫଳ
- ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି
- ଦିନକୁ ଦିନ ବଢ଼ୁଛି ନାରୀ ନିର୍ଯାତନା
- ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ବଳ ନେତୃତ୍ୱକୁ ଧିକ୍କାର

ଭବାନୀପାଟଣା, ୧।୮ (ସମିସ)

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି ସହ ରାଜ୍ୟରେ ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ଦାବି କରି ରାଜ୍ୟ ବ୍ୟାପୀ ଯୁବ-ଛାତ୍ର ବିଜେଡି ତରଫରୁ ଅଗଷ୍ଟ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିକ୍ରମରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ସଦର ଥାନା ପର୍ଯ୍ୟନ୍ତ ଯାଇଥିଲେ। ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସଦର ଥାନାଠାରେ ଉପସ୍ଥିତ ସଦର ଏସଡିପିଓ ନରେଶ ପ୍ରଧାନଙ୍କୁ ଆଇନ ଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ସହ ମହିଳା ସୁରକ୍ଷା ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ୧୩ ମାସର ବିଜେପି ସରକାର ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ନାରୀ ନିର୍ଯାତନା ଅହେତୁକ ଭାବରେ ବୃଦ୍ଧି ହୋଇଛି। ରାଜ୍ୟରେ ଛାତ୍ରୀମାନେ ପର୍ଯ୍ୟଟନ ସ୍ଥଳଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସୁରକ୍ଷିତ ନାହାନ୍ତି। ଛାତ୍ରୀ ନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା, ବଲଙ୍ଗା ନାବାଳିକା ପୋଡ଼ି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ବଳ ନେତୃତ୍ୱକୁ ଛାତ୍ର ବିଜେଡି ଦାୟୀ କରିଛି। କଳାହାଣ୍ଡିର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ୭ ତାରିଖ ପର୍ଯ୍ୟନ୍ତ ନିକଟରେ ଥିବା ଥାନାକୁ ଯାଇ ନାରୀ ସୁରକ୍ଷା ନିମନ୍ତେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଏହା ସହିତ ଅଗଷ୍ଟ ୮ରୁ ୧୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରଛାତ୍ରୀ ଖୋଲା ଚିଠି ଲେଖି ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଜଣାଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଧବଳେଶ୍ୱର ମହାପାତ୍ର, ନଗରପାଳ ବିଷ୍ଣୁ ପ୍ରଧାନ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ବରିଷ୍ଠ ଯୁବ ବିଜେଡି ଉପ ସଭାପତି ମଣ୍ଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଯୁବ ନେତା ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ, ଶିବା ସାହୁ, ଚୈତନ୍ୟ ବାଗ, ପ୍ରତିଭା ଜାଲ, ମାନସ ସିନ୍ଦୂର, ପିତବାସ ବେହେରା, କ୍ଷିରସିନ୍ଧୁ ନାଏକ, ରଞ୍ଜୁକ୍ତା ପ୍ରଧାନ, ଅମିତ ଯାଦବ, ସେଖ୍ ମୁନାବର, ମହମ୍ମଦ କାଦୀର, ମିଲନ ମୁଣ୍ଡ, ନୀଳାମ୍ବର ସାହୁ, ପିନିକୀ ଆଚାର୍ଯ୍ୟ, ରବି ଚନ୍ଦ୍ର ନାଏକ, ଆଦିତ୍ୟ ରାଉତ, ଅଂଶୁମାନ ନାଗ, କୋସଲ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଖବର ପ୍ରକାଶ ପରେ ପହଞ୍ଚିଲା ପ୍ରଶାସନ

- ଭଙ୍ଗାଘର ବୁଲି ଦେଖିଲେ ରାଜସ୍ୱ ନିରୀକ୍ଷକ
- ଜରି ପାଲ ପାଇଲେ ୨ ଭାଇ ଓ ବୃଦ୍ଧ ବାପା

'ସକାଳ' ପ୍ରଭାବ

ଶଗଡ଼ା, ୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଅନ୍ତର୍ଗତ ସଦର ଗ୍ରାମର ଦୁଇ ଭାଇ ବିକ୍ରମ ନାଏକ ଓ ଅକ୍ଷମ ନାଏକ। ଆଜି ଯାଏ ଉଭୟଙ୍କୁ ସରକାର ପକ୍ଷରୁ ଆବାସ ଘର ମିଳିପାରିଲାନି। ଏହାଫଳରେ ଉଭୟ ପରିବାର ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି। ସରକାରଙ୍କ ଏସଇସିସି ତାଲିକାରେ ଉଭୟଙ୍କ ନାମ ନ ଥିବାରୁ ଉଭୟଙ୍କୁ ଆବାସ ଘର ମିଳି ନ ଥିବା କହିଛନ୍ତି। ଦୁଇ ଭାଇ ବିକ୍ରମ ଓ ଅକ୍ଷମ ନିଜ ପରିବାର ସହ ଭଙ୍ଗା ମାଟି ଚାଳ ଛପର ଘରେ ରହୁଥିଲେ। ଗତ ଲଗାଣ ବର୍ଷାରେ ଉଭୟଙ୍କ ଝାଟି ମାଟି ଘର ସମ୍ପୂର୍ଣ ଭାଙ୍ଗିଯାଇଛି। ଗରିବ ହେତୁ ଘରଟି ସଜାଡି ପାରୁ ନାହାନ୍ତି। ଉଭୟ ପରିବାର ସେହି ଭଙ୍ଗା ଘରେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଯଦି ବର୍ଷା କି ଝଡ଼ ତୋଫାନ ହୁଏ ଘର ଛାଡ଼ି ପଡୋଶୀ ଘରେ ଆଶ୍ରୟ ନେଇଥିବା କହିଛନ୍ତି। ତେବେ ଘର ଭାଙ୍ଗିଥିବା ଖବର ପ୍ରକାଶ ପାଇବା ପରେ ବିଳାସପୁର ରାଜସ୍ୱ ନିରୀକ୍ଷକ ଯାଇ ପରିଦର୍ଶନ କରି ଫେରିଛନ୍ତି। ବିକ୍ରମ, ଅକ୍ଷମ ଓ ବୃଦ୍ଧ ବାପା ସତ୍ୟାନନ୍ଦ ନାଏକଙ୍କ ତତ୍କାଳ ୩ଟି ଜରି ପାଲ ପ୍ରଦାନ କରାଯାଇଛି। ଦୁଇ ଭାଇ ଶ୍ରମିକ ଭାବରେ କାମ କରି ନିଜର ତେଲ ଲୁଣର ସଂସାର କରିଥାନ୍ତି। ସ୍ୱଳ୍ପ ରୋଜଗାର ହେତୁ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡ଼ିଥିବା ବେଳେ ଭଙ୍ଗା ଘର ମରାମତି କରିବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଦୁଇ ଭାଇ ଭାଗ୍ୟକୁ ଆଦରି ଭଙ୍ଗା ଘରେ ପଡ଼ି ରହିଛନ୍ତି। ଯେଉଁଠି ଦି ଓଳି ଖାଇବା ସମ୍ଭବ ନୁହେଁ; ସେଠି ଘର ମରାମତି କଥା ପଚାରେ କିଏ। ବର୍ଷା ଦିନେ ପାଣି ଗଳୁଛି। ଘର ସାରା ପାଣି ହୋଇ ଦିନ ଦିନ ମଧ୍ୟ ଉପାସରେ ରହିବାକୁ ପଡେ। ଘର ଖଣ୍ଡିଏ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଡିଓ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସରକାରଙ୍କ ସେହି କୁହୁକ ତାଲିକାରେ ତାଙ୍କର ନାଁ ନ ଥିବାରୁ ଆବାସ ଗୃହରୁ ବଞ୍ଚିତ ହେଉଛନ୍ତି। ଅନେକ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ପକ୍କା ଘର ପାଉଥିବା ବେଳେ କିଛି ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ବିକ୍ରମ ଓ ଅକ୍ଷମ ଭଳି ଗରିବ ନିରୀହ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡିଏ ପାଇ ପାରି ନ ଥିବା ଦୁଃଖର କଥା ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରି ଉକ୍ତ ଅସହାୟ ଦୁଇ ଭାଇକୁ ତୁରନ୍ତ ଘର ଖଣ୍ଡିଏ ଲେଖାଏଁ ଯୋଗାଇ ଦେବାକୁ ବିକ୍ରମ ଓ ଅକ୍ଷମଙ୍କ ପରିବାର ସହ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବିଳାସପୁର ରାଜସ୍ୱ ନିରୀକ୍ଷକ ନୀଳାମ୍ବର ଧରୁଆଙ୍କୁ ଗ୍ରାମକୁ ଯାଇ ଉଭୟ ଭାଇ ଓ ତାଙ୍କ ବାପାଙ୍କୁ ୩ଟି ଜରିପାଲ ଯୋଗାଇ ଦେଇଛନ୍ତି। ରିପୋର୍ଟ ପ୍ରସ୍ତୁତ କରି ତହସିଲଦାରଙ୍କ ପାଖକୁ ପଠାଇବେ। ନିର୍ଦ୍ଦେଶ ଆସିଲା ପରେ ଘର ସଜାଡ଼ିବା ପାଇଁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକ କହିଛନ୍ତି।

## କାରରୁ ୧ କୁଇଣ୍ଟାଲ ୪୬ କେଜି ଗଞ୍ଜେଇ ଜବତ

- ୨ ଲକ୍ଷ ୯୦ ହଜାର ଟଙ୍କା ଜବତ, ୨ ଗିରଫ

ମ.ରାମପୁର, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଧୀନ ସୁଡେଙ୍ଗପଦର ଗାଁରେ ଚୋରା ଗଞ୍ଜେଇ ବିକ୍ରି ହେଉଥିବା ସମୟରେ ଅବକାରୀ ଓ ପୁଲିସ ୨ ଜଣଙ୍କୁ ଧରିଛି। ଗିରଫ ଦୁଇ ଜଣ ହେଲେ ଛତିଶଗଡ଼ ଅଞ୍ଚଳର ରାହା ନାୟକର ଓ ସୁଡେଙ୍ଗପଦର



ଗାଁର ଆବେଦନ କୁମାର। ସେମାନଙ୍କଠାରୁ ଏକ କାର, ୧ କୁଇଣ୍ଟାଲ ୪୬ କେଜି ଗଞ୍ଜେଇ ଓ ୨ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଛତିଶଗଡ଼ରୁ ରାହା ନାୟକ ସୁଡେଙ୍ଗପଦରକୁ ଗଞ୍ଜେଇ କିଣିବା ପାଇଁ ଆସିଥିବା ବିଶେଷ ସୂତ୍ରରୁ ଖବର ପାଇ ମ.ରାମପୁର ଅବକାରୀ ବିଭାଗ ଓ ପୁଲିସ ମିଳିତ ଚଢ଼ଉ କରିଥିଲା। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅବକାରୀ ବିଭାଗ ଅଧିକାରୀ ଦେବାଶିଷ ସିରଦର, କନେଷ୍ଟବଳ ସୀମାଞ୍ଚଳ ମାଝୀ, ବିନିତା କୁମାର, ଦୈତାରୀ ତାଣ୍ଡି ପ୍ରମୁଖ ଏହି ଚଢଉରେ ସାମିଲ ହୋଇଥିଲେ।

## ନିଶାଦ୍ରବ୍ୟ କାରବାରରେ ମହିଳାଙ୍କ ସମେତ ୪ ଗିରଫ



ଥୁଆମୂଳ ରାମପୁର, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅବକାରୀ ବିଭାଗ ଓ କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ମିଳିତ ଭାବେ ଦେଶୀ ଓ ବିଦେଶୀ ମଦ ଜବତ କାରବାର ଉପରେ ଚଢଉ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଥୁଆମୂଳ ରାମପୁର ଥାନା କାଣିଗୁମା, ଭିତରଗୁମା ଓ ଡୁଡ଼କାଗୁଡାରେ ଚଢ଼ଉ ହୋଇଥିଲା।



କାଣିଗୁମାର କ୍ଷମା ନାଏକଠାରୁ ପ୍ରବଳ ବିଦେଶୀ ମଦ ଜବତ ହୋଇଛି। ସେହିଭଳି ଭିତରଗୁମା ଗ୍ରାମର ସୁଦର୍ଶନ ନାଏକଠାରୁ ୮ ଲିଟର ବେଆଇନ ହାତରନ୍ଧା ମଦ ଜବତ କରାଯାଇଛି। ଅନ୍ୟପକ୍ଷେ ଡୁଡ଼କାଗୁଡା ଗ୍ରାମର ରୁକ୍ମଣୀ ନାଏକଠାରୁ ୬ ଲିଟର ହାତରନ୍ଧା ମଦ ଜବତ ହୋଇଛି। ଅବକାରୀ ବିଭାଗର ସଦର ଆଇଆଇସି ହେମକାନ୍ତି ସୁନା, ଜିଲ୍ଲା ମୋବାଇଲ ଟିମ୍ ଆଇଆଇସି ଅରୁଣ ଯୋଶୀ, ଏସଆଇ ବିଜୟ ଭୂଷଣ ନାଏକ, ଥୁଆମୂଳ ରାମଚନ୍ଦ୍ର ଅବକାରୀ ବିଭାଗର ଓଆଇସି ପ୍ରଶାନ୍ତ ସ୍ୱାଇଁ, ନରେନ୍ଦ୍ର ମିଞ୍ଜ, ଜୟପାଟଣା ଅବକାରୀ ବିଭାଗର ବିଶ୍ୱଜିତ ଆରୁଖ, କେସିଙ୍ଗା ଅବକାରୀ ବିଭାଗର ତିଳକ ରାମ ନାଏକ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ। ସେହିଭଳି ଭିତରଗୁମାର ଜୟନ୍ତ ମାଝୀ(୪୪) ପାଖରେ ୫ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ସେ ଗିରଫ ହୋଇଛି।

- ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ହଡ଼ପ ଘଟଣା

## ଦେଉଳଗାଁ ପଞ୍ଚାୟତରେ ମାଳ ମାଳ ନକଲି ଭିନ୍ନକ୍ଷମ

ପାଟଣାଗଡ଼, ୧।୮ (ସମିସ): ରାଜ୍ୟ ସରକାର ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ସାମାଜିକ ସଶକ୍ତି କରଣ ଓ ଭିନ୍ନକ୍ଷମ ବିଭାଗ ତରଫରୁ ମାସିକ ଭତ୍ତା ପ୍ରଦାନ କରୁଛନ୍ତି।ଅଶୀ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ପାଇଁ ତିନି ହଜାର ପାଞ୍ଚ ଶହ ଟଙ୍କା ଓ ତା ଠାରୁ କମ ପ୍ରତିଶତ ପାଇଁ ମାସିକ ବାର ଶହ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି।ତେବେ ଏହି ଯୋଜନାର ହରିଲୁଟ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ ଡାଟା ଏଣ୍ଟ୍ରି ଅପରେଟର ଜିଲ୍ଲା ତଥା ପାଟଣାଗଡ଼ ବ୍ଲକ ଅଞ୍ଚଳର ସୁସ୍ଥ ସବଳ ବ୍ୟକ୍ତିଙ୍କୁ ଅନ୍ଧ, ବଧିର ଓ ଛୋଟା ଦର୍ଶାଇ ଜାଲିଆତି କରି ଭିନ୍ନକ୍ଷମ ସାର୍ଟିଫିକେଟ ଯୋଗାଇ ଦେଉଥିବା ଅଭିଯୋଗ ହେଉଛି।ଏହାର ପ୍ରମାଣ ଲାଗିଛି 'ସକାଳ' ହାତରେ ଲାଗିଛି। ଏହି ସାର୍ଟିଫିକେଟ ବଳରେ ସୁସ୍ଥ ସବଳ ବ୍ୟକ୍ତି ସରକାରଙ୍କ ଆଖିରେ ଧୂଳି ଦେଇ ଭିନ୍ନକ୍ଷମ ଭତ୍ତା ହାତଉଛନ୍ତି।ଏନେଇ 'ସକାଳ' ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା।ତଦନ୍ତ ରେ ପାଟଣାଗଡ଼ ବ୍ଲକ ଦେଉଳଗାଁ ପଞ୍ଚାୟତରେ ଅନେକ ନକଲି ଭିନ୍ନକ୍ଷମ ଥିବା ଜଣାପଡ଼ିଛି। ଉକ୍ତ ସୁସ୍ଥ ସବଳ ଥାଇ ମଧ୍ୟ କିଭଳି ଭିନ୍ନକ୍ଷମ ଭତ୍ତା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏହି ଅନିୟମିତତାରେ ବ୍ଲକ କର୍ତ୍ତୃପକ୍ଷଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି।ତେବେ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଅନ୍ୟ ପଞ୍ଚାୟତ ଗୁଡିକରେ ଥିବା ନକଲି ଭିନ୍ନକ୍ଷମ ତଦନ୍ତ ଅଭିଯାନ ଜାରିରହିଛି। ଅପରପକ୍ଷରେ ନିୟମାନୁସାରେ ଜଣେ ବ୍ୟକ୍ତି ଭିନ୍ନକ୍ଷମ ଭତ୍ତା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କଲାପରେ ବିଭାଗୀୟ କର୍ମଚାରୀ ପ୍ରମାଣପତ୍ର ଯାଞ୍ଚ କରୁଛନ୍ତି। ପରେ ଉପରିସ୍ଥ ଅଧିକାରୀଙ୍କୁ ତାହା ପଠାଇବା ପରେ ଭତ୍ତା ଆପ୍ରୁଭାଲ ହେଉଛି।ତେବେ ପ୍ରମାଣପତ୍ର ଯାଞ୍ଚ ସହ ବ୍ୟକ୍ତି ଜଣକ ପ୍ରକୃତରେ ଭିନ୍ନକ୍ଷମ ନା ନାହିଁ ତାହା ଯାଞ୍ଚ ହେଉଛି ନା ନାହିଁ।ଯଦି ହେଉଛି ତେବେ ସୁସ୍ଥ ସବଳ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ଭତ୍ତା ପାଇଁ କେମିତି ଆପ୍ରୁଭାଲ ହେଉଛି ତାହା ତଦନ୍ତ ସାପେକ୍ଷ।ଏନେଇ ଗତ ୨୫ ତାରିଖ ଦିନ 'ସକାଳ' ଶୀର୍ଷକରେ ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଖବର ପ୍ରକାଶିତ ହୋଇଥିଲା। ଖବର ପରେ ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ ଘଟଣାର ତଦନ୍ତ ପାଇଁ ତାଙ୍କ କାର୍ଯ୍ୟାଳୟ ଲେଟର ନଂ ୧୮୨୫ ଅନୁସାରେ ୨୫ ତାରିଖ ଦିନ ଥାନାଧିକାରୀ ପାଟଣାଗଡ଼ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।ଏଥିସହ ମେମୋ ନଂ ୧୮୨୬ ରେ ଉପଖଣ୍ଡ ପୁଲିସ ଅଧିକାରୀ ପାଟଣାଗଡ଼ ଓ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କୁ ଅବଗତ କରିଛନ୍ତି।ଲିଖିତ ଅଭିଯୋଗରେ ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି। ଆହୁରି କହିଛନ୍ତି ଯେହେତୁ ଭିନ୍ନକ୍ଷମ ଭତ୍ତା ପାଇଁ ଲୋକେ ଅନଲାଇନ ଆବେଦନ କରୁଛନ୍ତି ପରେ ପ୍ରମାଣପତ୍ର ଯାଞ୍ଚ କରି ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଦେଉଛନ୍ତି ଓ ସେଠାରୁ ଆପ୍ରୁଭାଲ ହେଉଛି ତେଣୁ ତାଙ୍କ ଜ୍ଞ୍ୟାତସାରରେ ନାହିଁ। ମିଳିଥିବା ସୂଚନାନୁସାରେ ପାଟଣାଗଡ଼ ବ୍ଲକର ଦେଉଳଗାଁ, ସୁନାମୁଦି, ଭଇଁଷା, ତମିଆଁ, ଉଲବା, ଖୁଣ୍ଟସମଲେଇ ଭଳି ଅନେକ ପଞ୍ଚାୟତରେ ଅନେକ ନକଲି ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ହାତଉଛନ୍ତି।ତେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟରତ ଜନୈକ ଡାଟା ଏଣ୍ଟ୍ରି ଅପରେଟର ସାର୍ଟିଫିକେଟ ପିଛା ପାଞ୍ଚରୁ ଦଶ ହଜାର ଟଙ୍କା ନେଉଥିବା ପ୍ରମାଣ ମଧ୍ୟ 'ସକାଳ' ହାତରେ ରହିଛି।ଅନ୍ୟପଟେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡାଟା ଏଣ୍ଟ୍ରି ଅପରେଟର ଓ ପାଟଣାଗଡ଼ ବ୍ଲକର ଜନୈକ କର୍ମଚାରୀ ଏହି ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ସାଜିଥିବା ଅଭିଯୋଗ ହେଉଛି। ଘଟଣାର ସତ୍ୟତା ଯାଞ୍ଚ ପାଇଁ ଭିଜିଲାନ୍ସ ତଦନ୍ତ ହେଲେ ଏହି ଜାଲିଆତିର ଅସଲ ଗୁମର ଫିଟିପାରିବ ବୋଲି ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତି ମହଲରେ ଦାବି ହେଉଛି।ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦୃଢ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

## ଗାଧୋଇବାବେଳେ ମହାନଦୀରେ ବୁଡ଼ି ମୃତ୍ୟୁ

ବୌଦ୍ଧ, ୧।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଗ୍ରାମରେ ଶୁକ୍ରବାର ମହାନଦୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଜେନ୍ଦ୍ର ବାଘ (୪୮)। ସେ ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। କିଛି ଲୋକ ସେହି ସମୟରେ ତାଙ୍କୁ ପାଣିରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ସେତେବେଳକୁ ସେ ଆଖି ବୁଜି ସାରିଥିଲେ। ତାଙ୍କ ପରିବାର ପକ୍ଷରୁ ହରଭଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ହରଭଙ୍ଗା ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ନଳନୀକାନ୍ତ ଦାସ ଶବ ଜବତ କରି ବ୍ୟବଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲେ।

- ସମସ୍ୟାରେ ମହାଦେବପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ରାସ୍ତାରୋକ ପରେ ଚେତିଲା ପ୍ରଶାସନ

ବିନିକା, ୧।୮ (ସମିସ): ମହାଦେବପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଭିତରେ ଗତି କରୁଛି। ଏଣୁ ବାଧ ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ରାସ୍ତାରୋକ କରିଥିଲେ। ତେବେ ପ୍ରାୟ ୨ ଘଣ୍ଟା ରାସ୍ତାରୋକ ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ପହଞ୍ଚିଥିଲେ। ସ୍ଥିତି ଅନୁଧ୍ୟାନ କରି ସେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

୧୯୫୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହାସହ ବାଳବାଟିକା ମିଶାଇ ୯ଟି ଶ୍ରେଣୀର ୧୧୦ ଛାତ୍ରଛାତ୍ରୀ ରହିଛନ୍ତି। ତେବେ ୯ଟି ଶ୍ରେଣୀକୁ ୨ ଜଣ ସ୍ଥାୟୀ ଶିକ୍ଷକ ଓ ଜଣେ ଡେପୁଟେସନ ଶିକ୍ଷକ ଅଛନ୍ତି। ୨ଟି ଛାତ ଘରେ ପଢ଼ା ଚାଲଇଛି। ବର୍ତ୍ତମାନ ମଧ୍ୟ ୧୯୫୮ ମସିହାର ମାଟିକାନ୍ଥ ରହିଛି। ଆଜବେଷ୍ଟ ଛାଉଣି ମଧ୍ୟ ପୁରୁଣା। ଫଟା ଚଟାଣକୁ କାନ୍ଥରେ ଫାଟ ସୃଷ୍ଟି ହୋଇଚି। ଅନେକ ସମୟରେ ସାପ ବାହାରୁଛନ୍ତି। ବିପଦସଂକୁଳ କୋଠରିରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଆହୁରି ମଧ୍ୟ ବିଦ୍ୟାଳୟ ପରିସରରେ ଏକ ଅଙ୍ଗନବାଡି କେନ୍ଦ୍ର ରହିଛି; ଯେଉଁଠି ୧୦ ଜଣ କୋମଳମତି ଶିଶୁ ଅଛନ୍ତି। ଅଙ୍ଗନବାଡି କେନ୍ଦ୍ରର ଛାତରୁ ୱଧିୟ ସିମେଣ୍ଟ ଅତଡା ଖସି ଛଡ ବାହାରି ଗଲାଣି। ବର୍ଷା ହେଲେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡୁଛି। ଅନେକ ସମୟରେ ବର୍ଷା ହେଲେ ଏବଂ କେନାଲ ପାଣି ବିଦ୍ୟାଳୟ ଭିତରେ ପଶି ଜମି ରହିବା ସହ କୋଠରିକୁ ପାଣି ପଶି ଯାଇଥାଏ। ଗୁରୁବାର କେନାଲ ପାଣି ବିଦ୍ୟାଳୟ ଭିତରେ ପଶି ଯାଇଥିଲା। ଛାତ୍ରଛାତ୍ରୀ ରାସ୍ତାରେ ରହିଯାଇଥିଲେ। ଏଣୁ ଅଭିଭାବକ ତଥା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେମାନେ ବିଦ୍ୟାଳୟ ସମ୍ମୁଖରେ ସୋନପୁର-ବିନିକା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ରାସ୍ତାର ଉଭୟ ପଟରେ ଅନେକ ଯାନବାହାନ ଅଟକି ରହିଥିଲା। ଖବର ପାଇ ଜିଲ୍ଲାପାଳ ପହଞ୍ଚିଥିଲେ। ସମସ୍ୟାର ଯଥା ସମ୍ଭବ ତତ୍କାଳ ପଦକ୍ଷେପ ନେବାକୁ ସେ ବିନିକା ବିଡିଓ, ବିନିକା ବିଇଓ, ପିଡବ୍ଲୁଡି ଜେଇ, ସରପଞ୍ଚଙ୍କୁ ଡାକି ନିର୍ଦ୍ଦେଶ ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିଲା। ଏହାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ରଘୁନାଥ ଯୁବକ ସଂଘର ସଦସ୍ୟଙ୍କ ପ୍ରସ୍ତାବ ଗ୍ରହଣ କରି ଯୁବକସଂଘ ସଭା ଗୃହରେ ଶିକ୍ଷାଦାନ କରିବାକୁ ଶିକ୍ଷକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳସେଚନ ବିଭାଗ ଯନ୍ତ୍ରୀ ପହଞ୍ଚି ସ୍କୁଲ ପାଚେରି ବାହାରେ ପୋତି ହୋଇଥିବା କେନାଲକୁ ସଫା କରି ପାଣି ନିଷ୍କାସନ ବ୍ୟବସ୍ଥା କରିଥିଲେ।। ସ୍କୁଲ ଭିତରେ ଜମି ରହିଥିବା ପାଣି ନିଷ୍କାସନ ହେବା ପରେ ପରିସରରେ ବ୍ଲିଚିଂ ପାଉଡର ସିଞ୍ଚନ କରାଯିବା ସହ ଅନାବନା ଗଛଲତା ସଫା କରାଯାଇଥିଲା।

## ବଙ୍ଗୀୟ ପରିଚୟ ଦେଇ ଆସ୍ଥାନ ଜମାଉଛନ୍ତି ବାଂଲାଦେଶୀ

- ପରିଚୟ ଯାଞ୍ଚ କରୁନି ପୁଲିସ
- ଟ୍ରେନରେ ମନଇଚ୍ଛା ଆସୁଛନ୍ତି ଯାଉଛନ୍ତି

ବଲାଙ୍ଗିର, ୧।୮ (ସମିସ): ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ସହର ସମେତ ପ୍ରାୟ ସମସ୍ତ ବ୍ଲକ ଅଞ୍ଚଳରେ ବାଂଲାଦେଶୀ ନାଗରିକ ଆସ୍ଥାନ ଜମାଇଛନ୍ତି। କୌଶଳକ୍ରମେ ପଶ୍ଚିମବଙ୍ଗ ପରିଚୟ ତିଆରି କରି ବିଭିନ୍ନ କାମ ଆଳରେ ବାଂଲାଦେଶୀମାନେ ରହିଯାଇଥିବା ବେଳେ ସେମାନଙ୍କ ଆବଶ୍ୟକ କଡା ଯାଞ୍ଚ ହେଉନାହିଁ। ପ୍ରତିଦିନ ଶହ ଶହ ବାଂଲାଦେଶୀ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଜଣାପଡ଼ିଛି। ବିଶେଷ କରି ପଶ୍ଚିମବଙ୍ଗରୁ ଆସୁଥିବା ଟ୍ରେନରେ ବାଂଲାଦେଶୀମାନେ ବଲାଙ୍ଗିର ଜିଲ୍ଲାକୁ ପ୍ରବେଶ କରୁଥିବା ବେଳେ ସମସ୍ତଙ୍କ ଯାଞ୍ଚ କରାଯିବା ନେଇ ଗତ କିଛି ବର୍ଷ ହେଲା ଦାବି ହୋଇଆସୁଥିବା ବେଳେ ଏଥିପ୍ରତି ପୁଲିସ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ଜିଲ୍ଲା ଶ୍ରମିକ ଅପେକ୍ଷା ବଙ୍ଗାଳି ଶ୍ରମିକଙ୍କ ଚାହିଦା ଅନେକ। ଘର କାମ, କାଠ କାମ, ଟାଇଲ ଓ ମାର୍ବଲ କାମ ପ୍ରାୟ ସବୁ କାମରେ ଅନେକ ସ୍ଥାନରେ ବଙ୍ଗାଳି ଶ୍ରମିକଙ୍କୁ ଦେଖିବାକୁ ମିଳୁଛି। ଯାହାକୁ ନେଇ ଲୋକେ ବଲାଙ୍ଗିରକୁ ମିନି ବଙ୍ଗଳା କହିବାକୁ ମଧ୍ୟ ପଛାଉନଥିବା ବେଳେ ବଙ୍ଗାଳି ଶ୍ରମିକ ମୁଖା ଭିତରେ ଅନେକ ବାଂଲାଦେଶୀ ଶ୍ରମିକ ରହିଥିବା ଅଭିଯୋଗ ହୋଇଛି। ଏହି ଶ୍ରମିକମାନେ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ଛୋଟ ସହର ଓ ଗାଁମାନଙ୍କରେ ଘରଭଡା ନେଇ ରହୁଥିବା ଦେଖିବାକୁ ମିଳିଛି। ଅନେକଙ୍କ ଜିଲ୍ଲାର ପରିଚୟ ମଧ୍ୟ ମିଳିସାରିଛି। କିନ୍ତୁ ଏହି ବ୍ୟକ୍ତିମାନଙ୍କର ପରିଚୟକୁ ନେଇ ଯେଉଁ ସବୁ ଯାଞ୍ଚ କରାଯିବା କଥା ତାହା ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଏହି ଶ୍ରମିକମାନେ ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ମଧ୍ୟ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଏହି ଶ୍ରମିକ ମାନେ ସ୍ଥାନୀୟ ଯୁବତୀ ମାନଙ୍କୁ ନେଇ ଫେରାର ହେଉଥିବା ବେଳେ କିଏ ଚୋରୀ ମାମଲାରେ ମଧ୍ୟ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ପ୍ରାୟ ସମସ୍ତେ ପଶ୍ଚିମବଙ୍ଗ ପରିଚୟ ଦେଇ ଜିଲ୍ଲାରେ ଆସ୍ଥାନ ଜମାଇ ବସିଥିବା ବେଳେ ଏମାନଙ୍କ ଭିତରରେ ଅନେକ ବାଂଲାଦେଶୀ ଥିବା ଲୋକେ ସନ୍ଦେହ କରୁଛନ୍ତି। ସିଧାସଳଖ ବଲାଙ୍ଗିର କୁ ପଶ୍ଚିମବଙ୍ଗରୁ ଟ୍ରେନ ଯୋଗାଯୋଗ ରହିଥିବା ବେଳେ ଟ୍ରେନରେ ପ୍ରତିଦିନ ଶହ ଶହ ଏହିଭଳି ଶ୍ରମିକ ଆସି ବଲାଙ୍ଗିର ଜିଲ୍ଲାର ଲୋଇସିଂହା, ବଲାଙ୍ଗିର, ବଡମାଲ, ସଇଁନ୍ତଲା, ଟିଟିଲାଗଡ଼ ରେ ଓହ୍ଲାଇ କଣ୍ଟାବାଞ୍ଜି, ପାଟଣାଗଡ଼, ବେଲପଡ଼ା ଅଞ୍ଚଳକୁ ଯାଇ ସେଠାରେ ରହି ନିଜ ଆସ୍ଥାନ ଜମାଇଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବରୁ ବଲାଙ୍ଗିର ଟାଉନ ପୁଲିସ ଦୁଇ ବଙ୍ଗାଳି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏହିଭଳି ଅନେକ ରହିଛନ୍ତି ଯେଉଁମାନେ କି ବଲାଙ୍ଗିରରେ ଅପରାଧ ଘଟାଇ ଫେରାର ରହିଛନ୍ତି। ତେବେ ଜିଲ୍ଲାରେ ବଙ୍ଗାଳି ପରିଚୟ ନେଇ ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଏମାନଙ୍କ ପରିଚୟର ଆବଶ୍ୟକ ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ୟୁଏଏସ୍ ବ୍ୟବସ୍ଥାକୁ ବିରୋଧ





କଲମପୁର/କୋକସରା, ୧।୮ (ସମିସ)

ଆବଶ୍ୟକ ଭିତ୍ତିଭୂମି ନ ଥାଇ ୟୁଏଏସ ପ୍ରଚଳନକୁ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତୀବ୍ର ବିରୋଧ କରିଛି। ଏ ନେଇ କଲମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତଥା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ବେହେରାଙ୍କ ନେତୃତ୍ୱରେ ନିର୍ମାଲ୍ୟ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏଭଳି ସମୟରେ ୟୁଏଏସ ଲାଗୁ କରିବା ସରକାରଙ୍କ ଦୁରଦୃଷ୍ଟିର ଅଭାବ। ପ୍ରଥମେ ଭିତ୍ତିଭୂମି ସଜଡା ଯାଉ। ପରବର୍ତ୍ତୀ ସମୟରେ ୟୁଏଏସ ଲାଗୁ କରାଯାଉ ବୋଲି ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି, ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ୟୁଏଏସ ପ୍ରଚଳନ ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ନିବେଦନ କରିଛନ୍ତି। ନଚେତ ଶିକ୍ଷକ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ଏଥିରେ ସଂନ୍ଦେହ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏଭଳି କାର୍ଯ୍ୟ ବିରୋଧରେ ରାଜ୍ୟ ସାରା ପ୍ରତିବାଦ ଅନୁଷ୍ଠିତ ହେଉଥିବା ସଭାପତି ଶ୍ରୀ ବେହେରା ମତ ପ୍ରକାଶ କରିଛନ୍ତି। କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ ଦାବିପତ୍ର ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇବେ ବୋଲି କହିଥିଲେ। ଏଥିରେ ସଂଘର ସଭାପତି ସମେତ ଉପସଭାପତି ଶୁଭେନ୍ଦୁ ପଣ୍ଡା, ସମ୍ପାଦକ ବିଜେ ନାଗ, ସଂଗଠନ ସମ୍ପାଦକ ରାହାସବିହାରୀ ତେଣ୍ଡକାରି, ଉପସଭାନେତ୍ରୀ ମଧୁସ୍ମିତା ରଥ, ଯୁଗ୍ମ ସମ୍ପାଦକ ରୁଦ୍ରାକ୍ଷର ନିଆଲ, ଗୋଲେକ ଚାନ୍ଦ, ମାନସ ରଞ୍ଜନ ପାଢ଼ୀ, ନବୀନ ନାଏକ, ଶିକ୍ଷକ ସନ୍ତୋଷ ଚୌଧୁରୀ, ଶିକ୍ଷୟିତ୍ରୀ ହୀରା ବାଗ, ମଧୁସ୍ମିତା ସ୍ୱାଇଁ, ବନିତା ବାଗ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

■ ଲାଞ୍ଚ ନ ଦେବାରୁ ବିଦ୍ୟୁତ୍ କାଟିବା ଘଟଣା

# ଖବର ପ୍ରକାଶ ପରେ ଗାଁକୁ ବିଦ୍ୟୁତ୍ ଯୋଗାଣ

**ଶଗଡ଼ା, ୧।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ପାଣ୍ଡିରିପଡ଼ାରେ ଶେଷରେ ବିଦ୍ୟୁତ୍ ଯୋଗାଣ ହୋଇଛି । ଖବର ପ୍ରକାଶ ପରେ ଟାଟା ପାୱାରର ଚେତା ପଶିଛି ।

କିଛି ଦିନ ତଳେ ପାଣ୍ଡିରିପଡ଼ା ଗ୍ରାମକୁ ଯାଇଥିବା ବିଦ୍ୟୁତ୍ ତାରରେ କୌଣସି ପ୍ରକାର ତ୍ରୁଟି ଯୋଗୁଁ ବିଦ୍ୟୁତ ସେବା ବ୍ୟାଘାତ ହୋଇଥିଲା । ତାପରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ରକୁ ଫୋନ୍ କରାଯାଇଥିଲା । ଗତ ୨୦ ତାରିଖ ଦିନ ଶଶାଙ୍କ ସାହୁ ଓ ସୁବଳ କ୍ଷେତୀ ନାମକ ଦୁଇଜଣ ବିଦ୍ୟୁତ୍ କର୍ମଚାରୀ ଗାଁକୁ ଯାଇ ବିଦ୍ୟୁତ ସଜାଡ଼ିଥିଲେ । ପରେ ଗ୍ରାମବାସୀଙ୍କୁ ଉଭୟ ୬୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଏହାକୁ ନେଇ ଗ୍ରାମବାସୀ ଯୁକ୍ତିତର୍କ କରି ଟଙ୍କା ଦେବାକୁ ଅରାଜି ପ୍ରକାଶ କରିଥିଲେ । ଅଧିକ ଯୁକ୍ତିତର୍କ ହେଲା ପରେ ଗାଁ ଲୋକେ ସେ ଦୁଇଜଣଙ୍କୁ ୩୦୦ଟଙ୍କା ଦେଇଥିଲେ; ହେଲେ ଏହି ରାଗରେ ପରଦିନ ସକାଳେ ସେ ଦୁଇ କର୍ମଚାରୀ ଆସି ଗାଁର ମୁଖ୍ୟ ବିଦ୍ୟୁତ୍ ତାରକୁ କାଟି ଦେଇ ଚାଲିଯାଇଥିଲେ । ଗାଁରେ ଏ କଥା ପ୍ରଘଟ ହୋଇଯାଇଥିଲା । ପରେ ଗ୍ରାମବାସୀ ମନମୁଣ୍ଡାସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥଲେ । ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପିଥିଲା । ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ହେଧର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ 'ଏକ୍ସ'ରେ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ବିଭାଗ ପକ୍ଷରୁ କର୍ମଚାରୀମାନେ ଏହି ଗ୍ରାମକୁ ଯାଇ ବିଦ୍ୟୁତ ଯୋଗାଣ କରିଛନ୍ତି ।

ଖବର ପ୍ରକାଶ ପରେ ଚେତିଲା ବିଭାଗ

# କାର୍ଯ୍ୟକ୍ଷମ ହେଲା ପାନୀୟ ଜଳ ପ୍ରକଳ୍ପ



**ଶଗଡ଼ା, ୧।୮ (ସମିସ)**

କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ କଣ୍ଟାମାଳ, ବନ୍ଧପାଲି ଓ ଦେଉଳଡୁଙ୍ଗୁରି ଗ୍ରାମର ଲୋକ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ଲୋକେ ପାଣି ପାଇଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଗତ ଏକ ମାସରୁ ଅଧିକ ସମୟ ହେବ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଥିଲା । ଏହା ଫଳରେ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଗ୍ରାମରେ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ବେଳେ ଲୋକେ ପାଣି ପାଇଁ ଖରାରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି । ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି । ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନ ଥିଲା । ସମସ୍ୟାର ସମାଧାନ ନେଇ ଉଭୟ ପଞ୍ଚାୟତ କର୍ତ୍ତୃପକ୍ଷ ଓ ପାନୀୟ ଜଳ ଯୋଗାଣ ବିଭାଗ ଦୋଷ ଲଦାଲଦି ହୋଇଥିଲେ । ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ହେଧର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ପ୍ରଶାସନ ସହ ଜଳ ଓ ପରିମଳ ବିଭାଗକୁ 'ଏକ୍ସ'ରେ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ମରାମତି କରାଯାଇଛି ।

# ନୂଆପଡ଼ା ଜିଲ୍ଲାରେ ୧୪୬୨ ଶିକ୍ଷକଙ୍କ ବଦଳି

**ନୂଆପଡ଼ା, ୧।୮ (ସମିସ):** ନୂଆପଡ଼ା ଜିଲ୍ଲାରେ ବହୁ ପ୍ରତୀକ୍ଷିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଶିକ୍ଷାର ମାନ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକ ବଦଳି ନିର୍ଦ୍ଦେଶନାମକ ପ୍ରକାଶ ପାଇଛି । ୧୪୬୨ଜଣ ଶିକ୍ଷକଙ୍କ ବଦଳି ହୋଇଛି । ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ପ୍ରୟାସ ଚାଲିଛି । ଶୈକ୍ଷିକ ବିକାଶ ପାଇଁ ପଥ ପ୍ରଶସ୍ତ ହେଉଛି । ଗୁଣାତ୍ମକ ଶିକ୍ଷାର ବିକାଶର ରାସ୍ତାକୁ ଉପଯୋଗ୍ୟ କରିବାକୁ ଶିକ୍ଷକମାନଙ୍କ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି । ଶିକ୍ଷାକେନ୍ଦ୍ର ସହ ଶିକ୍ଷକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କୌଣସି ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ୧୦ବର୍ଷରୁ ଅଧିକ ସମୟ ରହିଥିବା ଶିକ୍ଷକ ତାହା ପୁଣି ବିଦ୍ୟାଳୟର ଦୂରତ୍ୱକୁ ଦୃଷ୍ଟିରେ ରଖି ବଦଳି କରାଯାଇଛି ବୋଲି ସେ କହିଛନ୍ତି । ନୂଆପଡ଼ା ବ୍ଲକରେ ୩୮୯ ଜଣ ଶିକ୍ଷକଙ୍କ ବଦଳି ହୋଇଛି। ଏଫ କୋମନା ବ୍ଲକରେ ୩୩୧ଜଣ, ଖଡ଼ିଆଳ ବ୍ଲକରେ ୨୩୬ଜଣ, ବୋଡେନ ବ୍ଲକରେ ୨୧୯ ଜଣ ଏବଂ ଏବଂ ସିନାପାଲି ବ୍ଲକରେ ୨୮୭ଜଣ ଶିକ୍ଷକଙ୍କ ବଦଳି ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ବଦଳି ତାଲିକା ପଠା ଯାଇଛି । ୨ ଦିନ ଭିତରେ ସମସ୍ତ ଶିକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ବଦଳି ଚିଠି ଦିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ କହିଛନ୍ତି । ତେବେ ଆଜି ପର୍ଯ୍ୟନ୍ତ ଏଭଳି ସଂଖ୍ୟକ ବଦଳି କରାଯାଇ ନ ଥିଲା । ଏହା ଶିକ୍ଷା କ୍ଷେତ୍ରରେ ଏକ ଇତିହାସ ହେବ । ଏଥି ପାଇଁ ସମସ୍ତ ଶିକ୍ଷକ, ଗ୍ରାମବାସୀ ଖୁସି ବୋଲି କହି ଜିଲ୍ଲା ସିଟି ଶିକ୍ଷକ ସଙ୍ଘ ସଭାପତି ଅମିଲାଲ ଶବର ପ୍ରା।ସନକୁ ଧନ୍ୟବାଦ ଜଣାଇଛନ୍ତି ।

# ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଦାୟିତ୍ୱ, ଭୂମିକା ଉପରେ କର୍ମଶାଳା




**ବୌଦ୍ଧ, ୧।୮ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠି ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକରି ସମସ୍ତ ଅଧିକାରୀ ନିଜ ନିଜର ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ବାଲ୍ୟ ବିବାହ ଆଇନର କାର୍ଯ୍ୟକାରିତା ଏବଂ ଗୋଷ୍ଠୀସ୍ତରରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ବିନୟ ଭୋଇ ଯୋଗଦେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀମାନେ ଗୋଷ୍ଠୀସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ତଥା ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରିବା ଉପରେ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦାମୋଦର ସାହୁ ଯୋଗ ଦେଇଥିଲେ । ତାଲିମଦାତା ଭାବେ ଘାସିରାମ ପଣ୍ଡା ଯୋଗଦେଇ ବାଲ୍ୟବିବାହ ଆଇନରେ ଥିବା ବ୍ୟବସ୍ଥା ଏବଂ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଦାୟିତ୍ୱ ଓ ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସମରସେନ ସିଂ, ରାଜେନ୍ଦ୍ର ମଲ୍ଲିକ, ବସନ୍ତ ଦିସିରି, ସହଦେବ ନାୟକ, ଚିତ୍ରସେନ ସାହୁ, ଶ୍ରବଣ ସାହୁ, ସୌମ୍ୟ ରଞ୍ଜନ ଜେନା, ରଞ୍ଜିତ ସାହୁ ଏବଂ ସତ୍ୟନାରାୟଣ ନାଏକ ସହଯୋଗ କରିଥିଲେ ।

# ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବୌଦ୍ଧ, ୧।୮ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀକନକଲତା ନାଏକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉପ ଜିଲ୍ଲାପାଳ ବିନୟ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳକୃଷ୍ଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସୁଦାମ ସ୍ୱାଇଁ, ବରିଷ୍ଠ ସେକ୍ସନ ଅଫିସର୍ ଭିକାରୀ ଝାଙ୍କରଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକମାନେ ଉପସ୍ଥିତ ଥିଲେ ।

# ଯୌନ ନିର୍ଯାତନା ବିରୋଧୀ ଆଇନ ସଚେତନତା

**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ବାଲାଜୀ କଲେଜ ଅଫ୍ ନର୍ସିଂ ତରଫରୁ କର୍ମକ୍ଷେତ୍ର ରେ ମହିଳାମାନେ କିଭଳି ନିର୍ଯାତନା ନ ହେବେ ସେ ଦିଗରେ ଯୌନ ନିର୍ଯାତନା ବିରୋଧୀ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନର୍ସିଂ ବିଭାଗୀୟ ମୁଖ୍ୟ ଦେବାଶିଷ ପାଣ୍ଡିଆଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲ୍ଲାବିଧି ସମ୍ପାଦକ ପବିତ୍ରାନନ୍ଦ ପଧାନ ସମ୍ମାନିତ ଅତିଥି, ଡିଏସ୍‌ପି କମଳ କୁମାର ପଣ୍ଡା, ତାରାବତି ପ୍ରଧାନ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ସଂସ୍କୃତ ରିଡର୍ ଡ. ସୁରେଶ ଷଡ଼ଙ୍ଗୀ ଓ ବିଷ୍ଣୁପ୍ରସାଦ କେଡିଆ ଯୋଗଦେଇଥିଲେ । ଅତିଥିମାନଙ୍କୁ କଲେଜର ନିର୍ଦ୍ଦେଶକ ଅଭିଳାଷ ଅଗ୍ରୱାଲ ସମ୍ମାନିତ କରିଥିଲେ । ପରିଚାଳନା ନିର୍ଦ୍ଦେଶକ କୈଳାସ ଅଗ୍ରୱାଲ ଦ. କୁଇନ୍ ଇଣ୍ଟର ନ୍ୟାସନାଲ ସ୍କୁଲ୍‌ର ନିର୍ଦ୍ଦେଶିକା ସୁଜାତା ଅଗ୍ରୱାଲା, ଇନ୍ସପେକ୍ଟର ଭାରତୀ ନାୟକ ଉପସ୍ଥିତ ଥିଲେ । ଏହା ସହିତ ବାଲାଜୀ କଲେଜ ଅଫ ନର୍ସିଂ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ ହୋଇଥିବା ଅଭିଳାଷ ଅଗ୍ରୱାଲ ଘୋଷଣା କରିଥିଲେ । କଲେଜର ଅଧାପିକା ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ୍ ଜ୍ଞାପନ କରିଥିଲେ




# ମଦ କାରବାରରେ ୨ ଗିରଫ

**ଶଗଡ଼ା, ୧।୮ (ସମିସ):** ବାଉଁଶୁଣି ଥାନା ଜଡ଼ାପାଳ ଗ୍ରାମ ରାସ୍ତା ନିକଟରେ ବେଆଇନ ଭାବରେ ଦେଶୀ ମଦ ବିକ୍ରି ଚାଲିଥିବା ଖବର ପାଇ ବୌଦ୍ଧ ଅବକାରୀ ବିଭାଗର ଏକ ଟିମ୍ ଚଢ଼ଉ କରିଛି । ସୁରେଶ ମଲ୍ଲିକ ନିକଟରୁ ୧୧ ଲିଟର ଦେଶୀ ମଦ ଜବତ କରି ତାକୁ ଗିରଫ କରିଥିଲା । ସେହିପରି ଅବକାରୀ ଟିମ୍ ବାଉଁଶୁଣି ଥାନା ତାଳଗୋରି ଗ୍ରାମରାସ୍ତାରୁ ସମୀର ମଲ୍ଲିକ ନିକଟରୁ ୧୨ ଲିଟର ଦେଶୀ ମଦ ଜବତ କରି ତାକୁ ଗିରଫ କରିଛି ।

# ତରଭା ନବୋଦୟ ବିଦ୍ୟାଳୟ ଏକାଦଶ ଶ୍ରେଣୀରେ ନାମ ଲେଖା ସୁଯୋଗ

**ତରଭା, ୧।୮ (ସମିସ):** ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ସୋନପୁର ଜିଲ୍ଲା ତରଭା ପିଏମ୍‌ଶ୍ରୀ ବିଦ୍ୟାଳୟ ଏକାଦଶ ଶ୍ରେଣୀ କଳା ବିଭାଗରେ ୨୧ଟି ସ୍ଥାନ ଖାଲି ପଡ଼ିଛି । ଏଥିପାଇଁ ଦଶମ ଉତ୍ତୀର୍ଣ୍ଣ ସୋନପୁର ଜିଲ୍ଲାର ଛାତ୍ରଛାତ୍ରୀ ଅଫ୍ ଲାଇନ ଓ ଅନ ଲାଇନରେ ଆବେଦନ କରି ପାରିବେ । ଇଚ୍ଛୁକ ପାର୍ଥୀ ଆବେଦନ କରିବା ତଥା ନାମଲେଖା ପାଇଁ ବିଦ୍ୟାଳୟ ଅଧକ୍ଷଙ୍କ ସହ ଚଳିତ ମାସ ୧୦ ତାରିଖ ମଧ୍ୟରେ ଯୋଗାଯୋଗ କରିପାରିବେ । ବିଦ୍ୟାଳୟରେ ଆବେଦନ ପତ୍ର ଉଭୟ ଅଫ୍ ଲାଇନ ଓ ଅନ ଲାଇନ ମାଧ୍ୟମରେ ଆବେଦନ କରିହେବ । ବିଦ୍ୟାଳୟର ଅଧକ୍ଷ ନିଶିକାନ୍ତ ସାମକୁୱର ଏହି ସୂଚନା ଦେଇଛନ୍ତି ।



ବୌଦ୍ଧରେ ଅନୁଷ୍ଠିତ ସାହାଣୀକପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସାହାଣୀକପ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

# ପ୍ରଥମ ଫାଇନାଲରେ ସମ୍ବଲପୁରକୁ ହରାଇ କଟକ ବିଜୟୀ

**ବୌଦ୍ଧ, ୧।୮ (ସମିସ)**




ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ଫାଇନାଲ ମ୍ୟାଚ ସମ୍ବଲପୁର ଓ କଟକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚରେ କଟକ ଦଳ ସମ୍ବଲପୁରକୁ ୧-୦ ଗୋଲ୍‌ରେ ହରାଇ ବିଜୟୀ ହୋଇଛି ।

ମ୍ୟାଚ ଆରମ୍ଭର ୨୦ ମିନିଟ୍‌ରେ କଟକର ପରାଓ ଟୁଡୁ ଗୋଟିଏ ଗୋଲ୍ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା । କେହି କାହାରିକୁ କିନ୍ତୁ ଗୋଲ୍ ଦେଇ ନ ଥିଲେ । ଏହା ଫଳରେ କଟକ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ ପ୍ରଧାନ, ଅନଗୁଳ ବିଧାୟକ ପ୍ରତାପ ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଫାଓ ଉପ ସଭାପତି ସହଦେବ ରାଉତ, ଫାଓ ଉପ ସଭାପତି ବିଶ୍ୱରଞ୍ଜନ ଘଡ଼ାଇ, ଫାଓ କୋଷାଧକ୍ଷ ଭକ୍ତ ବଲ୍ଲଭ ଦାସ, ସମ୍ବଲପୁର ଆଥଲେଟିକ ଆସୋସିଏସନ ସମ୍ପାଦକ ସୁନୀଲ ସାହୁ, ଭଦ୍ରକ ଆଥଲେଟିକ ଆସୋସିଏସନ ସମ୍ପାଦକ ଧିରେନ ପଲେଇ, ଫୁଲବାଣୀ ଆଥଲେଟିକ ଆସୋସିଏସନ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

ମୁଖ୍ୟ ରେଫରୀ ଭାବେ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିଲେ । ଲାଇନରେ ଅରୁଣ ନାୟକ ଓ ଶଶିକାନ୍ତ ଦାସିଆ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ସଲି ବେହେରା ଦାୟିତ୍ୱ ତୁଲାଇଥିଲେ । ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ଯୁଗଳକିଶୋର ସାମଲ ଓ ଉପସଭାପତି ଲମ୍ବୋଦର ପୁରୋହିତ, ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାଶ ମଞ୍ଚାସୀନ ଥିଲେ । ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା କଟକର ଗୋଲ୍ କିପର ସଞ୍ଜୟ ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ରାକେଶ ଓରାମଙ୍କୁ ମହେଶ ମେମୋରିଆଲ ବେଷ୍ଟ ଡିଫେଣ୍ଡର ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଖେଳ ପରିଚାଳନା କରିଥିଲେ ।

# ପୁଟାଖେତା-ପଳସାପଦର ରାସ୍ତା ଶୋଚନୀୟ




**ଶଗଡ଼ା, ୧।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ପୁଟାଖେତା-ପଳସାପଦର ଗ୍ରାମକୁ ରାସ୍ତା ନାହିଁ । ବର୍ଷା ଦିନ ହେଲେ ଗମନା ଗମନ ପାଇଁ ଗ୍ରାମବାସୀଙ୍କୁ ଚିନ୍ତା ଘାରୁଛି । ଲୋକେ ଯାତାୟାତରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି କାଦୁଅରେ ରାସ୍ତା ପୂର୍ଣ୍ଣ ହୋଇଯାଏ । ବର୍ଷା ଦିନେ ଆମ୍ବୁଲାନ୍ସ ମଧ ଯିବା ବହୁତ କଷ୍ଟ ହୋଇଥାଏ । ଏଥି ପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଉନି । ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି ।

# ମନ୍ତ୍ରୀଙ୍କ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ



**ବୌଦ୍ଧ, ୧।୮ (ସମିସ):** ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୌଦ୍ଧ ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଛନ୍ତି । ସେଠାରେ ଚାଲିଥିବା ଫିଲ୍ଡ ଟେକ୍ନିସିଆନ୍ ସ୍ୱଳ୍ପ କାଳୀନ ନିଃଶୁଳ୍କ ଦକ୍ଷତା ପ୍ରଶିକ୍ଷଣ ବିଷୟରେ ପିଲାଙ୍କ ସହ ଆଲୋଚନା କରିଥିଲେ । ସେମାନେ ନିଯୁକ୍ତି ଯେମିତି ନିଶ୍ଚିତ ପାଇବେ ତଦାରଖ କରିବା ପାଇଁ ଜିଲ୍ଲା ଦକ୍ଷତା ତଥା ନିୟୋଜନ ଅଧିକାରୀ ଅଜୟ ଦାଶଙ୍କୁ ପରାମର୍ଶ ଦେଇଥିଲେ । ଅନଷ୍ଠାନରେ ପାନୀୟ ଜଳର ଅଭାବ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ । କିଛି ପ୍ରଶିକ୍ଷିତ ପିଲାଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିଥିଲେ । ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ ।

# ତୁର୍ଲା ଗାଁରେ ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



**ଖପ୍ରାଖୋଲ, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତର ତୁର୍ଲା ଗାଁରେ ଗୋଟିଏ କି ଦୁଇଟି ନୁହେଁ ପାଞ୍ଚ ପାଞ୍ଚଟି ବିଦ୍ୟୁତ୍ ଟାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି । କେଉଁଟି ରାସ୍ତା କଡ଼ରେ ତ କେଉଁଟି ଜନବସତି ଭିତରେ ଏହିସବୁ ବିଦ୍ୟୁତ୍ ଟାନ୍ସଫର୍ମର ଗୁଡ଼ିକ ଥିବାରୁ ମଣିଷ ତଥା ବିଭିନ୍ନ ପ୍ରାଣୀ ସଂସ୍ପର୍ଶରେ ଆସିଲେ ଦୁର୍ଘଟଣା ହେବା ସ୍ୱାଭାବିକ । ବିଦ୍ୟୁତ୍ ବିଭାଗକୁ ପୂର୍ବରୁ ଜଣାଇଥିଲେ ମଧ ଟାନ୍ସଫର୍ମର ଚାରି ପଟେ କୌଣସି ବାଡ ବା ସୁରକ୍ଷା ବ୍ୟବସ୍ଥା କରିନାହାନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମୁକୁଳା ଟାନ୍ସଫର୍ମର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁହେବା ମଧ୍ୟ ଆଶଙ୍କା ରହିଛି । ତୁରନ୍ତ ଟାନ୍ସଫର୍ମର ଗୁଡ଼ିକ ମୁକୁଳା ନ ରଖି ସୁରକ୍ଷା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଖପ୍ରାଖୋଲ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସମ୍ବିତ ପରିଡ଼ାଙ୍କୁ ପଚାରିବାରୁ ଅତିଶୀଘ୍ର ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# କଣ୍ଟାବାଞ୍ଜିରେ ସମଲପୁରୀ ଦିନ୍




**କଣ୍ଟାବାଞ୍ଜି, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ସମ୍ବିଧାନ ଛକ ସ୍ଥିତ ଆମ୍ବେଦକର ଭବନଠାରେ ମୋର୍ ସମସ୍ୟା ଡିଜିଟାଲ ମେଡିଆ ପକ୍ଷରୁ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇ ଯାଇଛି । ଗୁରୁ ସତ୍ୟନାରାୟଣ ବହିଦାର ଙ୍କ ଜନ୍ମ ଦିନକୁ ୨୦୧୩ ମସିହାରୁ ସାରା ପଶ୍ଚିମ ଓଡ଼ିଶାବାସୀ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ ଭାବରେ ପାଳନ କରି ଆସୁଛନ୍ତି । ଶୁକ୍ରବାର ମୋର୍ ସମସ୍ୟା ଡିଜିଟାଲ ମଡିଆ ମୁଖ୍ୟ ସମ୍ପାଦକ ତୁଳସୀରାମ ଜଗତଙ୍କ ତତ୍ୱାବଧାନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ ତଥା ମୁରିବାହାଲ ଯୁକ୍ତଦୁଇ କଲେଜ ପ୍ରିନ୍ସିପାଲ ରମେଶ ମାହାନନ୍ଦ, ସମାଜସେବୀ ଅନୀଲ ବିଭାର ପ୍ରମୁଖ ମଞ୍ଚାସିନ ଥିଲେ । ଶିକ୍ଷୟିତ୍ରୀ ଅଞ୍ଜଳୀ ମାଝୀ ମଞ୍ଚ ପରିଚାଳକ କରିଥିଲେ । ପରେ କଣ୍ଠଶିଳ୍ପୀ ଅଶୋକ କୁମାର, ସୁଦର୍ଶନ ଦୀପ, ବୁଲୁ ମାହାନନ୍ଦ ଓ ତାଙ୍କ ସାଥୀଙ୍କ ପକ୍ଷରୁ ସାଂକୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ପିଙ୍କି ଖର୍ସେଲ, ମୋହନ ସୁନା, ରେସବ ମାହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୭୬
- ୟୁରୋ ୧୦୦.୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୫୦୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଟ୍ରମ୍ପଙ୍କ ୨୫% ଟାରିଫ୍‌ର ପ୍ରଭାବ

# ଅଟୋ ଯନ୍ତ୍ରାଂଶରୁ ଚିଙ୍ଗୁଡ଼ି ରପ୍ତାନି ଯାଏ ସବୁରେ ଲାଗିବ ଝଟ୍‌କା

ନୂଆଦିଲ୍ଲୀ,୧।୮ (ଏଜେନ୍ସି)

ବୁଧବାର ଆମେରିକା ଭାରତ ଉପରେ ଘୋଷଣା କରିଥିବା ୨୫ ପ୍ରତିଶତ ଶୁଳ୍କ ଏବେ ସ୍ଥଗିତ ରହିଛି। ଏହି ନୂଆ ଟାରିଫ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ଗୋଟିଏ ସପ୍ତାହର ଆଶ୍ୱସ୍ତି ଦେଇଛନ୍ତି। ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ଭାରତ ଉପରେ ଶୁଳ୍କ ଘୋଷଣା କରିବା ସମୟରେ କହିଛନ୍ତି ଯେ ବନ୍ଧୁ ହେବା ସତ୍ତ୍ୱେ, ଭାରତ ଏବଂ ଆମେରିକା ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଶୁଳ୍କ ଦ୍ୱାରା ଭାରତର କେଉଁ ସବୁ କ୍ଷେତ୍ର ପ୍ରଭାବିତ ହେବ।




ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଆମେରିକାକୁ ଯେଉଁ ସମସ୍ତ ସାମଗ୍ରୀ ଏବଂ କ୍ଷେତ୍ର ରପ୍ତାନି କରେ ତାହା ପ୍ରବଳ ଭାବରେ ପ୍ରଭାବିତ ହେବ। ଉଦାହରଣ ସ୍ୱରୂପ, ଅଟୋ ଯନ୍ତ୍ରାଂଶ ନିର୍ମାଣକାରୀ କମ୍ପାନୀ, ବୟନ ଶିଳ୍ପ, ଧାତୁ ଏବଂ ଔଷଧ କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ଶୁଳ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ମହଙ୍ଗା ମୂଲ୍ୟରେ ଆମେରିକାରେ ଉପଲବ୍ଧ ହେବ। ଏହା ସେମାନଙ୍କର ବିକ୍ରି ହ୍ରାସ କରିବ ଏବଂ କମ୍ପାନୀଗୁଡ଼ିକୁ କ୍ଷତି ସହିବାକୁ ପଡିବ। ଅପରପକ୍ଷେ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି କହିଛନ୍ତି ଯେ ଭାରତର ସାମୁଦ୍ରିକ ଖାଦ୍ୟ, ବିଶେଷକରି ଚିଙ୍ଗୁଡ଼ି ରପ୍ତାନି, ଆମେରିକାର ଏହି ଶୁଳ୍କ ଦ୍ୱାରା ବିଷଶଷ ଭାବରେ ପ୍ରଭାବିତ ହେବ। ଆମେରିକା ଇକ୍ୱେଡର ଉପରେ କମ୍ ଶୁଳ୍କ ଲଗାଇଛି, ଏହା ଦ୍ୱାରା ଏହା ଲାଭବାନ ହେବ। ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିର ପ୍ରାୟ ୬୬% ହେଉଛି ଚିଙ୍ଗୁଡ଼ି। ୨୦୨୪-୨୫ରେ ଭାରତ ୪.୮୮ ବିଲିୟନ ଡଲାର ମୂଲ୍ୟର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଭାରତର ପ୍ରାୟ ଅଧା ଚିଙ୍ଗୁଡ଼ି ରପ୍ତାନି ଆମେରିକାକୁ ଯାଉଛି। ଆହୁରିମଧ୍ୟ ଏହି ଶୁଳ୍କ ଭାରତର ବୟନଶିଳ୍ପ ରପ୍ତାନିକୁ ମଧ୍ୟ ପ୍ରଭାବିତ କରିବ। ବ୍ରିଟେନ୍ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିରୁ ଆମେ ଯେଉଁ ଲାଭ ପାଇଲୁ ତାହା ଆମେରିକାର ଶୁଳ୍କ ଯୋଗୁଁ ନିରପେକ୍ଷ ହୋଇଯିବ। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୨୫%ପ୍ରତିଶତ ଶୁଳ୍କ ବିଷୟରେ, ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ର ଡିଜି ଏବଂ ସିଇଓ ଡକ୍ଟର ଅଜୟ ସହାୟ କହିଛନ୍ତି, ଭାରତ ଉପରେ ଲାଗୁ କରାଯାଇଥିବା ୨୫% ଶୁଳ୍କ ଟିକେ ଅଧିକ। ଆମେ ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କଥାବାର୍ତ୍ତା କରୁଛୁ। ଏହା ବ୍ୟତୀତ, କେଉଁ ଜୋରିମାନା ଲାଗୁ ହେବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେ ଆମେରିକୀୟ ଆମଦାନୀକାରୀଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ବିଷୟରେ କଥା ହୋଇପାରିବା, କାରଣ କିଛି ମାସ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ହେବ, ଯାହା ଏହି ଶୁଳ୍କକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଏଥିଯୋଗୁ ୮୭ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ଆମେରିକାର ନୂତନ ଶୁଳ୍କ ଆମେରିକାକୁ ଭାରତର ସାମଗ୍ରୀ ରପ୍ତାନିକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଏଥିରେ ସାମଗ୍ରୀ ଏବଂ ସେବା ମଧ୍ୟରେ ଶ୍ରମ-ସଘନ ଉତ୍ପାଦ ଯେପରିକି ବୟନଶିଳ୍ପ, ଔଷଧ, ରତ୍ନ ଏବଂ ଅଳଙ୍କାର, ଏବଂ ପେଟ୍ରୋକେମିକାଲ୍ସ କାରବାର ପ୍ରଭାବିତ ହୋଇପାରେ। ଆମେରିକାର ବର୍ତ୍ତମାନ ଭାରତ ସହିତ ୪୫.୭ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟ ଅଛି।

■ **କ୍ରେଡାଇ ଭୁବନେଶ୍ୱରରେ ସାଧାରଣ ପରିଷଦ ବୈଠକ**

## ଡେଭ୍‌ଲପର ଟିୟର-୨, ଟିୟର-୩ ସହରରେ ନିବେଶ କରନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର,୧।୮ (ସମିସ): କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭ୍‌ଲପର୍ସ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ (କ୍ରେଡାଇ) ପକ୍ଷରୁ ଭୁବନେଶ୍ୱରରେ ଏହାର ଇଜିଏମ୍ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୯ ବର୍ଷ ପରେ କ୍ରେଡାଇ ଏହି ବୈଠକ ସହ ରାଜ୍ୟକୁ ଫେରିଛି। ଡେଭ୍‌ଲପରମାନଙ୍କୁ ସନ୍ତୁଳିତ ସହରୀକରଣ ପାଇଁ ଟିୟର ୨ ଓ ଟିୟର ୩ ସହରଗୁଡିକ ଉପରେ ଗୁରୁତ୍ୱ ଦେବା ଏବଂ ସୁଲଭ ଗୃହ ନିର୍ମାଣ, ସବୁଜ ବିକାଶ ଓ ଡିଜିଟାଲ ଭିତିଭୂମି କ୍ଷେତ୍ରରେ ନିବେଶ କରିବା ପାଇଁ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ କ୍ରେଡାଇ ଅଧ୍ୟକ୍ଷ ଶେଖର ଜି ପଟେଲ ଗତ ଦଶନ୍ଧି ମଧ୍ୟରେ ଭୁବନେଶ୍ୱରର ବିବର୍ତନକୁ ଆଲୋକପାତ କରିଥିଲେ। କ୍ରେଡାଇ ଭୁବନେଶ୍ୱରର ସଭାପତି ସୋଫିଆ ଫିରଦୌସ୍ ଭୁବନେଶ୍ୱରକୁ ଇଜିଏମ ପାଇଁ ମନୋନୀତ ହେବା ସହ ସ୍ମାର୍ଟ ସିଟି ମିଶନ ଭଳି ପଦକ୍ଷେପ ସହିତ, ଭୁବନେଶ୍ୱର ପୂର୍ବ ଭାରତର ରିଅଲ୍ ଇଷ୍ଟେଟ୍ ରାଜଧାନୀ ଭାବରେ ଉଭା ହେଉଥିବା କହିଥିଲେ। କ୍ରେଡାଇର ନିର୍ବାଚିତ ସଭାପତି ଜି ରାମ ରେଡ୍ଡି ସଂଗଠନର ବର୍ଦ୍ଧିତ ଜାତୀୟ ଉପସ୍ଥିତି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଦେଶ କୁମାର ରାଉତରାୟଙ୍କୁ ସର୍ବସମ୍ମତିକ୍ରମେ ପୂର୍ବ ଜୋନ୍ – କ୍ରେଡାଇ ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ଏଥିରେ ଏକାମ୍ର ବିଧାୟକ ବାବୁ ସିଂହ, କ୍ରେଡାଇର ବରିଷ୍ଠ ନେତୃତ୍ୱ ଶାନ୍ତିଲାଲ କଟାରିଆ, ପୂର୍ବତନ ସଭାପତି ଶେଖର ରେଡ୍ଡୀ, ରମଣୀ ଶାସ୍ତ୍ରୀ ଏବଂ ମନୋଜ ଗୌର, ପୂର୍ବତନ ଅଧ୍ୟକ୍ଷ କ୍ରେଡାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ ଅମ୍ବାନୀଙ୍କ ବିରୋଧରେ ଇଡ଼ିର 'ଲୁକ୍ ଆଉଟ୍ ନୋଟିସ୍' ଜାରି

ନୂଆଦିଲ୍ଲୀ,୧।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନିଲ ଅମ୍ବାନୀଙ୍କ ବିରୋଧରେ ଆଜି ଲୁକ୍ ଆଉଟ୍ ନୋଟିସ୍ ଜାରି କରିଛି। ଫଳରେ ଅନିଲ ବିନା ଅନୁମତିରେ ଦେଶ ଛାଡିପାରିବେନାହିଁ। ଅନିଲ କମ୍ପାନୀଗୁଡ଼ିକ ସହିତ ଜଡିତ ଏକ ଋଣ ଠକେଇ ମାମଲାର ତଦନ୍ତ ଅନୁଯାୟୀ, ଇଡି ତାଙ୍କ ବିରୁଦ୍ଧରେ ଏହି ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି। ତଦନ୍ତ ଅଧିକାରୀଙ୍କ ଅନୁମତି ବିନା ସେ ଭାରତ ଛାଡିପାରିବେ ନାହିଁ କିମ୍ବା ବିଦେଶ ଯାତ୍ରା କରିପାରିବେ ନାହିଁ। ଯଦି ସେ ବିଦେଶ ଯାତ୍ରା କରନ୍ତି, ତେବେ ତାଙ୍କୁ ବିମାନବନ୍ଦର କିମ୍ବା ସିପିଂ ପୋର୍ଟରେ ଅଟକ ରଖାଯିବ। ଦିଲ୍ଲୀରେ ଇଡି ମୁଖ୍ୟାଳୟରେ ସାକ୍ଷ୍ୟ ଦେବାକୁ ଅମ୍ବାନୀଙ୍କୁ କୁହାଯାଇଛି। ମନି ଲଣ୍ଡରିଂ ନିବାରଣ ଆଇନ ଅନୁଯାୟୀ ତାଙ୍କର ବୟାନ ରେକର୍ଡ କରାଯିବ। ଗତ ସପ୍ତାହରେ ଅମ୍ବାନୀଙ୍କ ବ୍ୟବସାୟିକ ଗ୍ରୁପ ସହିତ ଜଡିତ ଅନେକ କମ୍ପାନୀ ଏବଂ ଅଧିକାରୀଙ୍କ ପରିସରରେ ଚଢାଉ କରାଯିବା ପରେ ଇଡି ଏପରି ସମନ ଜାରି କରିଛି। ଜୁଲାଇ ୨୪ ରୁ ଆରମ୍ଭ ହୋଇ, ଏହି ଚଢାଉ ତିନି ଦିନ ଧରି ଚାଲିଥିଲା ଏବଂ ଅନିଲଙ୍କ ଗ୍ରୁପର ପ୍ରମୁଖ ଅଧିକାରୀମାନଙ୍କ ସମେତ ମୁମ୍ବାଇର ୫୦ କମ୍ପାନୀ ଏବଂ ୨୫ ବ୍ୟକ୍ତି ସହିତ ଜଡିତ ୩୫ ରୁ ଅଧିକ ସ୍ଥାନକୁ ଏଥିରେ ଟାର୍ଗେଟ କରାଯାଇଥିଲା।

**ବିନା ଅନୁମତିରେ ଦେଶ ଛାଡ଼ିବାକୁ ବାରଣ**



## ଏଲ୍‌ଏଏସ୍‌ଆଇ ରିପୋର୍ଟ | ଦେଶର ୭୦% ବୟସ୍କ ଆର୍ଥିକ ଭାବରେ ନିର୍ଭରଶୀଳ

# ଓଡିଶାରେ କମ୍ ଓଜନର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ସର୍ବାଧିକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି)

ଭାରତର ପ୍ରାୟ ୭୦ ପ୍ରତିଶତ ବୟସ୍କ ଆର୍ଥିକ ଭାବରେ ନିର୍ଭରଶୀଳ। ଏଥିରେ ଅନେକ ଲୋକ ଅବସର ପରେ ମଧ୍ୟ ଜୀବିକା ନିର୍ବାହ ପାଇଁ କାମ କରିଚାଲିଥାନ୍ତି। ଏକ ନୂତନ ରିପୋର୍ଟରୁ ଏହି ସୂଚନା ସାମ୍ନାକୁ ଆସିଛି। ତେବେ ରିପୋର୍ଟରେ ଏକ ତଥ୍ୟ ରହିଛି ଯାହା ବିଚଳିତ କରିବା ଭଳି। ଓଡିଶାରେ କମ ଓଜନର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ସର୍ବାଧିକ ବୋଲି ଏଥିରେ କୁହାଯାଇଛି।

'ଭାରତରେ ବୟସ୍କ ବୟସ୍କତା: ଚ୍ୟାଲେଞ୍ଜ ଏବଂ ସୁଯୋଗ' ଶୀର୍ଷକ ଅଧ୍ୟୟନ 'ସଂକଳ୍ପ ଫାଉଣ୍ଡେସନ' ଦ୍ୱାରା ନୀତି ଆୟୋଗ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଜାତୀୟ ମାନବାଧିକାର କମିଶନଙ୍କ ସହଭାଗିତାରେ ପ୍ରକାଶିତ ହୋଇଛି। ଏହି ରିପୋର୍ଟ ଭାରତରେ ଅଧିକବୟସ୍କତା ଅଧ୍ୟୟନ (ଏଲ୍‌ଏଏସ୍‌ଆଇ) ର ନିଷ୍କର୍ଷ ଉପରେ ଆଧାରିତ, ଯାହା ଭାରତର ଦ୍ରୁତ ବୟସ୍କ ଜନସଂଖ୍ୟାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରୁଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଉନ୍ନତ ଜୀବନକାଳ ସତ୍ତ୍ୱେ, ଅନେକ ଭାରତୀୟ ବୟସ୍କ ଆର୍ଥିକ ଏବଂ ସ୍ୱାସ୍ଥ୍ୟ ଅସୁରକ୍ଷା ସହିତ ବଞ୍ଚୁଛନ୍ତି।

- **୨୦୨୪ରେ ୬.୪% ବୃଦ୍ଧ ବର୍ଷରେ ଅତି କମ୍‌ରେ ଥରୁଟିଏ ପୁରା ଦିନ ଖାଇବାକୁ ପାଇ ନ ଥିଲେ**
- **୬୦ ବର୍ଷ ବୟସର ୩୫.୬% ଲୋକ ହୃଦରୋଗ, ଉଚ୍ଚ ରକ୍ତଚାପ, ମଧୁମେହରେ ପୀଡିତ**

ଓଡିଶାରେ ୩୭.୧ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ଓଜନ୍ ଆବଶ୍ୟକତାଠାରୁ କମ୍ ରହିଛି। ଦେଶରେ କମ୍ ଓଜନର ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଓଡ଼ିଶାରେ ସର୍ବାଧିକ ଥିବା ରିପୋର୍ଟରେ କୁହାଯାଇଛି।ଓଡ଼ିଶା ପଛକୁ ଉତ୍ତର ପ୍ରଦେଶ ୩୬.୬ ପ୍ରତିଶତ କମ ଓଜନର ବୃଦ୍ଧବୃଦ୍ଧାଙ୍କ ରହିଥିବାବେଳେ ଦାଦ୍ରା ଏବଂ ନଗର ହାଭେଲିରେ ୪୦.୧ ପ୍ରତିଶତ ସହ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ ଏହା ସର୍ବାଧିକ ଥିଲା। ରିପୋର୍ଟରେ କୁହାଯାଇଛି ଯେ ପ୍ରାୟ ୬.୪ ପ୍ରତିଶତ ବୃଦ୍ଧ ବ୍ୟକ୍ତିଗତ ବର୍ଷ ଅତି କମରେ ଥରେ ପୂରା ଦିନ ପାଇଁ କିଛି ଖାଇ ନ ଥିଲେ। ୫.୬ ପ୍ରତିଶତ ଖାଦ୍ୟ ନ ଖାଇ ଭୋକିଲା ରହିଥିଲେ ଏବଂ ୪.୨ ପ୍ରତିଶତ ଗତ ବର୍ଷ ଅତି କମରେ ଥରେ ପୂରା ଦିନ ପାଇଁ କିଛି ଖାଇବାକୁ ପାଇ ନ ଥିଲେ।



ଅପରପକ୍ଷେ ଅଧିକ ଓଜନର ବୟସ୍କଙ୍କ ସଂଖ୍ୟା ଦୃଷ୍ଟିରୁ ପଞ୍ଜାବ ୨୮ ପ୍ରତିଶତ ସହ ସର୍ବାଗ୍ରେ ରହିଥିବାବେଳେ ଚଣ୍ଡିଗଡ଼ ୨୧.୫ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି। ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ୩୫.୬% ଲୋକ ହୃଦରୋଗ, ୩୨% ଉଚ୍ଚ ରକ୍ତଚାପ ଏବଂ ୧୩.୨%ତ ମଧୁମେହରେ ପୀଡିତ ଥିବା ଜଣାପଡିଛି। ଗୋଆ ଏବଂ କେରଳରେ ହୃଦରୋଗ ହାର ସର୍ବାଧିକ (୬୦% ଏବଂ ୫୭%), ଯେତେବେଳେ କି କେରଳରେ ସର୍ବାଧିକ ୩୫%, ପୁଡୁଚେରୀ ୨୮% ଏବଂ ଦିଲ୍ଲୀରେ ୨୬% ରହିଛି। ହାଡ଼ ଏବଂ ସନ୍ଧି ସମସ୍ୟା ମଧ୍ୟ ଚିନ୍ତାର ବିଷୟ। ୧୯% ବୃଦ୍ଧ ବ୍ୟକ୍ତି ଏହି ପ୍ରକାରର ସମସ୍ୟାରେ ପୀଡିତ। ୩୦% ବୟସ୍କଙ୍କ ମଧ୍ୟରେ ମାନସିକ ଅବସାଦର ଲକ୍ଷଣ ଦେଖାଯାଉଛି।

**ଦୁର୍ଗମ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣା**

## ଅଧା ବାଟରେ ପ୍ରସବ କଲେ ଗର୍ଭବତୀ

କୋକସରା,୧।୮ (ସମିସ): ରାଜ୍ୟରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନାହିଁ। ପୁଣି ସାମ୍ନାକୁ ଆସିଛି ଜନନୀ ଯନ୍ତ୍ରଣା। ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ

**୩ କିମି ଖଟିଆରେ ବୁହାହେଲେ**

**ରାସ୍ତା ନିର୍ମାଣ ପାଇଁ ବାଧକ ସାଜିଛି ବନ ବିଭାଗ**

ଗର୍ଭବତୀଙ୍କୁ ଖଟିଆରେ ବୋହିବୋହି ନେବା ବେଳେ ବାଟରେ ଏକ ଶିଶୁପୁତ୍ରକୁ ମହିଳାଜଣଙ୍କ ଜନ୍ମ ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ପଞ୍ଚାୟତର ସର୍ଗିପାନୀ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।



ସର୍ଗିପାନୀ ଗାଁର ଚକ୍ର ସାନ୍ତାଙ୍କ ସ୍ତ୍ରୀ ହିରାମଣୀ ସାନ୍ତା(୨୬)ଙ୍କ ଶୁକ୍ରବାର ପ୍ରସବ ଯନ୍ତ୍ରଣା ହୋଇଥିଲା। ଘରଲୋକେ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ରାସ୍ତା ଖରାପ ଥିବା ଯୋଗୁଁ ଗାଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇ ନପାରି ଅଧା ରାସ୍ତାରେ ଅଟକି ରହିଥିଲା। ଆଶାକର୍ମୀଙ୍କ ସହ ତାଙ୍କ ପରିବାରଲୋକେ ପ୍ରାୟ ୩କିମି ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବା ପାଇଁ ବ୍ୟବସ୍ଥା କରିଥିଲେ। ଖଟିଆରେ ବୋହି ବୋହି ଆଣିବା ସମୟରେ ଅଧାବାଟରେ ହିରାମଣୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ମା', ଶିଶୁକୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବର୍ତ୍ତମାନ ଉଭୟ ମା' ଓ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡ଼ିଛି।

କୋକସରା ବ୍ଲକର ଆମପାଣି ପଞ୍ଚାୟତର ଉପାନ୍ତ ସର୍ଗିପାନୀ ଗାଁ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ଏହି ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ନାହିଁ। ତେଣୁ ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପାଖରେ ଗାଁ ଲୋକେ ବାରମ୍ବାର ଦାବି କରିଆସୁଛନ୍ତି। ହେଲେ ରାସ୍ତା ମରାମତି ଦିଗରେ ଜଙ୍ଗଲ ବିଭାଗ ବାଧା ସାଜୁଥିବାରୁ ତାହା ସମାଧାନ ହୋଇପାରୁନାହିଁ। ରାସ୍ତା ନ ଥିବା କାରଣରୁ ପୂର୍ବରୁ ମଧ୍ୟ ଆମପାଣି ପଞ୍ଚାୟତର ଉପାନ୍ତରେ ଥିବା ଗାଁଗୁଡ଼ିକରୁ ରୋଗୀ ଓ ଗର୍ଭବତୀ ଖଟିଆରେ ବୁହାହେବା ଖବର ନଜିର ରହିଛି। ଏ ସଂପର୍କରେ କୋକସରା ବିଡିଓ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ସଂରକ୍ଷିତ ଅଞ୍ଚଳ ଆସୁଥିବାରୁ ରାସ୍ତା ନିର୍ମାଣ କରିବାକୁ ହେଲେ ସମସ୍ୟା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି।

## ୧୪ ସନ୍ଦିଗ୍ଧଙ୍କୁ ଉଠାଇନେଲା ଜମ୍ବୁ ପୁଲିସ

ମହାକାଳପଡ଼ା, ୧।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ତଥା ମହାକାଳପଡ଼ା ବ୍ଲକ୍ ରାମନଗର ବଜାରରୁ ୧୪ ଜଣ ସନ୍ଦିଗ୍ଧଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ପୁଲିସ ଉଠାଇ ନେଇଛି। ଗୁରୁବାର ରାତିରେ ଏହି ୧୪ଜଣ ରାମନଗର ବଜାରରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ସ୍ଥାନୀୟଲୋକେ ସନ୍ଦେହ ପ୍ରକଟ କରି ପୁଲିସକୁ ସୂଚନା ଦେଇଥିଲେ। ଜମ୍ବୁ ପୁଲିସ ପହଞ୍ଚି ସେମାନଙ୍କ ପରିଚୟ ଯାଞ୍ଚ କରିବା ପାଇଁ ସେମାନଙ୍କୁ ଥାନାକୁ ନେଇଥିଲା। ସେମାନଙ୍କ ଘର ବିହାରରେ ହୋଇଥିବା ବେଳେ ଧାନ ଚାଷରେ ମଜୁରିଆ ଭାବେ ଧାନ ରୁଆ କରିବାକୁ ଆସିଥିବା ପୁଲିସକୁ କହିଥିଲେ। ସେମାନେ ହେଲେ, ମହମ୍ମଦ ଅଲତାଲିଫ, ମହମ୍ମଦ ଲତିଫ, ମହମ୍ମଦ ସରକୁର, ମହମ୍ମଦ ଫାରୁକ, ମହତାବ ଆଲମ, ସାହେବ ଆଲମ, ମେହେବୁବ ଆଲମ, ମହମ୍ମଦ ଜନାରୁଦ୍ଦିନ, ଜିଆ ଉଲ ହକ, ଅବଦୁଲ ରହିମ, ମୁରସିଦା ଆଲମ, ଅଲଫିର ହୁସେନ। ଶୁକ୍ରବାର ଜମ୍ବୁ ସାମୁଦ୍ରିକ ଥାନାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ନିଆଯାଇଥିବା ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି। ସେମାନଙ୍କ ଅସଲ ପରିଚୟ ଯାଞ୍ଚ ପାଇଁ ଏସଟିଏଫ ଟିମ ତଦନ୍ତ କଲେ ଅଧିକ ତଥ୍ୟ ଜଣାପଡ଼ିବ। ତେବେ ବଙ୍ଗ ଭାଷାଭାଷୀ ଅଧ୍ୟୁଷିତ ମହାକାଳପଡ଼ା ବ୍ଲକ୍‌ର ରାମନଗର, ଜମ୍ବୁ, ସୁନୀତି, ଖରିନାସୀ, ବତୀଘର ଆଦି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ନିତି ଦିନ ଦେଖିବାକୁ ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।



## ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ଦେବା ଘଟଣା

# ପି.ଆର୍ ବଣ୍ଡରେ ପିଅନଙ୍କୁ ଛାଡ଼ିଲା ପୁଲିସ

ମୋହନା,୧।୮ (ସମିସ): ଗଜପତି ଜିଲ୍ଲା ଆର୍. ଉଦୟଗିରି ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ପିଅନ ପାଣି ବଦଳରେ ପରିସ୍ରା ଦେବା ଘଟଣାରେ ଆର୍.ଉଦୟଗିରି କନିଷ୍ଠ ଯନ୍ତ୍ରୀ ସଚିନ ଗୌଡ଼ ଓ ପିଅନ ଶିବ ନାରାୟଣ ନାୟକଙ୍କୁ ଶୁକ୍ରବାର ପଚରାଉଚରା କରିଛି ପୁଲିସ। ପଚରାଉଚରା ପରେ ପିଅନ ଶିବନାରାୟଣଙ୍କୁ ପିଆର୍ ବଣ୍ଡ ୪୧ରେ ଛାଡ଼ି ଦିଆଯାଇଛି। ଏହି ଘଟଣାରେ ଆରଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟରେ ଥିବା ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା କରାଯିବ। ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆର୍.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

**ଯାଞ୍ଚ ହେବ ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା**

ଆର୍.ଉଦୟଗିରି ଆରଡବ୍ଲୁଏସଏସ୍ କାର୍ଯ୍ୟାଳୟରେ ଗତ ୨୨ ତାରିଖ ଦିନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ ଗୌଡ଼ ଯୋଗ ଦେଇଥିଲେ। ୨୩ ତାରିଖ ରାତିରେ ଯନ୍ତ୍ରୀ ତାଙ୍କ ବାସଭବନରେ ଖାଇସାରିବା ପରେ ପିଅନ ଶିବକୁ ପାଣି ମାଗିଥିଲେ। ପିଅନ ଗୋଟିଏ ଷ୍ଟିଲ ବୋତଲରେ ପାଣି ଆଣି ଯନ୍ତ୍ରୀଙ୍କୁ ଦେଇଥିଲେ। ତେବେ ଯନ୍ତ୍ରୀ ପାଣି ପିଇବା ପରେ ତାହା ପରିସ୍ରା ଭଳି ଲାଗିଥିଲା। ତେଣୁ ତାହାକୁ ଆରଡବ୍ଲୁଏସଏସ କାର୍ଯ୍ୟାଳୟରେ ଥିବା ଲାବ୍‌ରେ ପରୀକ୍ଷା କରିଥିଲେ। ଏଥିରେ ପରିସ୍ରା ନମୁନା ବାହାରିଥିଲା। ତେଣୁ ପାଣି ବଦଳରେ ତାଙ୍କୁ ପରିସ୍ରା ଦିଆଯାଇଛି ବୋଲି ଯନ୍ତ୍ରୀଜଣଙ୍କ ଉପରିସ୍ଥ ଅଧିକାରୀଙ୍କୁ ତଦନ୍ତ ପାଇଁ ଜଣାଇଥିଲେ। କୌଣସି ପଦକ୍ଷେପ ନନେବା ପରେ ଗତ ବୁଧବାର ଯନ୍ତ୍ରୀ ଆର.ଉଦୟଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚଳାଇଛି।

**ଆସିପାରିଲାନି ଆମ୍ବୁଲାନ୍ସ**

## ମା'କୁ ୮ କିମି କାନ୍ଧରେ ବୋହି ମେଡ଼ିକାଲ ନେଲେ ଝିଅ

ବାଲିଗୁଡ଼ା, ୧।୮ (ସମିସ): ମା'କୁ କାମୁଡ଼ିଲା ସାପ। ଆମ୍ବୁଲାନ୍ସକୁ ଫୋନ୍ କଲେ ମଧ୍ୟ ଗାଁକୁ ଭଲ ରାସ୍ତା ନଥିବାରୁ ପହଞ୍ଚିପାରିଲା ନାହିଁ। ୮ କିମି କାନ୍ଧରେ ବୋହି ମେଡ଼ିକାଲ ନେଲେ ଝିଅ। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କଲେ। ମେଡ଼ିକାଲରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ବିଧବା ମା'ର ଚାଲିଗଲା ଜୀବନ। ଏଭଳି ଘଟଣା ଘଟିଛି, କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ୍ ମୁଣ୍ଡିଗଡ ପଞ୍ଚାୟତ ତେରଲାଙ୍ଗୀ ଗ୍ରାମ ଡୁମେରିପଡ଼ାରେ।

ସୂଚନାନୁସାରେ, ଘର ନିକଟସ୍ଥ ବଗିଚାରେ କାମ କରୁଥିବା ବେଳେ ଗୁରୁବାର ଡୁମେରିପଡ଼ାର ବିଧବା ମହିଳା ବଡ଼ ମାଝୁଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପୁଅ ଓ ଝିଅ ତାଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଡାକିଥିଲେ। କିନ୍ତୁ ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସି ପାରିନଥିଲା। ଉପାୟଶୂନ୍ୟ ହୋଇ କାନ୍ଧରେ ମା'କୁ ପୁଅ-ଝିଅ ୮କିମି ବୋହିନେବା ପରେ ତୁମୁଡ଼ିବନ୍ଧ ଡାକ୍ତରଖାନାରେ ପହଞ୍ଚିଥିଲେ ପୁଅ। ଶେଷରେ ତୁମୁଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲିଗୁଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ହେଲେ ଗୁରୁବାର ରାତିରେ ବିଧବା ମା'ର ମୃତ୍ୟୁ ହୋଇଥିଲା। ଏନେଇ ତୁମୁଡ଼ିବନ୍ଧ ଥାନାରେ ଏକ ମାମଲା ରୁଜୁ ହେବା ପରେ ପୁଲିସ ବାଲିଗୁଡ଼ାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କିଭଳି କେମିତି ପରିସ୍ଥିତିରେ ଘଟଣା ଘଟିଛି, ସେନେଇ ତଦନ୍ତ କରୁଥିବା ଜଣାପଡିଛି।



**ସାପ କାମୁଡ଼ାରେ ଚାଲିଗଲା ମା'ର ଜୀବନ**

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୯୦- ଆମେରିକାରେ ପ୍ରଥମ ଥର ଜନଗଣନା ହେଲା।
- ୧୯୨୨- ଚୀନ୍‌ରେ ଭୟଙ୍କର ତୋଫାନ ଆସିବାରୁ ୬୦ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୫- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୪- ୟୁରୋ ଅଦାଲତ ଫୋନ୍ ଟ୍ୟାପିଂର ଆଲୋଚନା କଲା।
- ୧୯୯୦- ଇରାକ୍ କୁଏତ୍ ଉପରେ ଆକ୍ରମଣ କଲା।
- ୨୦୧୦- ପାକିସ୍ତାନରେ ବନ୍ୟା ଯୋଗୁ ୧୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି।



## 'ୱାର୍ ୨'ରେ ଏଣ୍ଟ୍ରିକୁ ନେଇ ବାଣୀଙ୍କ ଖୁଲାସା

ସ୍ପାଇ ଥ୍ରିଲର୍ ମୁଭି 'ୱାର୍'ର ସଫଳତାର ଛଅବର୍ଷ ପରେ ଏହାର ସିକ୍ୱେଲ ଆସୁଛି। ଏଥିରେ ହ୍ରିତିକ୍ ରୋଶନଙ୍କ ସହ ଜୁନିୟର୍ ଏନ୍‌ଟିଆର୍ ଓ କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିବେ। ସିକ୍ୱେଲରେ କିନ୍ତୁ ଟାଇଗର୍ ଶ୍ରଫ୍‌ଙ୍କୁ ବାଦ୍ ଦିଆଯାଇଛି। ଏଥିରେ ବାଣୀ କପୁର ନଜର ଆସିପାରନ୍ତି ବୋଲି କିଛି ଦିନ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଏବେ ବାଣୀ ଏହାକୁ ନେଇ ଖୁଲାସା କରିଛନ୍ତି। ବାଣୀ ଏବେ 'ମଣ୍ଡାଲା ମର୍ଡର୍ସ' ସହ ଓଟିଟି ଡେବ୍ୟୁ କରିଛନ୍ତି। ଏହି ସିରିଜ୍‌ର ପ୍ରମୋସନ୍ ସମୟରେ ସେ 'ୱାର୍ ୨'ରେ କାମ କରୁନାହାନ୍ତି ବୋଲି କହିଥିଲେ। ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିବାରୁ ଏଥିପାଇଁ ତାଙ୍କର ତିଳେ ବି ଅବଶୋଷ ନ ଥିବା କଥା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ-' 'ୱାର୍'ରେ ମୋତେ ଓ ଟାଇଗର୍‌ଙ୍କୁ ମାରି ଦିଆଯାଇଥିଲା। ଯଦି ଟାଇଗର୍ ଫେରିବେ ତାହେଲେ ମୁଁ ଫେରିବି।' ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ୱାର୍ ୨' ୧୪ ଅଗଷ୍ଟ, ୨୦୨୫ରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ୟଶରାଜ ଫିଲ୍ମସ୍ ରହିଛି।

## ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ପାଇଁ ସ୍ତ୍ରୀ ନିଅନ୍ତି ଟଙ୍କା



ପ୍ରତ୍ୟେକ ଘରେ ସ୍ତ୍ରୀ ଲୋକମାନେ ହିଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ସେମାନେ ସ୍ୱାମୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରି ଅଫିସ୍ ନିମନ୍ତେ ଟିଫିନ୍ ମଧ୍ୟ ପ୍ୟାକ୍ କରନ୍ତି। ଏହି କ୍ରମରେ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ମହିଳା ନିଜ ସ୍ୱାମୀଙ୍କ ଅଫିସ୍ ଟିଫିନ୍ ତିଆରି କରିବା ପାଇଁ ଟଙ୍କା ନେଉଛନ୍ତି। ଏହି ଘଟଣା ଖୋଦ୍ ମହିଳା ଜଣକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଯାଇଛି। ରେ ନାମ୍ନୀ ଏହି ମହିଳା ଜଣକ ଜଣେ ସୋସିଆଲ ମିଡିଆ କ୍ରିଏଟର। ତାଙ୍କର ଦୁଇଜଣ ସନ୍ତାନ ଅଛନ୍ତି। ତେବେ ତାଙ୍କ ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ଲାଗି ସେ ଟଙ୍କା ନେଉଥିବା କହିଛନ୍ତି। ପ୍ରତିଦିନ ସେ ଏଥିଲାଗି ଭାରତୀୟ ମୁଦ୍ରାରେ ୧୧୫୦ ଟଙ୍କା ନେଉଛନ୍ତି। ଅବଶ୍ୟ ଏଭଳି କରିବା ପଛର ସେ ଠୋସ୍ କାରଣ ବି ଦର୍ଶାଇଛନ୍ତି। ରେ'ଙ୍କ ମତରେ ଯଦି ତାଙ୍କ ସ୍ୱାମୀ ପ୍ରତିଦିନ ମ୍ୟାକ୍‌ଡୋନାଲ୍ଡ ଭଳି ଅନ୍ୟ ସ୍ଥାନରେ ଖାଦ୍ୟ ଖାଇବା ପାଇଁ ଟଙ୍କା ଦେଇପାରୁଛନ୍ତି, ସେହି ଟଙ୍କା ସେ ନିଜ ସ୍ତ୍ରୀକୁ କାହିଁକି ନ ଦେବେ। ଅନ୍ୟପଟେ ଏଭଳି କରି ସେ ଓ ତାଙ୍କ ସ୍ୱାମୀ ଉଭୟ ଖୁସି ଥିବା କଥା କହିଛନ୍ତି। ଗୋଟେ ପଟେ ତାଙ୍କ ସ୍ୱାମୀ ଖାଦ୍ୟ ଖାଇ ଖୁସି ଥିବା ବେଳେ ରେ' ଏଲାଗି ଟଙ୍କା ନେଇ ଖୁସି ଥିବା କହିଛନ୍ତି। ସେ ତାଙ୍କ ସ୍ୱାମୀଙ୍କ ପାଇଁ ସାଲାଡ୍ ତିଆରି କରିବା ବେଳେ ଏକ ଭିଡିଓ ମାଧ୍ୟମରେ ଏହି କଥା ସେୟାର୍ କରିଛନ୍ତି। ଅନେକ ଲୋକ ତାଙ୍କୁ ସମର୍ଥନ କରିଥିବାବେଳେ କିଛି ଜଣ ତାଙ୍କର ଏହି ଚିନ୍ତାଧାରାକୁ ପସନ୍ଦ କରି ନାହାନ୍ତି। ଅନେକ ତାଙ୍କୁ ଏଥିପାଇଁ ଟ୍ରୋଲ କରିବା ସହ ତାଙ୍କର ଏହି କାମକୁ ଜଣେ ପ୍ରେମରେ ବ୍ୟାପାର ବୋଲି କହିଛନ୍ତି।

## ଜେନ୍ ଜେଡ୍ ଓ ଏନର୍ଜି ଡ୍ରିଙ୍କ

ଆଜିର ଜେନ୍ ଜେଡ୍ ଯୁବପିଢ଼ି ଫିଟ୍‌ନେସ୍ ଏବଂ ସୋସିଆଲ ମିଡିଆ ଟ୍ରେଣ୍ଡକୁ ନେଇ ଅଧିକ ଉତ୍ସାହିତ ରହୁଛନ୍ତି। ଏହି କାରଣ ଯୋଗୁଁ ଏନର୍ଜି ଡ୍ରିଙ୍କର ଚାହିଦା ତଥା ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି। ସେହିପରି ଜେନ୍ ଜେଡ୍ ଯୁବପିଢ଼ିଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ଏନର୍ଜି ଡ୍ରିଙ୍କ ବୋଲି କହିଲେ କିଛି ଭୁଲ ହେବ ନାହିଁ। ତେବେ ପ୍ରଶ୍ନ ଉଠୁଛି, ଏହି ଡ୍ରିଙ୍କ ଶରୀର ପାଇଁ ହିତକର ନା କ୍ଷତିକାରକ। ଅଧିକାଂଶ ଏନର୍ଜି ଡ୍ରିଙ୍କରେ କେଫିନ, ଚିନି, ଭିଟାମିନ୍ ବି ଏବଂ କିଛି ଅନ୍ୟ ଉପାଦାନ ଥାଏ। ଏଭଳି ଏନର୍ଜି ଡ୍ରିଙ୍କ କମ୍ପାନିଗୁଡ଼ିକ ଏହା ଶରୀରକୁ ଶୀଘ୍ର ଶକ୍ତି ଯୋଗାଇଥାଏ ବୋଲି ଦାବି କରନ୍ତି। ହେଲେ ଏହାର ପ୍ରଭାବ ସବୁବେଳେ ସ୍ୱାସ୍ଥ୍ୟକର ହୋଇ ନ ଥାଏ। ସେହିପରି ଏଭଳି ଏନର୍ଜି ଡ୍ରିଙ୍କରେ ଚା' ଓ କଫିଠାରୁ ଅଧିକମାତ୍ରାରେ କେଫିନ୍ ଥାଏ। ବାରମ୍ବାର ଏହାକୁ ପିଇବା ଦ୍ୱାରା ନିଦ୍ରାହିନତା, ବିଚଳିତ ହେବା ଏବଂ ଜୋର୍‌ରେ ହୃଦ୍ ସ୍ପନ୍ଦନ ହେବା ସହିତ ରକ୍ତଚାପ ଭଳି ସମସ୍ୟା ଦେଖା ଦେଇପାରେ। ସେହିଭଳି ଏଥିରେ ଅଧିକ ପରିମାଣର ଚିନି ରହିଥାଏ। ଏହାଦ୍ୱାରା ଓଜନ ବଢ଼ିବା ସହ ମଧୁମେହ ହେବା ଆଶଙ୍କା ମଧ୍ୟ ଥାଏ। କେବଳ ସେତିକି ନୁହେଁ, ଏହି ପାନୀୟକୁ ଲଗାତାର ପିଇବା ଦ୍ୱାରା ବୃକ୍କ ଓ ଯକୃତ୍ ଉପରେ ମଧ୍ୟ ଚାପ ପଡ଼ିଥାଏ। ଶରୀରରେ ଜଳୀୟ ଅଂଶ କମ୍ ଥିଲେ ଏହାର ପ୍ରଭାବ ଅଧିକ ପଡ଼ିଥାଏ। ତେଣୁ ଜେନ୍ ଜେଡ୍ ଏନର୍ଜି ଡ୍ରିଙ୍କକୁ ସାବଧାନତାର ସହ ପିଇବା ଦରକାର। ଏହାବାଦ୍ ସେମାନେ ଏନର୍ଜି ଡ୍ରିଙ୍କର ବିକଳ୍ପ ଭାବେ ପାଣି, ପଇଡ଼ ପାଣି, ଲେମ୍ବୁ ଓ ମହୁ ପାଣି ପିଇବା ଭଲ। ଅନ୍ୟପଟେ ଉତ୍ତମ ନିଦ୍ରା, ସନ୍ତୁଳିତ ଖାଦ୍ୟ ଏବଂ ନିତିଦିନ ବ୍ୟାୟାମ ହିଁ ଶରୀରକୁ ପ୍ରାକୃତିକ ଭାବେ ଶକ୍ତି ଯୋଗାଇବାର ଏକ ଭଲ ବିକଳ୍ପ।






## ଦୁଃଖୀର ଦରଦୀ ବନ୍ଧୁ


ସତ୍ୟନାରାୟଣ ପ୍ରଧାନ

ମନ ପରା ତାଙ୍କ ଛୋଟ ପିଲା ପରି
ସହି ପାରନ୍ତିନି ଦୁଃଖ
ଦୁଃଖୀ ରଙ୍କଙ୍କର କରିଥିଲେ ସେବା
ଭୁଲି ପରିବାର ସୁଖ ।।
ନିଜ ପୁଅ କଥା ପଛରେ ପକାଇ
ମାଟି ମାଆ ପୁଅ ଆଗ
ଗରିବ ମୁହଁରେ ହସ ବୁଣି ଦେଇ
ଯେପରି ମିଳେ ସରଗ ।।
ସବୁବେଳେ ଚିନ୍ତା ଅଭାବୀ ମଣିଷ
କେମିତି ବଞ୍ଚିବେ ରହି
ସୁବିଧା ସୁଯୋଗ ଦିଅନ୍ତି ଯୋଗାଇ
ଭୋକିଲା ପେଟକୁ ଚାହିଁ ।।
ଗୋରା ସରକାର କମାଣ ବନ୍ଧୁକ
ତିଳେ ହେଁ ନ ଥିଲା ଡର
ଦେହରେ ଜୀବନ ରହିଥିବା ଯାଏ
ଉଠାଇ ବିଦ୍ରୋହ ସ୍ୱର ।।
ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ
ନାମ ତାଙ୍କ ଗୋପବନ୍ଧୁ
କରିଗଲେ ଧନ୍ୟ ଓଡ଼ିଶା ମାଟିକୁ
ଦୁଃଖୀର ଦରଦୀ ବନ୍ଧୁ ।।

ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪

## ଝରିଯାଉ ବରଷା


ପ୍ରଶାନ୍ତ କୁମାର ଦାଶ

ଝରି ଝରିଯାଉ ଆକାଶୁ ବରଷା
ଓଦା ହେଉ କ୍ଷେତମାଟି
କୃଷକ ରୋଇବ କେତେ ଗଛ ଚାରା
ଫସଲ ଆଣିବ କାଟି ।।
ଡହଳ ଖରାର ଦାଉ ଦୂରେ ଯାଉ
ପୂରିଉଠୁ ନଈ ଝର
ନିଦାଘର ତାତି ଦେହରେ ବାଜିଲେ
ଲାଗୁଛି ଛାନିଆ ଡର ।।
କଅଁଳି ଉଠନ୍ତୁ ଘାସ ଗଛଲତା
ସୁନ୍ଦର ଦିଶିବ ଗାଆଁ
ରାଶି ରାଶି ଫୁଲ ଫୁଟିଲେ ଗଛରେ
ମହକ ଛୁଟିବ ଛାଆଁ ।।
ମୁକୁତା ସମାନ ଝଲମଲ ହେଉ
ସୂରୁଜ କଅଁଳ ଖରା
ଚଢ଼େଇ ଗୀତରେ କୋଳାହଳମୟ
ହେଉଯାଉ ପୁଣି ଖରା ।।
କଳା ମଚମଚ ଅନ୍ଧାର ରାତିରେ
ବରଷା ବରଷିଯାଉ
ଉଇ ହୁଙ୍କା ଦେହେ ବରଷା କାଳରେ
ବାଲି ଛତୁ ଫୁଟୁଥାଉ ।।
ବରଷା ପରଶେ ମାଟିର ଦହନ
ଦୁଃଖତକ ଯାଉ ସରି
ଗାଉ ବସି ଗୀତ କାଳିଆ ଭଅଁର
ସୁମନ ସୁରଭି ଧରି ।।

କୁଞ୍ଜର -ସଙ୍ଗଳାଇ
ପିପିଲି, ପୁରୀ
ମୋ-୯୬୬୮୮୨୨୧୯୦



## ସକାଳ ଶିଶୁ କୁଇଜ୍-୧୭୩

(୧) ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର : ______

(୨)ତାନସେନ୍ କେଉଁ ରାଜାଙ୍କ ଦରବାରରେ ଥିଲେ?
ଉତ୍ତର : ______

(୩) ମହେନ୍ଦ୍ର ତନୟା ନଦୀ କେଉଁ ପର୍ବତରୁ ବାହାରିଛି?
ଉତ୍ତର : ______

(୪) ଖଣ୍ଡୁଆ ପାଟ ପାଇଁ ଓଡ଼ିଶାର କେଉଁ ସ୍ଥାନ ପ୍ରସିଦ୍ଧ?
ଉତ୍ତର : ______

(୫) ରଣଜି ଟ୍ରଫି କେଉଁ ଖେଳ ସହ ସମ୍ପୃକ୍ତ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଜସ୍ମିନ୍ ହୋତା, ନୀଳଗିରି
- ସରୋଜ ରାଉତ, ରାଜେନ୍ଦ୍ର ନଗର, କଟକ
- ବୈଶାଖୀ ମହାନ୍ତି, ରାଉରକେଲା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



## ଗଛମାନେ ବି କଥା ହୁଅନ୍ତି


ସ୍ନିଗ୍ଧା ନାୟକ


ଘଞ୍ଚ ଜଙ୍ଗଲର ଠିକ୍ ମଝାମଝିରେ ଗୋଟାଏ ବିଶାଳ ବୁଢ଼ା ଶାଳ ଗଛଟିଏ ଥିଲା। ତାକୁ ସମସ୍ତେ ବୁଢ଼ା ଶାଳ ଗଛ କହୁଥିଲେ। ତା'ର ଗଣ୍ଡିଟି ବେଶ୍ ଟାଣୁଆ ଥିଲା । ଶାଖାଗୁଡ଼ିକ ଚାରିଆଡ଼କୁ ବିସ୍ତାରିତ ହୋଇଥିଲା, ଆଉ ଚେର ମାଟିର ବହୁତ ଭିତରକୁ ଚାଲି ଯାଇଥିଲା । ଯଦିଓ ସେ ମଣିଷମାନଙ୍କ ଭଳି ବଡ଼ ପାଟିରେ କଥା କହୁ ନ ଥିଲା କିନ୍ତୁ ତା'ର ଚେର ଦ୍ୱାରା ସେ ଅନ୍ୟ ଗଛଗୁଡ଼ିକ ସହ ଫୁସ୍‌ଫାସ୍ କରି କଥା ହେଉଥିଲା। ଗଛଲତାମାନଙ୍କର ଏହା ଗୋଟିଏ ସ୍ୱତନ୍ତ୍ର ଭାଷା ଅଟେ । ଚେରମାନଙ୍କ ଦ୍ୱାରା ସଙ୍କେତ, ଅଳ୍ପ କମ୍ପନ ଏବଂ ଧୀରେ ଧୀରେ କରି କଥା ହେବା। ଏହାକୁ ବିଜ୍ଞାନ ଭାଷାରେ ଉଡ୍ ୱାଇଡ୍ ୱେବ୍ ବୋଲି କୁହାଯାଏ। ଏହା ମାଟିତଳେ ବିଛାଡ଼ି ହେଇ ପଡ଼ିଥିବା ଏକ ଜୀବନ୍ତ ନେଟ୍‌ୱର୍କ। ଯୋଉଠି ବୃକ୍ଷଲତା ନିଜ ନିଜ ଭିତରେ ଆଳାପ କରନ୍ତି। ଖାଦ୍ୟ ଆଦାନ ପ୍ରଦାନ କରନ୍ତି ଏବଂ ଚେତାବନୀ ମଧ୍ୟ ଦିଅନ୍ତି। ବୁଢ଼ା ଶାଳ ଗଛ ପାଖରେ ଗୋଟିଏ ଛୋଟ ଗଛ ଉଠିଥିଲା। ତା ନାଁ ଥିଲା ଚିକୁ। ଚିକୁର ସବୁ ଜିନିଷ ବିଶେଷକରି ନିଜ ଚାରିପାଖରେ ଘଟୁଥିବା ବିଭିନ୍ନ କଥା ବିଷୟରେ ଜାଣିବା ପାଇଁ ଆଗ୍ରହ ଥାଏ। ଦିନେ ଚିକୁ ବୁଢ଼ା ଶାଳ ଗଛକୁ ପଚାରିଲା "ବୁଢ଼ା ବାପା, ଯେତେବେଳେ ବର୍ଷା ହୁଏ, ମୋ ଚେରଗୁଡ଼ିକରେ କାହିଁକି ଯେ ଗୁଡୁଗୁଡି ହୁଏ?" ବୁଢ଼ା ଶାଳ ଗଛଟି କହିଲା- "କାହିଁକି ନା, ମାଟିତଳେ ନେଟ୍‌ୱର୍କମାନେ କଥା ହେଉଛନ୍ତି । ସେମାନେ ଆମକୁ ଜଣାଇବାକୁ ଚାହାନ୍ତି ଯେ, ମାଟି ଓଦା ଅଛି, ନା କୋଉଠି ଆଉ କିଛି ଅସୁବିଧା ଅଛି ।" "ମାନେ? ଗଛମାନେ କ'ଣ ତାହେଲେ ପରସ୍ପରକୁ ସାହାଯ୍ୟ କରନ୍ତି !" ଚିକୁ ଚକିତ ହୋଇ ପଚାରିଲା। "ହଁ, ପୁଅ । ଯଦି ଗଛ ରୋଗଗ୍ରସ୍ତ ହୁଏ କିମ୍ବା ଶୋଷିଲା ଥାଏ ତ ଅନ୍ୟ ଗଛମାନେ ତାକୁ ଖାଦ୍ୟ ଓ ପାଣି ଯୋଗାନ୍ତି। ଏମିତିରେ ହିଁ ତ ଚାଲେ, ଆମମାନଙ୍କ ପରିବାର।" ଚିକୁକୁ ଏସବୁ କଥା ଭାରି ଅଦ୍ଭୁତ ଲାଗୁଥାଏ। ଦିନେ ଜଙ୍ଗଲରେ ଭୟଙ୍କର ଗର୍ଜନ ଶୁଣାଗଲା । ବଡ଼ ବଡ଼ ମେସିନ୍‌ଗୁଡ଼ିକ ଜଙ୍ଗଲ ମଧ୍ୟକୁ ଆସିଥିଲା। ମଣିଷମାନେ କିଛି ଗଛ ଉପରେ ନାଲିରଙ୍ଗର ଚିହ୍ନ ଲଗାଇଲେ । " ଏଇ ଗଛମାନଙ୍କୁ ହାଣି ଦିଆଯିବ ।" ଗୋଟିଏ ବାଉଁଶ ଗଛ ମନଦୁଃଖ କରି କହିଲା। ଚିକୁ ଭୟଭୀତ ହୋଇ ପଡ଼ିଲା। ସେ ଭାବିଲା, "ଯଦି ସବୁ ଗଛମାନଙ୍କୁ ହାଣି ଦିଆଯିବ ତ କଣ ହେବ !" ବୁଢ଼ା ଶାଳ ଗଛଟି ବି ମନଦୁଃଖରେ ଝାଉଁଳି ପଡ଼ିଲା । ଗଛର ଚେରମାନେ କାନ୍ଦିବା ଆରମ୍ଭ କଲେ। ନେଟ୍‌ୱର୍କ ଭାଙ୍ଗିଗଲା। ସେମାନଙ୍କର ହୃଦୟର ସ୍ପନ୍ଦନ ଧକ୍ ଧକ୍ କରିବା ବନ୍ଦ କରିଦେଲା। ସେ ରାତିରେ ଚିକୁକୁ ଅନୁଭବ ହେଲା - ଗଛର ଜଡ଼ ସାହାଯ୍ୟ ଚାହୁଁଛନ୍ତି। ନିମ୍ବଗଛ, ଅନିତା ଦିଦି ଦୁର୍ବଳ ହେଇ ପଡ଼ିଥିଲେ । ଚିକୁ ବୁଢ଼ା ଶାଳ ଗଛଙ୍କୁ ସଂକେତ ଦେଲା ନିମ୍ବ ଅନିତା ଦିଦିଙ୍କୁ ପ୍ରବଳ ଶୋଷ ହେଉଛି ।" ଚିକୁ ଓ ବୁଢ଼ା ଶାଳ ଗଛ ଦିହେଁ ମିଶି ନିଜ ଚେର ସାହାଯ୍ୟରେ ଅନିତା ଦିଦି ପର୍ଯ୍ୟନ୍ତ ପାଣି ଓ ପୋଷଣ ପଠାଇଲେ । ସକାଳକୁ ଅନିତା ଦିଦିଙ୍କ ପତ୍ରଗୁଡ଼ିକ ପୁଣି ସତେଜ ଦେଖାଗଲେ । " ଧନ୍ୟବାଦ୍ ।" ନିମ୍ବ ଅନିତା ଦିଦି ଧିର ସ୍ୱରରେ ଜଣାଇଲେ । ଚିକୁ ଏହି ନେଟ୍‌ୱର୍କର ଅଂଶ ହୋଇ ପ୍ରସନ୍ନ ହେବା ସହ ଗର୍ବିତ ମଧ୍ୟ ଥିଲା । କିନ୍ତୁ ବିପଦ ଟଳି ନ ଥିଲା । ବଡ଼ ବଡ଼ ମେସିନ୍‌ମାନେ ପୁଣି ଘୋ - ଘୋ..., ଶବ୍ଦ କରି ଆସିଲେ । ସେମାନେ ବୁଢ଼ା ଶାଳ ଗଛ ପାଖରେ ଯାଇ ହାଜର ହେଲେ । ଠିକ୍ ଏତିକିବେଳେ ସ୍କୁଲ ପିଲାମାନଙ୍କ ଗୋଟିଏ ଦଳ ଜଙ୍ଗଲ ଭିତରକୁ ଦଉଡ଼ି ଆସିଲା । ସେମାନଙ୍କ ହାତରେ ଗୋଟିଏ ଲେଖାଏଁ ପୋଷ୍ଟର ଥିଲା । ଯୋଉଥିରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା - " ଆମ ଜଙ୍ଗଲକୁ ବଞ୍ଚିବାକୁ ଦିଅ ।" "ସେମାନେ କଥା କୁହନ୍ତି, ସେମାନଙ୍କର ବି ଜୀବନ ଅଛି ।" ଗୋଟିଏ ଛୋଟ ଝିଅ ବୁଢ଼ା ଶାଳ ଗଛକୁ କୁଣ୍ଢାଇ ଧରି କହିଲା । "ଆମେ ଆପଣମାନଙ୍କୁ ଗଛ କାଟିବାକୁ ଦେବୁନାହିଁ ।"

ମେସିନ୍ ବନ୍ଦ ହେଇଗଲା । ପିଲାମାନଙ୍କ ଜିଦ୍ ଆଗରେ ହାରିଯାଇ ମଣିଷମାନେ ସେମାନଙ୍କ ଯନ୍ତ୍ରପାତି ସହ ଫେରିଗଲେ । ଜଙ୍ଗଲର ଅଟକି ଯାଇଥିବା ନିଃଶ୍ୱାସ ପୁଣି ଫେରି ଆସିଲା । ସେଦିନ ରାତିରେ ଚିକୁ ପଚାରିଲା, " କ'ଣ ପିଲାମାନେ ଆମ କଥା ଶୁଣିଲେ ? " ବୁଢ଼ା ଶାଳ ଗଛ ହସିଦେଇ କହିଲେ," ହଁ, ବୋଧେ କାନରୁ ତ ନୁହଁ କିନ୍ତୁ ହୃଦୟରୁ ନିଶ୍ଚୟ ।" ମାଟି ଭିତରେ ଚେରଗୁଡ଼ିକ ଚମକି ଉଠିଲେ, ଖୁସିର ସନ୍ଦେଶ ଜଙ୍ଗଲ ସାରା ଦୌଡ଼ୁଥିଲା। ଚିକୁ ନିଜ ଆଖି ବନ୍ଦ କଲା । ସେ କେବଳ ଗୋଟିଏ ଛୋଟ ଗଛ ନ ଥିଲା, ସେ କଥା କହୁଥିବା ଜଡ଼ମାନଙ୍କ ସ୍ୱର ଥିଲା। ଗଛ ଆମପାଇଁ କେତେ ଉପକାରୀ, ଆମେ ବେଶ୍ ଜାଣୁ। ଗଛମାନେ ଖାଲି ଛିଡ଼ା ହୋଇ ରହିନଥାନ୍ତି । ସେମାନେ ପରସ୍ପର ସହ କଥା ହୁଅନ୍ତି । ନିଜ ନିଜ ଭାବର ଆଦାନ ପ୍ରଦାନ କରନ୍ତି । ଆବଶ୍ୟକ ସ୍ଥଳେ ପରସ୍ପରକୁ ସାହାଯ୍ୟ କରନ୍ତି, ପରସ୍ପରର ସୁଖଦୁଃଖ ବୁଝନ୍ତି। ମାଟିତଳେ ସେମାନଙ୍କର ନେଟ୍‌ୱର୍କ ଥାଏ । ଆମେ ସେମାନଙ୍କୁ ସୁରକ୍ଷା ଦେଇ, ଅସୁବିଧାଗୁଡ଼ିକରୁ ଦୂରେଇ ରଖିବା ଉଚିତ୍। ସେମାନଙ୍କ ସ୍ୱର ଆମକୁ ସିନା ଶୁଣା ଯାଏନି କିନ୍ତୁ ଆମ ପାଦ ତଳର ମାଟିରେ ଉପସ୍ଥିତ ଥାଏ ।

ମୋ- ୯୫୭୧୦୩୩୨୭




**ଅମ୍ରିତ ସାହୁ**
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ




**ମୁସ୍କାନ ପ୍ରଧାନ**
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଭୁବନେଶ୍ୱର




**ସାଇ ଶିବେଶ ବେହେରା**
ସପ୍ତମ ଶ୍ରେଣୀ
କାମମେଲ୍ ସ୍କୁଲ
ରାଉରକେଲା




**ସାଗର ହାଁସଦା**
ନବମ ଶ୍ରେଣୀ
ବିସିପୁର ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ

# ଓଭାଲ ଟେଷ୍ଟ: ଦ୍ୱିତୀୟ ଦିବସ

# ଇଂଲଣ୍ଡର ଇନିଂସ ଅଗ୍ରଣୀ

ଲଣ୍ଡନ, ୧।୮ (ଏଜେନ୍ସି)

ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ନିର୍ଣ୍ଣାୟକ ୫ମ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଭାରତ ୨୨୪ ରନ ଜବାବରେ ଘରୋଇ ଦଳ ଦ୍ୱିତୀୟ ଦିବସରେ ୨୪୭ ରନ କରି ଅଲ୍‌ଆଉଟ୍ ହେବା ସହ ୨୩ ରନର ଅଗ୍ରଣୀ ଲାଭ କରିଛି। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭାରତ ୮ ଓଭର ଖେଳି ବିନା ୱିକେଟ୍‌ରେ ୩୪ ରନ କରିଛି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ ରହିଛି। ପଞ୍ଚମ ଟେଷ୍ଟରେ ଭାରତ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଏହି ମୁକାବିଲା ଡ୍ର ରୁହେ ତେବେ ଘରୋଇ ଦଳ ୨-୧ରେ ସିରିଜ ହାତେଇନେବ। ତେଣୁ ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି।

ଭାରତର ୨୨୪ ରନ ଜବାବରେ ଶୁକ୍ରବାର ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜ୍ୟାକ୍ କ୍ରାଉଲୀ ଓ ବେନ୍ ଡକେଟ୍ ସମ୍ପୂର୍ଣ୍ଣ ଟି-୨୦ ଶୈଳୀରେ ଖେଳିଥିଲେ। ଉଭୟ ଭାରତୀୟ ଦ୍ରୁତ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରି ୧୨.୫ ଓଭରରେ ୯୨ ରନ ଉଠାଇଥିଲେ। ଏହାପରେ ଡକେଟ୍‌ଙ୍କୁ ୪୩ ରନ (୩୮ ବଲ୍, ୫ ଚୌକା ଓ ୨ ଛକା)ରେ ଆଉଟ୍ କରି ଆକାଶଦୀପ୍ ଭାରତକୁ ଏହି ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ସେହିଭଳି ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ଅନ୍ୟତମ ଓପନର୍ କ୍ରାଉଲୀ ମଧ୍ୟ ୬୪ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ବନିଥିଲେ। ସେ ତାଙ୍କ ୫୭ ବଲ୍ ପାଳିରେ ୧୪ ଚୌକା ମାରିଥିଲେ। ଏହି ଦୁଇ ଖେଳାଳିଙ୍କ ଆଉଟ୍ ପରେ ଇଂଲଣ୍ଡର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ମଧ୍ୟ ଓ ନିମ୍ନକ୍ରମର ବ୍ୟାଟର୍ ମହମ୍ମଦ ସିରାଜ ଓ ପ୍ରସିଦ୍ଧଙ୍କ ବୋଲିଂକୁ ସାମ୍ନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ତେବେ ହ୍ୟାରୀ ବ୍ରୁକ୍ ୫୩ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଇଂଲଣ୍ଡ ୯ ୱିକେଟ୍‌ରେ ୨୪୭ ରନ କରିପାରିଥିଲା। କ୍ରିସ ୱକ୍ସ ଆହତ ହୋଇ ବଳକା ମୁକାବିଲାରୁ ବାଦ୍ ପଡ଼ିଥିବାରୁ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ କାମଚଳା ଅଧିନାୟକ ଓଲି ପୋପ୍ ୨୨, ଜୋ ରୁଟ୍ ୨୯, ଆଟକିନସନ ୧୧, ଜ୍ୟାକବ ବେଥେଲ ୬ ଓ ଜେମି ସ୍ମିଥ୍ ୮ ରନ କରି ଆଉଟ୍ ହୋଇଥିଲେ। ଭାରତୀୟ ଦଳ ପକ୍ଷରୁ ସଫଳ ବୋଲର ଭାବେ ସିରାଜ ଓ ପ୍ରସିଦ୍ଧ ୪ଟି ଲେଖାଏ ଏବଂ ଆକାଶଦୀପ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା।

ପୂର୍ବରୁ ଭାରତ ଏହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୪/୬ରୁ ଶୁକ୍ରବାର ଖେଳ ଆରମ୍ଭ କରି ଆଉ ୨୦ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଥିଲା। ୫୨ ରନ କରି ଅପରାଜିତ ରହିଥିବା କରୁନ ନାୟାର ଆଜି ୫ ରନ ଯୋଡ଼ି ୫୭ ରନରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ୱାଶିଂଟନ ସୁନ୍ଦର ୨୬ ରନ କରିଥିବାବେଳେ ସିରାଜ ଓ ପ୍ରସିଦ୍ଧ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ଗସ୍ ଆଟକିନସନ ୫ଟି, ଜୋଶ୍ ଟଙ୍ଗ ୩ଟି ୱିକେଟ୍ ନେଇଥିଲେ।



### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁନ୍ଦର- ୨୬, ଜୁରେଲ-୧୯, ଗିଲ୍- ୨୧, ରାହୁଲ- ୧୪, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ- ୩/୫୭)।

ଇଂଲଣ୍ଡ ପ୍ରଥମ ପାଳି: ୨୪୭ରେ ଅଲ୍‌ଆଉଟ୍ (କ୍ରାଉଲୀ- ୬୪, ଡକେଟ- ୪୩, ପୋପ୍- ୨୨, ରୁଟ୍- ୨୯, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

ଭାରତ ୨ୟ ପାଳି: ୩୪/୦, ୮ ଓଭର ସୁଦ୍ଧା

## ଆହତ ୱକ୍ସ ଆଉ ଖେଳିବେନି



ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟର ଦ୍ୱିତୀୟ ଦିବସରେ ଘରୋଇ ଇଂଲଣ୍ଡକୁ ଶକ୍ତ ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡର ପ୍ରମୁଖ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ୩୬ ବର୍ଷୀୟ ୱକ୍ସ ଗୁରୁବାର ପ୍ରଥମ ଦିବସରେ ଭାରତୀୟ ପାଳିର ୫୭ତମ ଓଭରରେ ବୋଲିଂ କରୁଥିବାବେଳେ ଡାହାଣ ହାତର କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ ଏବଂ ଆଉ ଆସି ନ ଥିଲେ। ଶୁକ୍ରବାର ୨ୟ ଦିବସ ଖେଳ ଆରମ୍ଭରୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୱକ୍ସଙ୍କ ଆଘାତ ସମସ୍ୟା ଗୁରୁତର ଥିବାରୁ ସେ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ଫଳରେ ଇଂଲଣ୍ଡ ପାଇଁ ଏହା ଏକ ବଡ଼ ଧକ୍କା କହିଲେ କିଛି କମ୍ ହେବ ନାହିଁ। ମାତ୍ର ୩ଜଣ ସ୍ପେଶାଲିଷ୍ଟ ବୋଲର ଗସ୍ ଆଟକିନସନ, ଜୋଶ୍ ଟଙ୍ଗ୍ ଓ ଜେମି ଓଭରଟନ୍‌ଙ୍କୁ ନେଇ ଇଂଲଣ୍ଡ ଏବେ ଭାରତର ଦ୍ୱିତୀୟ ପାଳିରେ ପଡ଼ିଆକୁ ଓହ୍ଲାଇବ। ସେହିଭଳି ବାମହାତୀ ସ୍ପିନର ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କ ସହ ଜୋ ରୁଟ୍ କାମଚଳା ସ୍ପିନ ଦାୟିତ୍ୱ ତୁଲାଇବେ। ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ୱକ୍ସ ଇଂଲଣ୍ଡର ଏକମାତ୍ର ଦ୍ରୁତ ବୋଲର ଥିଲେ ଯିଏକି ୫ଟି ଯାକ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ପୂର୍ବରୁ ନିୟମିତ ଅଧିନାୟକ ବେନ୍ ଷ୍ଟୋକ୍ସ ଆଘାତ ପାଇ ଏହି ଟେଷ୍ଟରୁ ବାଦ୍ ପଡ଼ିଥିଲେ।

### ଅଲ୍‌ଓଡ଼ିଶା ସ୍ନୁକର

## ଆଶୁତୋଷ-ରାକେଶ ଫାଇନାଲ ଆଜି



ଭୁବନେଶ୍ୱର, ୧।୮ (ସମିସ): ଆଶୁତୋଷ ପାଢ଼ୀ ଓ ଡ. ରାକେଶ ପ୍ରଧାନଙ୍କ ମଧ୍ୟରେ ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ରାକେଶ ୪-୩ ଫ୍ରେମରେ ସୁବ୍ରତ ଦାସଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିରେ ଆଶୁତୋଷ ୪-୧ରେ ଅବିନାଶ ମହାପାତ୍ରଙ୍କ ବିପକ୍ଷରେ ବିଜୟୀ ହୋଇଥିଲେ। ଶନିବାର ଫାଇନାଲ ସହ ଆଇଆର୍‌ସି ଭିଲେଜସ୍ଥିତ ଭିନଟେଜ କ୍ଲବରେ ଗତ ସପ୍ତାହେ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

### ● ଅଢ଼େଇ ଦିନରେ ଲଢ଼େଇ ହାରିଲ ଜିମ୍ବାୱେ

## ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡର ବାଜିମାତ୍

ବୁଲାୱାୟୋ, ୧।୮ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଜିମ୍ବାୱେ ମାତ୍ର ଅଢ଼େଇ ଦିନରେ ଆତ୍ମସମର୍ପଣ କରିନେଇଛି। ମ୍ୟାଚର ତୃତୀୟ ଦିବସର ଚା'ପାନ ବିରତି ପରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚକୁ ସହଜରେ ୯ ୱିକେଟ୍‌ରେ ଜିତିନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୮ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଡେଭନ କନୱେ (୪)ଙ୍କ ୱିକେଟ୍ ହରାଇ ୧୦ଟି ବଲରେ ଜିତିନେଇଥିଲା। ପୂର୍ବରୁ ୧୫୮ ରନରେ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ୨ୟ ପାଳିରୁ ବ୍ୟାଟିଂ ଆରମ୍ଭ କରି ଜିମ୍ବାୱେ ୬୭.୧ ଓଭରରେ ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସିନ ୱିଲିୟମ୍ସ ସର୍ବାଧିକ ୪୯ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଅଧିନାୟକ ମିଚେଲ ସାଣ୍ଟନର ୪ ଏବଂ ମ୍ୟାଟ୍ ହେନରୀ ଓ ୱିଲିୟମ ଓ'ରୁକ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ୬ଟି ୱିକେଟ୍ ନେଇଥିବା ହେନରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ତିମ ତଥା ୨ୟ ମ୍ୟାଚ୍ ଅଗଷ୍ଟ ୭ରୁ ଏଠାରେ ଆରମ୍ଭ ହେବ।

### ସଂକ୍ଷିପ୍ତ ସ୍କୋର

ଜିମ୍ବାୱେ ପ୍ରଥମ ପାଳି: ୧୪୯
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୩୦୭
ଜିମ୍ବାୱେ ୨ୟ ପାଳି: ୧୬୫
ନ୍ୟୁଜିଲାଣ୍ଡ ୨ୟ ପାଳି: ୮/୧

### ଅଗଷ୍ଟ ୨୮ ରୁ ଦୁଲିପ ଟ୍ରଫି ଦୁଲୀପ୍ ଟ୍ରଫି

## ପୂର୍ବାଞ୍ଚଳ ଦଳରେ ସନ୍ଦୀପ ପଟ୍ଟନାୟକ

### ଷ୍ଟାଣ୍ଡବାଏ ତାଲିକାରେ ଆଶୀର୍ବାଦ ଓ ସ୍ୱସ୍ତିକ



ସନ୍ଦୀପ ପଟ୍ଟନାୟକ



ଆଶୀର୍ବାଦ ସ୍ୱାଇଁ




ସ୍ୱସ୍ତିକ ସାମଲ

କଟକ,୧।୮ (ସମିସ): ବେଙ୍ଗାଲୁରୁରେ ଆସନ୍ତା ୨୮ରୁ ଦୁଲିପ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଘୋଷିତ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଝାଡ଼ଖଣ୍ଡର ଅନ୍ତର୍ଜାତୀୟ କ୍ରିକେଟର ଇଶାନ କିଶାନ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେବେ। ଏହାଛଡ଼ା ଓଡ଼ିଶାର ଆଉ ୨ ଖେଳାଳି ଆଶୀର୍ବାଦ ସ୍ୱାଇଁ ଏବଂ ସ୍ୱସ୍ତିକ ସାମଲ ଦଳର ଷ୍ଟାଣ୍ଡବାଏ ତାଲିକାରେ ରହିଛନ୍ତି। ୨୭ବର୍ଷୀୟ ଅଲରାଉଣ୍ଡର ସନ୍ଦୀପଙ୍କୁ ଗତ ସିଜନରେ ରାଜ୍ୟ ଦଳର ନେତୃତ୍ୱ ମିଳିଥିଲା। ରଣଜୀ ଟ୍ରଫିର କେବଳ ଶେଷ ଦୁଇ ମ୍ୟାଚ୍‌ରେ ସେ ନେତୃତ୍ୱ ନେଇଥିଲେ। ତେବେ ସିଜନରେ ସନ୍ଦୀପ ଓଡ଼ିଶା ନିମନ୍ତେ ସର୍ବାଧିକ ରନ ସଂଗ୍ରହକାରୀ ରହିଥିଲେ। ସେ ୬ଟି ମ୍ୟାଚ୍‌ରୁ ୪୩୫ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ରହିଥିଲା। ନବାଗତ ଯୁବ ୱିକେଟକିପର ଆଶୀର୍ବାଦ ସ୍ୱାଇଁ ଏବଂ ଓପନିଂ ବ୍ୟାଟର ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପଶ୍ଚିମାଞ୍ଚଳର ଦଳରେ ୭ ମୁମ୍ବଇ ଖେଳାଳି

ମୁମ୍ବଇ, ୧।୮ (ଏଜେନ୍ସି): ସମ୍ମାନଜନକ ଦୁଲୀପ୍ ଟ୍ରଫିରୁ ବିସିସିଆଇର ଚଳିତ ଘରୋଇ ସିଜନ ଆରମ୍ଭ ହେବ। ଅଗଷ୍ଟ ୨୮ରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଶୁକ୍ରବାର ପଶ୍ଚିମାଞ୍ଚଳ ଦଳ ଘୋଷଣା ହୋଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ଘୋଷିତ ୧୫ ଜଣିଆ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସ୍ଥାନୀୟ ଶରଦ ପାୱାର ଇଣ୍ଡୋର କ୍ରିକେଟ୍ ଏକାଡେମୀରେ ବସିଥିବା ଚୟନ ବୈଠକରେ ମୁମ୍ବାଇର ସର୍ବାଧିକ ୭ଜଣ ଖେଳାଳିଙ୍କୁ ଦଳରେ ନିଆଯାଇଛି। ସେହିଭଳି ଗୁଜରାଟର ୪ଜଣ ଏବଂ ମହାରାଷ୍ଟ୍ର ଓ ସୌରାଷ୍ଟ୍ରର ୨ଜଣ ଲେଖାଏ ଖେଳାଳି ପଶ୍ଚିମାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ଅଧିନାୟକ ଶାର୍ଦ୍ଦୁଳଙ୍କ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ, ଶ୍ରେୟାସ ଆୟର, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ, ତନୁଷ କୋଟିଆନ ଓ ସାମ୍ସ ମୁଲାନୀ ମୁମ୍ବଇର ରହିଛନ୍ତି।

## ଖଲିଦ ଜାମିଲ ଭାରତୀୟ ଫୁଟ୍‌ବଲ ଦଳର ନୂଆ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୧।୦୮: ପୂର୍ବତନ ମଧ୍ୟଭାଗ ଖେଳାଳି ଖଲିଦ ଜାମିଲ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ଓ ଟେକ୍‌ନିକାଲ କମିଟି ଜାମିଲଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଫଳରେ ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ପଦ ମଣ୍ଡନ କରିଛନ୍ତି। ଶେଷଥର ଲାଗି ୨୦୧୧-୧୨ରେ ସାଭିଓ ମେଡେଇରା ଭାରତୀୟ ଭାବେ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ସ୍ପେନର ମନୋଲୋ ମରକ୍ୟୁଜଙ୍କ ଇସ୍ତଫା ପରେ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଖାଲି ପଡ଼ିଥିଲା। ୪୮ ବର୍ଷୀୟ ଜାମିଲ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଭାରତୀୟ ଦଳ ପାଇଁ ୪୦ ମ୍ୟାଚ୍ ଖେଳି ୪ଟି ଗୋଲ୍ ଦେଇଥିଲେ। ସେ ମଧ୍ୟ ମହିନ୍ଦ୍ରା ୟୁନାଇଟେଡ୍, ଏୟାର ଇଣ୍ଡିଆ ଓ ମୁମ୍ବାଇ ପକ୍ଷରୁ ଘରୋଇ ପ୍ରତିଯୋଗିତା ଖେଳିଥିଲେ। ଅବସର ପରେ ସେ ୨୦୦୯ରୁ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫ୍‌ସିର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜାମସେଦପୁର ୨୦୨୩-୨୪ ସିଜନରେ ସୁପର୍ କପ୍‌ରେ ଉପବିଜେତା ରହିଥିଲା।

## ଫିଡେ ରେଟିଂ: ଶୀର୍ଷ-୧୫ରେ ଦିବ୍ୟା



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା କ୍ଲାସିକ ଚେସ୍ ର୍ୟାଙ୍କିଂଗ୍‌ରେ ବିଶ୍ୱକପ୍ ବିଜୟିନୀ ଦିବ୍ୟା ଦେଶମୁଖ ଶୀର୍ଷ-୧୫ ମଧ୍ୟକୁ ପ୍ରବେଶ କରିଛନ୍ତି। ନିକଟରେ ଜର୍ଜିଆରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୧୯ ବର୍ଷୀୟା ଦିବ୍ୟା ଚାମ୍ପିଅନ ହୋଇଥିଲେ। ଏହି ସଫଳତା ପାଇବା ପରେ ସେ ତାଙ୍କ କ୍ୟାରିୟରର ପ୍ରଥମଥର ଲାଗି ଶୀର୍ଷ-୧୫ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଦିବ୍ୟାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୨୪୭୮ ରହିଛି। ବିଶ୍ୱକପ୍ ଜିତିବା ପୂର୍ବରୁ ସେ ୧୮ତମ ସ୍ଥାନରେ ରହିଥିଲେ। ସେହିଭଳି ଶୀର୍ଷ-୧୫ରେ ଆଉ ଦୁଇଜଣ ଭାରତୀୟ ରହିଛନ୍ତି। ସେମାନେ ହେଲେ ହମ୍ପି (୨୫୩୫ ରେଟିଂ) ଓ ହାରିକା ଦ୍ରୋନାଭାଲି (୨୪୮୭)। ହମ୍ପି ର୍‌ୟାଙ୍କିଂଗର ୬ଷ୍ଠ ଓ ହାରିକା ୧୨ତମ ସ୍ଥାନ ଲାଭ କରିଛନ୍ତି। ମହିଳା ର୍‌ୟାଙ୍କିଂଗ୍‌ରେ ଚାଇନା ଖେଳାଳିଙ୍କ ଦବ୍‌ଦବା ପୂର୍ବଭଳି ରହିଛି। ପ୍ରଥମ ୫ଟି ସ୍ଥାନରେ ଚାଇନାର ଖେଳାଳିମାନେ ହିଁ ରହିଛନ୍ତି। ୨୬୦୭ ରେଟିଂ ପଏଣ୍ଟ ସହ ହୋଇ ୟିଫାନ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅପରପକ୍ଷରେ ଓପନ୍ କାଟାଗୋରୀରେ ନରୱେର ତାରକା ଖେଳାଳି ମାଗ୍ନସ କାର୍ଲସେନ ଶୀର୍ଷରେ ପୂର୍ବଭଳି ଅପରିବର୍ତ୍ତିତ ରହିଛନ୍ତି।

## ୱେଷ୍ଟଇଣ୍ଡିଜର କ୍ରମାଗତ ୯ମ ପରାଜୟ

ଫ୍ଲୋରିଡା, ୧।୮ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ୱେଷ୍ଟଇଣ୍ଡିଜ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଓପନର୍ ସମିମ ଆୟୁବଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୮ ରନ କରିଥିଲା। ବାମହାତୀ ବ୍ୟାଟର୍ ସମିମ୍ ୫ ଚୌକା ଓ ୨ ଛକା ସହ ୩୮ ବଲରୁ ସର୍ବାଧିକ ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକର ଜମାନ ୨୮, ହାସନ ନୱାଜ ୨୪, ଫହିମ୍ ଅସ୍ରଫ୍ ୧୬ ଓ ଅଧିନାୟକ ସଲମନ ଆଘା ୧୧ ରନ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ସାମରା ଜୋଶେଫ ୩ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ପାଇଁ ଜନସନ ଚାର୍ଲସ ଓ ଜ୍ୱେଲ ଆଣ୍ଡ୍ରିଉ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ତେବେ ଉଭୟ ୩୫ ରନ ଲେଖାଏ କରି ଆଉଟ୍ ହେବାପରେ ମଧ୍ୟକ୍ରମରେ କୌଣସି ବ୍ୟାଟର୍ ଉପଯୋଗୀ ପାଳି ଖେଳିପାରି ନ ଥିଲେ। ତେବେ ଅବିଭକ୍ତ ୮ ୱିକେଟ୍ ଭାଗୀଦାରିରେ ଜାସନ ହୋଲ୍ଡର ଓ ସାମରା ୨୩ ବଲରୁ ୫୪ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୧୫ ରନ ଦୂରରେ ରହିଯାଇଥିଲା। ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ୧୬୪ ରନ କରିବାକୁ ସମର୍ଥ ହୋଇଥିଲା। ୪ ଛକା ସହ ହୋଲ୍ଡର ୧୨ ବଲରୁ ୩୦ ରନ ଓ ସାମରା ୧୨ ବଲରୁ ୨୧ ରନ କରି ଅପରାଜିତ ରହିଥିଲେ। ବିଜୟୀ ପାକିସ୍ତାନର ମହମ୍ମଦ ନୱାଜ ୩ ଓ ସମିମ ୨ଟି ୱିକେଟ୍ ପାଇଥିଲେ। ଅଲ୍‌ରାଉଣ୍ଡ ସଫଳତା ଲାଗି ଆୟୁବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହି ପରାଜୟ ସହ ୱେଷ୍ଟଇଣ୍ଡିଜ ଚଳିତ ସିଜନରେ କ୍ରମାଗତ ୯ଟି ମ୍ୟାଚରେ ପରାସ୍ତ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଟି-୨୦ ଓ ୩ଟି ଟେଷ୍ଟ ହାରିଥିଲା।

### ସାହାଣୀ କପ୍ ଫାଇନାଲ

## ପ୍ରଥମ ମୁକାବିଲାରେ କଟକ ବିଜୟୀ



କଟକ,୧।୮ (ସମିସ)

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲ ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ସମ୍ବଲପୁର ଏବଂ କଟକ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ (ପର୍ଯ୍ୟାୟ) ମୁକାବିଲାରେ କଟକ ୧-୦ ଗୋଲରେ ବିଜୟୀ ହୋଇ ଟାଇଟଲର ନିକଟତର ହୋଇଛି। ୨୦ତମ ମିନିଟରେ ପାରାଓ ଟୁଡୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆସନ୍ତା ୩ ତାରିଖରେ କେନ୍ଦୁଝର ଜୋନ୍‌ରେ ଫାଇନାଲର ୨ୟ ଲେଗ୍ ମୁକାବିଲା ଖେଳାଯିବ। ଏହାପରେ ଦୁଇ ମ୍ୟାଚର ଫଳାଫଳକୁ ନେଇ ବିଜେତା ଦଳ ଘୋଷଣା କରାଯିବ। ଆଜି ଫାଇନାଲ ମ୍ୟାଚ୍‌ରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ରଘୁନାଥ ଜଗଦଳ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ, ଫାଓ ଉପସଭାପତି ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ମାକାଉ ଓପନ୍

## ଲକ୍ଷ୍ୟ, ତରୁଣ ସେମିରେ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନେପାଲ୍ଲି ମାକାଉ ଓପନ୍ ପ୍ରତିଯୋଗିତାରେ ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ଉଭୟ ସହଜ ବିଜୟ ହାସଲ ସହ ଅଗ୍ରଗତି କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ସେନ୍ ୨୧-୧୪, ୧୮-୨୧, ୨୧-୧୪ ଗେମ୍‌ରେ ଚାଇନାର ଜୁଆନ୍ ଚେନ୍‌ଙ୍କୁ କ୍ୱାର୍ଟରରେ ହରାଇଥିଲେ। ସେହିଭଳି ୨୩ ବର୍ଷୀୟ ଉଦୀୟମାନ ଖେଳାଳି ତରୁଣ ୨୧-୧୨, ୧୩-୨୧, ୨୧-୧୮ ରେ ଅନ୍ୟତମ ଚାଇନା ଖେଳାଳି ହୁ ଝେ'ଙ୍କୁ ମାତ୍ ଦେଇଥିଲେ।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR, KHORDHA - 752054
Permitted by Govt. of Odisha & Affiliated to Utkal University
Reputed Institute of 26 years providing regular programmes
+3 Arts (Hons)
+3 Science (Hons)
+3 Commerce (Hons)
M.Com. (F&C)
M.Com. (Traditional)
M.Sc. (CS, Phy., Chem., Biotech)
MPMIR
MSW
Excellent Placement Opportunities and Skill Development Programme is an added advantage, Flexible in fee payment
Contact : 9040004375, 9778899990, 9778899991

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS